CMYK

* Vol.- 46, Issue No. 180
* Tuesday, 29 September 2026
* ମଙ୍ଗଳବାର,୨୯ ସେପ୍ଟେମ୍ବର ୨୦୨୬
* Bhubaneswar
* Price: Rs. 3.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### ବିଧାନସଭାରେ ସିଏଜିଙ୍କ ଦ୍ୱାରା ୬ ଅଡିଟ୍ ରିପୋର୍ଟ ଉପସ୍ଥାପିତ

# ପୂର୍ବ ସରକାରରେ ଡିଏମଏଫ୍ ପାଣ୍ଠିର ହରିଲୁଟ



ଭୁବନେଶ୍ୱର,୨୮।୯:ରାଜ୍ୟ ବିଧାନସଭାରେ ସୋମବାର ସିଏଜିଙ୍କ ଦ୍ୱାରା ମୋଟ ୬ଟି ଅଡିଟ୍ ରିପୋର୍ଟ ଉପସ୍ଥାପିତ ହୋଇଛି। ଏ ସଂକ୍ରାନ୍ତରେ ସାମ୍ବାଦିକ ସମ୍ମିଳନୀ କରି ପ୍ରଧାନ ମହାଲେଖାକାର ସୁବୁ. ଆର, ମହାଲେଖାକାର ଅତୁଲ ପ୍ରକାଶ,ବରିଷ୍ଠ ଉପ ମହାଲେଖାକାର ଭରତ ଚନ୍ଦ୍ର ବେହେରା, କେ. ମଧୁବାଳା, ଉପ ମହାଲେଖାକାର ସଞ୍ଜୟ କୁମାର, ଏନ. ବାଳକିଷ୍ଣା ପ୍ରମୁଖ ତଥ୍ୟ ଉପସ୍ଥାପନ କରିଛନ୍ତି। ପୂର୍ବ ବିଜେଡି ସରକାରଙ୍କ ଶାସନକାଳରେ ଡିଏମଏଫ ପାଣ୍ଠିର ହରିଲୁଟଠାରୁ ଆରମ୍ଭ କରି କୋଭିଡ୍ , ଷ୍ଟାଡିୟମ ଓ ପାର୍କ ନାଁରେ କୋଟି କୋଟି ଟଙ୍କାର ବେଆଇନ ଖର୍ଚ୍ଚ, ଖଣି ପ୍ରଭାବିତ ଲୋକେ କିଭଳି ଉପେକ୍ଷିତ ସେ ସଂକ୍ରାନ୍ତ

## ୫-ଟି ସ୍କୁଲ ରୂପାନ୍ତରଣରେ ବି ଅନିୟମିତତା

ତଥ୍ୟ ରଖିଛନ୍ତି। ଖଣି ଖନନ ଯୋଗୁଁ ନିଜର ଭିଟାମାଟି, ଜଳ, ଜଙ୍ଗଲ ଓ ସ୍ୱାସ୍ଥ୍ୟ ହରାଇ ବର୍ଷବର୍ଷ ଧରି ଧୂଳିଧୂଆଁରେ ଜୀବନ ବିତାଉଥିବା ଲୋକଙ୍କ କଲ୍ୟାଣ ପାଇଁ ଗଠିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ପାଣ୍ଠିରେ ବ୍ୟାପକ ଅନିୟମିତତା ହୋଇଛି। ୨୦୨୪ ମାର୍ଚ୍ଚ ସୁଦ୍ଧା ଡିଏମଏଫ ପାଣ୍ଠି ଖର୍ଚ୍ଚର ବ୍ୟାପକ ଅନିୟମିତତା ଓ ହରିଲୁଟ କରାଯାଇଥିବା ଦର୍ଶାଯାଇଛି। ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି ଯେ , ଓଡ଼ିଶାରେ ୨୦୧୫-୧୬ରୁ ୨୦୨୩-୨୪ ମଧ୍ୟରେ ୩୦ଟି ଜିଲ୍ଲାର ଡିଏମଏଫ ପାଣ୍ଠିକୁ ପ୍ରାୟ ୨୬୬୦୨.୬୬ କୋଟି ଟଙ୍କା ଆସିଥିବାବେଳେ ସେଥିରୁ ପ୍ରାୟ ୨୫୯୬୯.୮୭ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଥିଲା, ମାତ୍ର ବାସ୍ତବରେ ମାତ୍ର ୧୫୮୧୭.୫୬ କୋଟି ଟଙ୍କା (ପ୍ରାୟ ୫୯.୪୬%) ଖର୍ଚ୍ଚ ହୋଇପାରିଛି। ଡିଏମଏଫ ପାଣ୍ଠିର ଦୁରୁପଯୋଗ ଓ ହରିଲୁଟର ବିସ୍ତୃତ ତଥ୍ୟ ଦେଇ ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ରାଉରକେଲାରେ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ନିର୍ମାଣ ନିମନ୍ତେ ସୁନ୍ଦରଗଡ଼ ଡିଏମଏଫ ପାଣ୍ଠିରୁ ବେଆଇନ ଭାବେ ୧୩୬.୭୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି, ଯାହା ପିଏମକେକେକେୱାଇ ନିୟମାବଳୀର ସମ୍ପୂର୍ଣ୍ଣ ବିରୁଦ୍ଧ । କାରଣ ଏହି ଷ୍ଟାଡିୟମ ଖଣି ଖନନ ଦ୍ୱାରା କ୍ଷତିଗ୍ରସ୍ତ ଗ୍ରାମୀଣ ଲୋକଙ୍କ କୌଣସି ପ୍ରତ୍ୟକ୍ଷ କଲ୍ୟାଣ କିମ୍ବା ଥଇଥାନ କାର୍ଯ୍ୟରେ ଆସୁନାହିଁ। ଦ୍ୱିତୀୟତଃ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ପରିବେଶ ସୁରକ୍ଷା ଓ ଜୀବିକା ନାଁରେ ମଡେଲ ରୁରାଲ ପାର୍କ, ବନ ବାଟିକା, ଗ୍ରାମ ଉଦ୍ୟାନ ଓ ଇକୋ-ରିଟ୍ରିଟ ସେଣ୍ଟର ନିର୍ମାଣ ପାଇଁ ୧୦୧.୧୭ କୋଟି ଟଙ୍କା ମଞ୍ଜୁର କରାଯାଇ ୫୧.୭୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ହେଁ ୧୨୬ଟି ଯାକ ପ୍ରକଳ୍ପ ଅଧାପନ୍ତରିଆ ଓ ଅଚଳ ହୋଇ ପଡ଼ିରହିବା ସହ ସରକାରୀ ଟଙ୍କା ନଷ୍ଟ ହୋଇଛି। ସେହିପରି ଢେଙ୍କାନାଳ, ସୁନ୍ଦରଗଡ଼ ଓ ନବରଙ୍ଗପୁରରେ ମଧ୍ୟ ଭାଗବତ ମଣ୍ଡପ, କଟେଜ୍, ମନ୍ଦିର ଉନ୍ନୟନ ଓ ପିକନିକ୍ ସ୍ପଟ୍ ନାଁରେ ଆହୁରି ୧୬.୫୪ କୋଟି ଟଙ୍କାର ବେଆଇନ ଭାବେ ଖର୍ଚ୍ଚ କରାଯାଇଛି। ବିଧାନସଭାରେ ଏହି ଅଡିଟ୍ ରିପୋର୍ଟ ଉପସ୍ଥାପନ କାଳରେ ୫ଟି ସ୍କୁଲ ରୂପାନ୍ତରଣରେ କିଛି ଇ-କଣ୍ଟେଣ୍ଟ ଓ ଶିକ୍ଷା ସାମଗ୍ରୀ ଲାଗି ୨ ଥର ଅର୍ଥ ଖର୍ଚ୍ଚ କରାଯାଇଥିବା ଓ ଅନ୍ୟାନ୍ୟ ଅନିୟମିତତା ସଂକ୍ରାନ୍ତ ତଥ୍ୟ ରଖାଯାଇଛି।

# ସରିଲା ମୌସୁମୀ ଅଧିବେଶନ

* ୯ ଦିନରୁ ଚାଲିଲା ୫ ଦିନ, ପାରିତ ହୋଇଛି ୪ ବିଲ୍
* ପଞ୍ଚମ କାର୍ଯ୍ୟଦିବସରେ ବି ବିରୋଧୀଙ୍କ ହଙ୍ଗାମା



ଭୁବନେଶ୍ୱର,୨୮।୯:ସମୟ ପୂର୍ବରୁ ସରିଛି ମୌସୁମୀ ଅଧିବେଶନ, ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବି ଘୋଷଣା କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ । ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବାର ଥିଲା । ବନ୍ୟା ସ୍ଥିତିକୁ ଦେଖି ମୁଲତବି ପ୍ରସ୍ତାବ ମଧ୍ୟ ଆଣିଥିଲେ ସରକାରୀ ଦଳ ମୁଖ୍ୟ ସଚେତକ । ୯ ଦିନିଆ ମୌସୁମୀ ଅଧିବେଶନରେ ମାତ୍ର ୫ଟି କାର୍ଯ୍ୟଦିବସରେ ବିଧାନସଭା ବସିପାରିଥିଲା । ଏହି ସମୟ ମଧ୍ୟରେ ପ୍ରଶ୍ନକାଳ ନିୟମିତ ଭାବେ ଚାଲିପାରିନଥିଲା । ଅଧିବେଶନର ପ୍ରଥମ ଦିନରୁ ହିଁ ପାଠ୍ୟପୁସ୍ତକରେ ତ୍ରୁଟି ଓ ଏମ୍ଏମ୍‌ଡିଆର୍ ସଂଶୋଧନ ଆଇନକୁ ନେଇ ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ଆରମ୍ଭ ହୋଇଥିଲା । ଫଳରେ ବାରମ୍ବାର ଗୃହ ମୁଲତବି ରହିଥିଲା । ବିଶେଷକରି ଏମ୍ଏମ୍‌ଡିଆର ସଂଶୋଧନ ଆଇନକୁ ନେଇ କଂଗ୍ରେସ ଓ ବିଜେଡି ସଦସ୍ୟମାନେ ଗୃହରେ ପ୍ରତିବାଦ କରିଥିଲେ । ସଦସ୍ୟମାନେ ପୋଷ୍ଟର ଓ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ଆସିବାରୁ ପ୍ରଶ୍ନକାଳ ଓ ଶୂନ୍ୟକାଳ ପ୍ରଭାବିତ ହୋଇଥିଲା । ସେପ୍ଟେମ୍ବର ୨୩ରେ ମଧ୍ୟ ଲଗାତାର ଦ୍ୱିତୀୟ ଦିନ ପାଇଁ ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବି ପ୍ରସ୍ତାବ ଉପରେ ଆଲୋଚନା ହୋଇପାରିନଥିଲା । ଅଧିବେଶନରେ ମୋଟ ୫ଟି କାର୍ଯ୍ୟ ଦିବସରେ ମାତ୍ର ୪ଟି ବିଲ୍ ପାରିତ ହୋଇଥିଲା । ସେଗୁଡ଼ିକ ହେଉଛି ଓଡ଼ିଶା ଷ୍ଟେଟ୍ ପ୍ରଫେସନ୍ସ, ଟ୍ରେଡ୍ସ, କଲିଙ୍ଗ୍ସ ଆଣ୍ଡ ଏମ୍ପ୍ଲୟମେଣ୍ଟସ୍ ଟ୍ୟାକ୍ସ ବିଲ୍ ୨୦୨୬, ଇଣ୍ଡିଆନ୍ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ) ବିଲ୍ ୨୦୨୬ ଏବଂ ଓଡ଼ିଶା ଜନବିଶ୍ୱାସ ବିଲ୍ ୨୦୨୬ । ସୋମବାର ଅଧିବେଶନର ପଞ୍ଚମ କାର୍ଯ୍ୟ ଦିବସରେ ମଧ୍ୟ ଏମ୍‌ଏମ୍‌ଡିଆର ଆଇନକୁ ନେଇ ବିରୋଧୀଙ୍କ ହଙ୍ଗାମା ଜାରି ରହିଥିଲା ।

# ନିବେଶକ ହରାଇଲେ ୬ ଲକ୍ଷ କୋଟି



ମୁମ୍ବାଇ,୨୮।୯: ଶେୟାର ମାର୍କେଟରେ ସୋମବାର ଘଟିଛି ବଡ଼ ବିପର୍ଯ୍ୟୟ। ଦ୍ରୁତ ବିକ୍ରି ଯୋଗୁଁ ନିବେଶକମାନେ ସହିଛନ୍ତି ବଡ଼ କ୍ଷତି। ସେମାନଙ୍କୁ ସବୁ କ୍ଷେତ୍ରରେ ସହିବାକୁ ପଡ଼ିଛି କ୍ଷତି। ବିଭିନ୍ନ ଶେୟାରଗୁଡ଼ିକର ଦ୍ରୁତ ବିକ୍ରି ଯୋଗୁଁ ଏପରି ଏକ ସ୍ଥିତି ଦେଖିବାକୁ ମିଳିଛି। ବିଏସଇ ସେନସେକ୍ସ ୧୧୪୮.୩୨ ପଏଣ୍ଟ ବା ୧.୫୫% ହ୍ରାସ ପାଇଛି। ବର୍ତ୍ତମାନ ସେନସେକ୍ସ ୭୨,୭୪୭.୪୨ ରହିଛି। ସେହିପରି ଏନଏସ୍ଇ ନିଫ୍ଟୀ୫୦ ସିଧା ୩୬୧.୩୦ ପଏଣ୍ଟ ବା ୧.୫୬% ଖସି ଯାଇଛି। ପ୍ରଥମେ ଏହା ୨୨,୭୬୨.୨୦ରେ ଥିଲା। କିନ୍ତୁ ମାର୍କେଟ ବନ୍ଦ ହେବା ବେଳକୁ ଏହା ୨୨,୭୭୯.୨୦ ରହିଛି।ବ୍ୟାଙ୍କ, ଆର୍ଥିକ ସେବା, ଶକ୍ତି, ଅଟୋ ମୋବାଇଲ୍, ଭିତ୍ତିଭୂମି ଓ ଗ୍ରାହକ ଷ୍ଟକ ଭଳି ସବୁ କ୍ଷେତ୍ରରେ ବିପୁଳ ଶେୟାର ବିକ୍ରି ଯୋଗୁଁ ବଜାରରେ ହଇଚଇ ଦେଖାଯାଇଛି।

### ଅକ୍ଟୋବର ପହିଲାରେ ଦୁଇ ରାଜ୍ୟ ବୈଠକ

# ଶାହ ତୁଟାଇବେ ମହାନଦୀ କଳି !



ଭୁବନେଶ୍ୱର,୨୮।୯: ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ମହାନଦୀ ଜଳ ବିବାଦର ସମାଧାନ ନେଇ ପୁଣି ଥରେ ଆଶା ସଞ୍ଚାର ହୋଇଛି । ବିବାଦର ଆଇନଗତ ପ୍ରକ୍ରିୟା ସହ ସମାନ୍ତରାଳ ଭାବେ ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ଓ ବୈଷୟିକ ସ୍ତରରେ ସମାଧାନର ବାଟ ଖୋଜାଯାଉଛି। ଟ୍ରିବ୍ୟୁନାଲରେ ଆସନ୍ତା ଅକ୍ଟୋବର ୧୫ ତାରିଖରେ ମହାନଦୀ ଜଳ ବିବାଦର ପରବର୍ତ୍ତୀ ଶୁଣାଣି ହେବ । ଏହା ପୂର୍ବରୁ ଅକ୍ଟୋବର ୧ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ବୈଠକ ହେବାକୁ ଥିବା ନେଇ ସୂଚନା ଦେଇଛନ୍ତି ଆଡଭୋକେଟ୍ ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟ । ବୈଠକରେ ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ମଧ୍ୟ ସାମିଲ ହେବେ । ବୈଠକରେ ମହାନଦୀ ଜଳ ବଣ୍ଟନକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଚାଲିଥିବା ଆଲୋଚନା ଓ ସମାଧାନର ସମ୍ଭାବ୍ୟ ଢାଞ୍ଚା ଉପରେ ଚର୍ଚ୍ଚା ହେବା ଆଶା କରାଯାଉଛି।

# ୟୁପିଆଇ ଚାର୍ଜ ଉପରେ ରୋକ ଲଗାଇବାକୁ ମନା

* ୪ ସପ୍ତାହରେ ଦିଅ ସତ୍ୟପାଠ ★ କିଏ ପାଇବେ ଆର୍ଥିକ ଲାଭ ?
* କେନ୍ଦ୍ର ଓ ରିଜର୍ଭବ୍ୟାଙ୍କ ଠାରୁ ଜବାବ ଲୋଡ଼ିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୮।୯: ୟୁପିଆଇକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଛନ୍ତି। ଲକ୍ଷ ଲକ୍ଷ ଡିଜିଟାଲ୍ ବ୍ୟବହାରକାରୀ ଏବଂ ବ୍ୟବସାୟୀଙ୍କ ସହିତ ଜଡିତ ଏକ ପ୍ରମୁଖ ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ୨,୦୦୦ ରୁ ଅଧିକ ମୂଲ୍ୟର ୟୁପିଆଇ ବାଣିଜ୍ୟ ପେମେଣ୍ଟ ଉପରେ ୦.୪ପ୍ରତିଶତ ବାଣିଜ୍ୟ ରିହାତି ହାର (ଏମଡିଆର) ଲାଗୁ କରିବାର ନିଷ୍ପତ୍ତି ଉପରେ ଅନ୍ତରୀଣ ସ୍ଥଗିତାଦେଶ ଦେବାକୁ ସ୍ପଷ୍ଟ ଭାବରେ ମନା କରି ଦେଇଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଭାରତୀୟ ଜାତୀୟ ପେମେଣ୍ଟ କର୍ପୋରେସନ (ଏନପିସିଆଇ)କୁ ନୋଟିସ ଜାରି କରି ୪ ସପ୍ତାହରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ୨,୦୦୦ ରୁ ଅଧିକ ମୂଲ୍ୟର କିଛି ୟୁପିଆଇ କାରବାର ଉପରେ ଏମଡିଆର ଲାଗୁ କରିବାର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଏକ ଆବେଦନ ସମୟରେ ଏହି ସମସ୍ୟା ଉପୁଜିଥିଲା। ୟୁପିଆଇ ଚାର୍ଜ ଉପରେ ରୋକ ଲଗାଇବାକୁ ସୁପ୍ରିମକୋର୍ଟ ମନା କରିଛନ୍ତି। ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ(ବ୍ୟକ୍ତିରୁ ବ୍ୟବସାୟୀ ଆଧାରିତ) ବା ଏମଡିଆର୍ ଲାଗୁ କରିବା ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ କୌଣସି ସ୍ଥଗିତାଦେଶ ଜାରି କରିବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏନ. ଭେଙ୍କଟରମନ କହିଥିଲେ, ଏହି ମାଧ୍ୟମକୁ ବ୍ୟବହାର କରୁଥିବା ୯୬ ପ୍ରତିଶତ ଲୋକ ଏହି ଦେୟରୁ ମୁକ୍ତ ଅଛନ୍ତି । ଖଣ୍ଡପୀଠ ମତ ଦେଇଥିଲେ ଯେ, ଏହା ଆଇନଗତ ବିଷୟ ଅପେକ୍ଷା ଅଧିକ ବୈଷୟିକ ପ୍ରସଙ୍ଗ ଅଟେ । ଡିଜିଟାଲ ପେମେଣ୍ଟ ଇକୋସିଷ୍ଟମରେ ଏହି ଶୁଳ୍କ ପ୍ରଚଳନ କରିବା ପଛରେ କ'ଣ ନିୟମ ଅଛି ଏବଂ ଏହାର ଆର୍ଥିକ ଲାଭ କିଏ ପାଇବ ତାହା ଖଣ୍ଡପୀଠ ପଚାରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, କୌଣସି ଉପଯୁକ୍ତ ଆଲୋଚନା ବିନା ହିଁ ଏହି ନିୟମକୁ ଅଣାଯାଇଛି ଏବଂ ଏହାକୁ ଲାଗୁ କରିବା ସମୟରେ ଆବଶ୍ୟକ ଆଇନଗତ ପ୍ରକ୍ରିୟା ପାଳନ କରାଯାଇ ନାହିଁ। ଏହି ନିଷ୍ପତ୍ତି ଫଳରେ କ୍ଷୁଦ୍ର ବ୍ୟବସାୟୀଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ।

### ॥ ମହାନଦୀରେ ବଢୁଛି ଜଳସ୍ତର ॥

# ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା

## ରାଜ୍ୟରେ ବନ୍ୟା ପ୍ରଭାବିତ ହୋଇଛି ୨୬ ଜିଲ୍ଲା

ଭୁବନେଶ୍ୱର,୨୮।୯: ରାଜ୍ୟରେ ୨୬ ଜିଲ୍ଲା ବନ୍ୟାରେ ଅଳ୍ପ ବହୁତେ ପ୍ରଭାବିତ ହୋଇଛି । ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି, ୨୦୫ଟି ବ୍ଲକର ୧୩୬୦ ପଞ୍ଚାୟତର ୬୮୩୪ ଗାଁ ପ୍ରଭାବିତ ହୋଇଛି । ୩୮ଟି ୟୁଏଲବିର ୨୧୯ଟି ୱାର୍ଡ ମଧ୍ୟ ବନ୍ୟାରେ ପ୍ରଭାବିତ ହୋଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସ୍ଥିତିରେ ସୁଧାର ଆଶା କରୁଛୁ ।

ସମ୍ବଲପୁର/ଭୁବନେଶ୍ୱର,୨୮।୯: ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରକୁ ପ୍ରାୟ ୬ ଲକ୍ଷ ଘନଫୁଟ୍ ପାଣି ପ୍ରତି ସେକେଣ୍ଡରେ ପ୍ରବେଶ କରୁଥିବା ବେଳେ ୩୦ ଟି ଗେଟ୍ ମାଧ୍ୟମରେ ଅବାରିତ ଜଳ ନିଷ୍କାସନ ଜାରି ରହିଛି। ଫଳରେ ଅନେକ ତଳିଆ ଅଞ୍ଚଳରେ ପ୍ରବଳ ମାତ୍ରାରେ ବନ୍ୟାଜଳ ପ୍ରବେଶ କରିଛି । ଏପରିକି ଆଖପାଖ ଅଞ୍ଚଳର କେତେକ ସ୍ଥାନ ବୁଡ଼ିଯାଇଥିବା ବେଳେ ସମ୍ବଲପୁର, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ହୀରାକୁଦରୁ ନିଷ୍କାସିତ ବନ୍ୟାଜଳ କଟକ ଜିଲ୍ଲାରେ ପହଞ୍ଚିବା ବେଳକୁ ମଙ୍ଗଳବାର ସକାଳ ୧୦ଟାରୁ ୧୨ଟା ମଧ୍ୟରେ ପ୍ରାୟ ୮ ଲକ୍ଷରୁ ଉର୍ଦ୍ଧ୍ୱ ଘନଫୁଟ୍ ପାଣି ଥିବା ଆକଳନ କରାଯାଉଛି। ରାତିରେ ମହାନଦୀ ବନ୍ୟାଜଳ ମୁଣ୍ଡୁଳିରେ ପହଞ୍ଚିଛି। ମହାନଦୀ ଅବବାହିକାର ବିଭିନ୍ନ ଜିଲ୍ଲାର ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ଦେଖାଦେଇଛି। ସମ୍ବଲପୁର, ସୁବର୍ଣ୍ଣପୁର, ଅନୁଗୁଳ ଓ କଟକ ସମେତ ବିଭିନ୍ନ ଜିଲ୍ଲାର ତଳିଆ ଅଞ୍ଚଳରେ ପାଣି ପଶିବା ଆରମ୍ଭ ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଉପକୂଳବର୍ତ୍ତୀ ସମସ୍ତ ଜିଲ୍ଲା ପ୍ରଶାସନ କଡ଼ା ନଜର ରଖିଛି। ବିଶେଷକରି ରାସ୍ତା, ବ୍ରିଜ୍ ଓ ତଳିଆ ଅଞ୍ଚଳରେ ଲୋକଙ୍କ ଯାତାୟାତ ଉପରେ ପ୍ରଶାସନ ନଜର ରଖିଛି। ଏପରିକି ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ହାଇଆଲର୍ଟ ଜାରି କରାଯାଇଛି। ହୀରାକୁଦ ଜଳଭଣ୍ଡାରରୁ ପର୍ଯ୍ୟାୟକ୍ରମେ ଅଧିକ ଗେଟ୍ ଖୋଲାଯାଉଥିବାରୁ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ରହିବା ସହ ନଦୀ ଓ ଜଳ ପ୍ରବାହିତ ଅଞ୍ଚଳକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ସହ ସଚେତନ କରାଯାଇଛି।

**କଟକରେ ଆଜି ପହଞ୍ଚିପାରେ ପ୍ରାୟ ୮ ଲକ୍ଷରୁ ଉର୍ଦ୍ଧ୍ୱ ଘନଫୁଟ୍ ପାଣି**

## ସ୍ୱାଭାବିକ ବର୍ଷାରୁ ୩୦ ପ୍ରତିଶତ ଅଧିକ

### ଘୂର୍ଣ୍ଣିବଳୟ: ହାଲୁକାରୁ ମଧ୍ୟମ ବର୍ଷା ହେବ

ଭୁବନେଶ୍ୱର,୨୮।୯: ବର୍ତ୍ତମାନ ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସମୁଦ୍ର ପତ୍ତନଠାରୁ ୩.୧ରୁ ୪.୫ କିଲୋମିଟର ଉଚ୍ଚତାରେ ଏକ ଉପର ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ରହିଛି । ଏହାର ପ୍ରଭାବରେ ଆସନ୍ତା ୨ ଦିନ ଯାଏଁ ଓଡ଼ିଶାରେ ହାଲୁକାରୁ ମଧ୍ୟମ ବର୍ଷା ହେବ । ବିଶେଷକରି ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ଜୁନ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ମୋଟ ୧୪୮୩.୪ ମିମି ବର୍ଷା ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ରହିଛି ୧୧୩୮.୯ ମିମି । ଯାହା ସ୍ୱାଭାବିକ ବର୍ଷାରୁ ୩୦ ପ୍ରତିଶତ ଅଧିକା ରହିଛି । ଉତ୍ତର ଆଣ୍ଡାମାନ ସାଗର ଏବଂ ପାର୍ଶ୍ୱବର୍ତ୍ତୀ ରହିଥିବା ମିଆଁମାର ଉପକୂଳ ଉପରେ ଥିବା ସ୍ପଷ୍ଟ ଲଘୁଚାପ କ୍ଷେତ୍ରଟି ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଏକ ଅବପାତରେ ପରିଣତ ହୋଇଛି। ଦ୍ରାଘିମା ନିକଟରେ, ଅର୍ଥାତ୍ ମାୱଲାମ୍ୟାଇନ୍ (ମିଆଁମାର)ର ଦକ୍ଷିଣକୁ ପ୍ରାୟ ୧୦୦ କିମି ୟାଙ୍ଗୁନ୍ (ମିଆଁମାର)ର ଦକ୍ଷିଣ-ପୂର୍ବକୁ ୨୦୦ କିମି, କୋକୋ ଦ୍ୱୀପ (ମିଆଁମାର)ର ପୂର୍ବ-ଉତ୍ତରପୂର୍ବକୁ ୪୮୦ କିମି ଏବଂ ମାୟାବନ୍ଦର (ଆଣ୍ଡାମାନ ଦ୍ୱୀପପୁଞ୍ଜ, ଭାରତ)ର ପୂର୍ବ-ଉତ୍ତରପୂର୍ବକୁ ୫୯୦ କିମି ଦୂରରେ କେନ୍ଦ୍ରୀଭୂତ ହୋଇ ରହିଥିବା କୁହାଯାଇଛି।




CMYK

# ମା’

## ମଥା ହଲାଇ ଡାକୁଛି କାଶତଣ୍ଡୀ

ଆଶ୍ୱିନ ମାସ ଆରମ୍ଭ...ମା’ ଆସିବେ...ଘରେଘରେ ପୂଜାର ମାହୋଲ୍...ପିଠାପଣା, କିଣାବିକା ସବୁ ଆରମ୍ଭ ହୋଇଯିବ। ଗାଁଠୁ ସହର ପର୍ଯ୍ୟନ୍ତ ହୋଇଉଠିବ ଉତ୍ସବମୁଖର। କୋଉଠି ମୂର୍ତ୍ତି ତିଆରି ଆରମ୍ଭ ହେଲାଣି ତ, ଆଉ କୋଉଠି ତୋରଣ ବନ୍ଧା ଚାଲିଛି। ମା’ଙ୍କ ଅଳଙ୍କାରଗୁଡ଼ିକୁ ସଫା କରିବାରେ ବ୍ୟସ୍ତ ଅଛନ୍ତି କାରିଗର। କେବଳ ମାନବ ନୁହେଁ, ପ୍ରକୃତି ବି ସ୍ୱାଗତ କରିବାକୁ ସଜ ହୋଇଯାଇଛି।

**କାଶତଣ୍ଡୀ ଫୁଲେ ମହୀ ଦିଶଇ ଧବଳ**

କଥାରେ ଅଛି, ‘କାଶତଣ୍ଡୀ ଫୁଲେ ମହୀ ଦିଶଇ ଧବଳ, ସରୋବରେ ଫୁଟିଅଛି କୁମୁଦ କମଳ’। ମା’ଙ୍କ ଆଗମନରେ ପୁଲକିତ ଧରଣୀ ରାଣୀ। ଶସ୍ୟ ଶ୍ୟାମଳା ଧରଣୀରେ ନିଜ ପତିଆରା ବିସ୍ତାର କରି ନୀଳ ଆକାଶ ତଳେ ଖିଲିଖିଲି ହସୁଛି କାଶତଣ୍ଡୀ ଫୁଲ। ନଦୀପଠା ଠାରୁ ଆରମ୍ଭ କରି ରାସ୍ତାକଡ଼ ପର୍ଯ୍ୟନ୍ତ ସବୁଠି ଭରିଦେଇଛି ସୌନ୍ଦର୍ଯ୍ୟ। ସ୍ୱର୍ଗରୁ ମର୍ତ୍ତ୍ୟକୁ ଓହ୍ଲାଇବେ ଜଗତଜନନୀ ମା ଦୁର୍ଗା। ଚଉଦିଗରେ ଏବେ ଭରି ରହିଛି ମାଳମାଳ କାଶତଣ୍ଡୀ। ସତେ ଯେମିତି ରାସ୍ତାକଡ଼ରୁ ଦୂରଦିଗନ୍ତ ପର୍ଯ୍ୟନ୍ତ ଧରଣୀ ରାଣୀ ଘୋଡ଼େଇ ହୋଇ ବସିଛି ଧଳା ଚାଦର। ସୁଲୁସୁଲିଆ ପବନର ଦୋଳି ଖେଳୁଥିବା କାଶତଣ୍ଡୀକୁ ଦେଖି କ୍ଷଣିଏ ଅଟକି ଯାଉଛନ୍ତି ସଭିଏଁ। ଲାଗୁଛି ମଥା ହଲାଇ ହଲାଇ ମା’ଙ୍କୁ ଡାକୁଛି ଯେମିତି। ଏହିଫୁଲ ଓଡ଼ିଆ ସଂସ୍କୃତି ସହ ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ରେଖା ପଞ୍ଚମୀରେ କାଶତାଣ୍ଡି ଫୁଲର ବେଣୀ ଘର କବାଟରେ ବାନ୍ଧି ପୂଜା କରାଯାଏ। ଆଉ କାଶତଣ୍ଡୀର ତିଆରି ଚାମରରେ ମା ଦୁର୍ଗା ଧରାବତରଣ କରନ୍ତି ବୋଲି ବିଶ୍ୱାସ ରହିଛି। ଶରତ ଋତୁରେ ଆଗମନ ଠାରୁ ଆରମ୍ଭ କରି ଶାରଦୀୟ ଦୁର୍ଗାପୂଜାର ପ୍ରତୀକ କାଶତଣ୍ଡୀ ଫୁଲ ଧରାପୃଷ୍ଠରେ ନିଜ ସୌନ୍ଦର୍ଯ୍ୟ ସଦା ବିଚ୍ଛୁରିତ କରିଥାଏ।





## ପିଣ୍ଡଦାନ ଦ୍ୱାରା ‘ପ୍ରେତ ଶରୀର’କୁ ମିଳେ ସହାୟତା





ପିତୃପକ୍ଷ ଆସିଲେ ପୂର୍ବପୁରୁଷଙ୍କ ସ୍ମରଣ, ଶ୍ରାଦ୍ଧ ଓ ପିଣ୍ଡଦାନକୁ ନେଇ ବିଭିନ୍ନ ଧାର୍ମିକ ମାନ୍ୟତା ସାମ୍ନାକୁ ଆସେ। ମୃତ୍ୟୁ ପରେ ଆତ୍ମାର ଗତିକୁ ନେଇ ମଧ୍ୟ ଗରୁଡ଼ ପୁରାଣରେ ବିଭିନ୍ନ ବର୍ଣ୍ଣନା ରହିଛି। ଏହା ଅନୁସାରେ, ମୃତ୍ୟୁ ପରେ ଆତ୍ମା ନିଜ ପରିବାର ଓ ଘର ପ୍ରତି ଥିବା ମୋହ କାରଣରୁ ପୁଣିଥରେ ପରିବାର ନିକଟକୁ ଫେରିଥାଏ ବୋଲି ଧାର୍ମିକ ମାନ୍ୟତା ରହିଛି। ଗରୁଡ଼ ପୁରାଣର ବର୍ଣ୍ଣନା ଅନୁସାରେ, ମୃତ୍ୟୁ ପରେ ଯମଦୂତ ଜୀବାତ୍ମାକୁ ଯମଲୋକକୁ ନେଇଯାଆନ୍ତି। ସେଠାରେ ଆତ୍ମାର ଜୀବନରେ କରାଯାଇଥିବା ପାପ ଓ ପୁଣ୍ୟର ହିସାବ ହୁଏ। ମଣିଷର କର୍ମ ଅନୁସାରେ ତା’ର ପରବର୍ତ୍ତୀ ଗତି ନିର୍ଦ୍ଧାରିତ ହୁଏ ବୋଲି ଏହି ଧାର୍ମିକ ଗ୍ରନ୍ଥରେ ଉଲ୍ଲେଖ ଥିବା କୁହାଯାଇଛି।

### ଗରୁଡ଼ ପୁରାଣରେ ରହିଛି ରହସ୍ୟ

ତେବେ ମୃତ୍ୟୁ ପରେ ପ୍ରାୟ ୨୪ ଘଣ୍ଟା ମଧ୍ୟରେ ଆତ୍ମା ନିଜ ଘରକୁ ଫେରିଥାଏ ବୋଲି ମାନ୍ୟତା ରହିଛି। ଏହାପରେ ପ୍ରାୟ ୧୩ ଦିନର ଏକ ଗୁରୁତ୍ୱପୂର୍ଣ୍ଣ ଅବଧି ଆରମ୍ଭ ହୁଏ। ଏହି ସମୟରେ ଆତ୍ମା ନିଜ ପରିବାର, ବନ୍ଧୁ ଓ ସମ୍ପର୍କୀୟଙ୍କ ନିକଟରେ ରହି ସେମାନଙ୍କ ଶୋକକୁ ଦେଖୁଥାଏ ବୋଲି ଧାର୍ମିକ ବିଶ୍ୱାସରେ କୁହାଯାଏ।ଏହି ସମୟରେ ପରିବାର ପକ୍ଷରୁ ପିଣ୍ଡଦାନ ଓ ଅନ୍ୟାନ୍ୟ ମୃତ୍ୟୁକ୍ରିୟା କରାଯାଏ। ଧାର୍ମିକ ମାନ୍ୟତା ଅନୁସାରେ, ପିଣ୍ଡଦାନ ଦ୍ୱାରା ମୃତକଙ୍କ ପାଇଁ ଏକ ‘ପ୍ରେତ ଶରୀର’ ଗଠନରେ ସହାୟତା ମିଳେ। ଦଶମ ଦିନରେ ପିଣ୍ଡଦାନ ସହିତ ଏକାଦଶ ଓ ଦ୍ୱାଦଶ ଦିନରେ ମଧ୍ୟ ଅନ୍ନ, ଜଳ, ବସ୍ତ୍ର ଓ ଦୀପ ଆଦି ଦେବାର ପରମ୍ପରା ବିଷୟରେ ଉଲ୍ଲେଖ ମିଳେ। ୧୩ ଦିନର ଏହି ପର୍ଯ୍ୟାୟ ପରେ ଆତ୍ମାର ଯମଲୋକ ଯାତ୍ରା ଆରମ୍ଭ ହୁଏ ବୋଲି ଗରୁଡ଼ ପୁରାଣ ସମ୍ବନ୍ଧୀୟ ବ୍ୟାଖ୍ୟାରେ କୁହାଯାଇଛି। ଏହି ଯାତ୍ରା ମଧ୍ୟ ମଣିଷର କର୍ମ ଅନୁସାରେ ହୋଇଥାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି। ଅର୍ଥାତ୍, ଜୀବନରେ କରାଯାଇଥିବା ଭଲ ଓ ମନ୍ଦ କର୍ମର ପ୍ରଭାବ ମୃତ୍ୟୁ ପରେ ମଧ୍ୟ ରହିଥାଏ ବୋଲି ଏହି ପରମ୍ପରାରେ ବିଶ୍ୱାସ କରାଯାଏ। ପିତୃପକ୍ଷ ସମୟରେ ପୂର୍ବପୁରୁଷଙ୍କ ଶ୍ରାଦ୍ଧ ଓ ପିଣ୍ଡଦାନକୁ ତେଣୁ ବିଶେଷ ମହତ୍ତ୍ୱ ଦିଆଯାଏ। ତେବେ ଆତ୍ମାର ଏହି ଗତି ସମ୍ପର୍କିତ କଥାଗୁଡ଼ିକ ଧାର୍ମିକ ଗ୍ରନ୍ଥ ଓ ପରମ୍ପରାରେ ଥିବା। ମାନ୍ୟତା, ଏଗୁଡ଼ିକୁ ବୈଜ୍ଞାନିକ ଭାବେ ପ୍ରମାଣିତ ତଥ୍ୟ ଭାବେ ନେବା ଉଚିତ ନୁହେଁ।

## ଭାରତରେ ପ୍ରତିବର୍ଷ ଦୁଇଥର

# ଦେବୀଙ୍କର ପୂଜା



ଭାରତରେ ପ୍ରତିବର୍ଷ ଦୁଇଥର ଦେବୀ ଦୁର୍ଗାଙ୍କର ପୂଜା ଅନୁଷ୍ଠିତ ହୁଏ। ଶରତ ଋତୁରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପୂଜାକୁ ‘ଦେବୀ ପୂଜା’ ଏବଂ ବସନ୍ତ ଋତୁରେ ଚୈତ୍ରମାସ ଶୁକ୍ଳ ପକ୍ଷର ପୂଜାକୁ ‘ବାସନ୍ତୀ ପୂଜା’ କୁହାଯାଏ। ଯେଉଁ ମା’ର ଶସ୍ୟ ଆହାର କରି ମାନବ ଜୀବିକା ନିର୍ବାହ କରେ, ସେହି ଧରିତ୍ରୀ ରାଣୀର ବୟଃପ୍ରାପ୍ତିରେ ଉତ୍‌ଫୁଲ୍ଲ ହୋଇ ଜନ-ମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରେ, ମାତ୍ର ଏକ ସାର୍ବଜନୀନ ପୂଜା ରୂପେ ଶାରଦୀୟ ଦେବୀପୂଜା ହିଁ ଅଧିକ ଲୋକପ୍ରିୟତା ଅର୍ଜନ କରିଛି। ଏହି ଶାରଦୀୟ ପର୍ବ ଭାରତର ପୁରପଲ୍ଲୀରେ ଦଶହରା ପର୍ବରୂପେ ପାଳନ କରାଯାଏ। ଏହି ପର୍ବର ମୂଳ ଲକ୍ଷ୍ୟ ହେଉଛି ଦେବୀ ଉପାସନା। ଦୁର୍ଗାପୂଜା ପରି ଦଶହରା ପର୍ବ ମଧ୍ୟ ବର୍ଷକରେ ଦୁଇଥର ପାଳନ କରାଯାଏ। ଜ୍ୟେଷ୍ଠମାସ ଶୁକ୍ଳଦଶମୀ ହେଉଛି ଗଙ୍ଗାମାତାଙ୍କର ଜନ୍ମଦିବସ। ଏହିଦିନ ଗଙ୍ଗାପୂଜା କରି ଗଙ୍ଗାନଦୀରେ ସ୍ନାନ କଲେ ତ୍ରିବିଧ ପାପ ଖଣ୍ଡନ ହୁଏ ବୋଲି ଏହି ତିଥିକୁ ‘ଦଶହରା’ ବା ‘ଦଶବିଧ’ ପାପହରଣ ଦିବସ କୁହାଯାଏ । ଏହି ତିଥିଟି ଲୋକମୁଖରେ ‘ଗଙ୍ଗା ଦଶହରା’ ନାମରେ ପରିଚିତ। ଅନ୍ୟ ଦଶହରା ପର୍ବଟି ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ପାଳିତ ହୁଏ। ଏହି ଦୁର୍ଗାପୂଜାର ଶେଷ ଦିବସ।

ଏହି ଦଶହରା ପର୍ବ ଭାରତରେ ସର୍ବଜନବିଦିତ ପର୍ବ। ତେଣୁ ‘ଦଶହରା’ କହିଲେ ସମସ୍ତେ ଆଶ୍ୱିନ ଶୁକ୍ଳ ଦଶମୀକୁ ହିଁ ବୁଝନ୍ତି। ଏହି ଦଶହରା ଦିବସରେ ରାମଚନ୍ଦ୍ର ମାତୃଶକ୍ତି ବନଦୁର୍ଗାଙ୍କୁ ସ୍ତୁତି କରି ରାବଣର ନିଧନ ଉଦ୍ଦେଶ୍ୟରେ ଲଙ୍କା ଅଭିମୁଖେ ବିଜୟଯାତ୍ରା କରିଥିବାରୁ ଏହି ତିଥିକୁ ‘ବିଜୟା ଦଶମୀ’ କୁହାଯାଏ। ପୁଣି ଏହି ଦିବସର ଅବ୍ୟବହିତ ପୂର୍ବରୁ ସିଂହବାହିନୀ ଆଦ୍ୟା ଶକ୍ତି ଦୁର୍ଗା ଦୁର୍ଦ୍ଦମନୀୟ ମହିଷାସୁରକୁ ବଧ କରି ଦେବତାମାନଙ୍କର ମଙ୍ଗଳ ବିଧାନ କରିଥିଲେ। ଦେବୀଙ୍କ ସହ ଦାନବମାନଙ୍କର ଯୁଦ୍ଧ କନ୍ୟାମାସ ବା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ଧରି ଚାଲିଥିଲା । ଶୁକ୍ଳ ଅଷ୍ଟମୀ ଓ ନବମୀ ତିଥିରେ ମହାମାରୁ ହୋଇଥିଲା। ମହିଷାସୁର ସମେତ ସମସ୍ତ ଅସୁର ବଂଶ ନିପାତ ହେଲେ। ମହାମାରୁ ନବମୀ ରାତିର ଅନ୍ଧକାର ସହ ତ୍ରୈଲୋକ୍ୟରୁ ଅମଙ୍ଗଳର ଛାୟା ଅପସରି ଗଲା, ଶୁକ୍ଳ ଦଶମୀରେ ସବୁପ୍ରକାର ଶୁଭକାର୍ଯ୍ୟର ଆରମ୍ଭ ହେଲା। ଏହିଦିନ ଜଗତର ଦୁଃଖ ହରଣ ହୋଇଥିବାରୁ ଏହା ‘ଦୁଃଖହା ଦଶମୀ’ ନାମରେ ଖ୍ୟାତି ଲାଭ କରିଅଛି ବୋଲି ଆଦିକବି ଶୂଦ୍ରମୁନି ସାରଳା ଦାସ ‘ଚଣ୍ଡୀପୁରାଣ’ରେ ଲେଖିଛନ୍ତି। ‘ଦୁଃଖହା ଦଶମୀ’ ଦିନ ମହାଦଶାରୁ ଉଦ୍ଧାର ପାଇ ଦେବତାମାନେ ମହାଶକ୍ତି ବ୍ରହ୍ମମୟୀ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କରିଥିବାରୁ ଏହି ତିଥିରେ ଦୁର୍ଗାଙ୍କର ଆରାଧନା କରାଯାଏ। ଦେବୀ ମାହାତ୍ମ୍ୟ’ ମତେ ଦେବୀପୀଠଗୁଡ଼ିକରେ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ବ୍ୟାପୀ ପୂଜା ଅନୁଷ୍ଠିତ ହୁଏ। ଏହାକୁ ଷୋଳପୂଜା କୁହାଯାଏ। ଶୁକ୍ଳପକ୍ଷ ସପ୍ତମୀ ଦିନ ମୃଣ୍ମୟୀ ପ୍ରତିମା ଓ ଘଟ ସ୍ଥାପିତ ହୁଏ। ଅଷ୍ଟମୀଦିନ ମହାଷ୍ଟମୀ ପୂଜା ଓ ବଳିଦାନ କରାଯାଏ । ‘ବଳି’ ଶବ୍ଦର ଅର୍ଥ ହେଉଛି ଉପହାର।

ଜଗତଜନନୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କିଛି ଉପହାର ଦେବାକୁ ପଡେ। ତେଣୁ ଦେବୀପୂଜାରେ ବଳିଦାନର ବ୍ୟବସ୍ଥା ରହିଛି । ଦେବୀ ପୁରାଣରେ କୁହାଯାଇଛି ଯେ ଏହା ଏକ ମହାନ, ପବିତ୍ର ବ୍ରତ ଏବଂ ଏହି ବ୍ରତ ପାଳନ କଲେ ସିଦ୍ଧି ଲାଭ ହୁଏ ଓ ଶତ୍ରୁମାନେ ପରାଜିତ ହୁଅନ୍ତି। କୁରୁକ୍ଷେତ୍ର ଯୁଦ୍ଧ ଆରମ୍ଭର ପୂର୍ବରୁ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ବନଦୁର୍ଗାଙ୍କର ଆରାଧନା କରିବା ପାଇଁ ଉପଦେଶ ଦେଇଥିଲେ। ଦଶହରା ପର୍ବରେ ଦେବୀଙ୍କ ଶକ୍ତିର ପ୍ରତିଷ୍ଠା ପାଇଁ ଖଡ଼୍‌ଗ ପୂଜା କରାଯାଏ। ଦଶହରା ଦିନ ଗୁରୁବାର ପଡ଼ିଲେ ଗୃହିଣୀମାନେ ପରିବାରର ମଙ୍ଗଳ ଲାଗି ସୁଦଶାବ୍ରତ ପାଳନ କରି ଗୃହଲକ୍ଷ୍ମୀଙ୍କ ପୂଜା କରନ୍ତି। ଭାଦ୍ରବ ମାସ ଶୁକ୍ଳ ଷଷ୍ଠୀଠାରୁ ଆରମ୍ଭ ହୋଇଥିବା ସୋମନାଥ ବ୍ରତର ଉଦ୍‌ଯାପନ ପର୍ବ ମଧ୍ୟ ଦଶହରା ତିଥିରେ ପାଳିତ ହୁଏ। ପରମ ଈଶ୍ୱରୀ ଦେବୀ ଦୁର୍ଗା ବିଶ୍ୱର ସକଳ ବସ୍ତୁରେ ପରିବ୍ୟାପ୍ତ। ସେ ମହାବିଦ୍ୟା, ମହାମାୟା ମହାଯୋଗେଶ୍ୱରୀ। ତାଙ୍କର ‘କ୍ଷର’ ବା ଶେଷ ନଥିବାରୁ ସେ ‘ଅକ୍ଷରା’। ଦୁର୍ଗମଛେଦିନୀ, ଦୁର୍ଗତିନାଶିନୀ, ଶକ୍ତି ସ୍ୱରୂପିଣୀ, ତ୍ରିଶୂଳଧାରିଣୀ, ବଳଦାୟିନୀ, ମହିଷମର୍ଦ୍ଦିନୀ, ଚଣ୍ଡମୁଣ୍ଡ ବିନାଶିନୀ ମା’ ଦୁର୍ଗା ହେଉଛନ୍ତି ସମସ୍ତ ଶକ୍ତିର ଅଧିଷ୍ଠାତ୍ରୀ ଦେବୀ। ମା’ ଦୁର୍ଗା ହେଉଛନ୍ତି ମୋକ୍ଷଦାତ୍ରୀ, ମଙ୍ଗଳମୟୀ। ମା’ ଦୁର୍ଗାଙ୍କୁ ଉପାସନା କଲେ ମଣିଷ ଧର୍ମ – ଅର୍ଥ – କାମ – ମୋକ୍ଷ ଚତୁର୍ବର୍ଗର ଫଳପ୍ରାପ୍ତି କରିଥାଏ। ଦୁର୍ଗାସାଧନାର ପ୍ରାପ୍ତିଫଳ ଅସୀମ ଏବଂ ଅନନ୍ତ।

ଦେବୀ ଭାଗବତର ମତେ, ରାବଣର ନିଧନ ପାଇଁ ବ୍ରହ୍ମାଙ୍କ ପରାମର୍ଶ ମତେ ଶ୍ରୀରାମ ବସନ୍ତ କାଳରେ ଦେବୀପୂଜା କରିବାକୁ ଚାହିଁଲେ। କାରଣ, ଶରତକାଳ ଅକାଳ, ଆଷାଢ଼ ଶୁକ୍ଳ ଏକାଦଶୀ ହରିଶୟନ ଏକାଦଶୀଠାରୁ ହେମନ୍ତ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ଦେବତାମାନେ ନିଦ୍ରା ଯାଆନ୍ତି। ବ୍ରହ୍ମାଙ୍କ ନିର୍ଦ୍ଦେଶ ମତେ ଶ୍ରୀରାମଚନ୍ଦ୍ର କନ୍ୟାରାଶିର ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଦେବୀଙ୍କ ଅକାଳ ବୋଧନ ନିମନ୍ତେ ପୂଜାର ଆୟୋଜନ କରିଥିଲେ। ଶ୍ରୀରାମ ଧ୍ୟାନ ବଳରେ, ଦେବୀ କୁମାରୀ ରୂପରେ ବିଲ୍ୱବୃକ୍ଷ ଶାଖାରେ ଶାୟିତ ଥିବା ଜାଣିପାରି, ସକାଳେ କଳ୍ପାରମ୍ଭ ଓ ସନ୍ଧ୍ୟାବେଳେ ବିଲ୍ୱବୃକ୍ଷମୂଳେ ଆରମ୍ଭ କଲେ ଦେବୀଙ୍କ୍ ବୋଧନ। ଏହାପରେ ସପ୍ତମୀ ତିଥିରେ ଦେବୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କଲେ। ସେତେବେଳେ ମଧ୍ୟ ଦେବୀ ସୁପ୍ତ ଅବସ୍ଥାରେ ଥିବାରୁ ଅଷ୍ଟମୀ ତିଥିରେ ଯୋଗିନୀଗଣଙ୍କୁ ଆହ୍ୱାନ କରି ଦେବୀଙ୍କୁ ପୁଣି ପୂଜା କଲେ। ଆଗତ ଯୋଗିନୀଗଣଙ୍କ କୋଳାହଳରେ ଦେବୀ କେବଳ କଡ଼ ଲେଉଟାଇ ପୁଣି ଶୋଇଲେ। ଏହା ପରେ ଅଷ୍ଟମୀର ଶେଷ ଓ ନବମୀର ଆରମ୍ଭ ବା ସନ୍ଧିକ୍ଷଣ ସମୟରେ ଶ୍ରୀରାମଚନ୍ଦ୍ର କଲେ ସନ୍ଧିପୂଜା। ଅଷ୍ଟମୀର ଚବିଶ ମିନଟ ଓ ନବମୀର ଚବିଶ ମିନଟ, ଏହିପରି ମୋଟ ଅଠଚାଳିଶ ମିନଟ ଧରି ଦେବୀ ଚାମୁଣ୍ଡାଙ୍କର ଏହି ବିଶେଷ ସନ୍ଧିପୂଜା କରିଥିଲେ।

ଶ୍ରୀରାମ ଚାମୁଣ୍ଡାଙ୍କୁ ଆବାହନ କରି ଦେବୀ ଦୁର୍ଗାଙ୍କୁ ଉଠାଇବା ପାଇଁ ନିବେଦନ କଲେ। ଚାମୁଣ୍ଡାଙ୍କ ସହଯୋଗ ଫଳରେ ନବମୀ ତିଥିରେ ଦେବୀ ଦୁର୍ଗା ଜାଗ୍ରତ ହେଲେ। ଏତିକିବେଳେ ସେ ଦେବୀଙ୍କୁ କୁମାରୀ ରୂପରେ ଦର୍ଶନ କରି ଯୋଗିନୀମାନଙ୍କ ସହିତ ବିଶେଷ ପୂଜା କରି ଏକାସାଙ୍ଗେ ଶହେଆଠ ନୀଳପଦ୍ମ ଅର୍ପଣ କରିଥିଲେ। ସେହି ଦିନଠାରୁ କୁମାରୀ ରୂପୀ ଦେବୀଙ୍କର ପୂଜାର ଆରମ୍ଭ ହୋଇଥିଲା। ଶରତକାଳୀନ ଦୁର୍ଗା ହେଉ ଅଥବା ବାସନ୍ତି ଦୁର୍ଗାପୂଜା, ଏଥିରେ ମୂର୍ତ୍ତି ସ୍ଥାପନ କରାଯାଇ ଜୀବନ୍ୟାସ କର୍ମ ସହ ପୂଜା ନିୟମ ପ୍ରଣୟନ ହେଉଥିଲେ ମଧ୍ୟ ଘଟସ୍ଥାପନ ଜନିତ ପୂଜା ଆବହମାନ କାଳରୁ ପ୍ରଚଳିତ। ବିଭିନ୍ନ ଭାବରେ ମୂର୍ତ୍ତିପୂଜାର ଆଦର ବଢିଥିଲେ ମଧ୍ୟ ମୂଳ ତତ୍ତ୍ୱକୁ ବାଦ ଦେବା ସମ୍ଭବ ହୋଇନାହିଁ।

ବାସନ୍ତୀ ଦୁର୍ଗାପୂଜା ବିଶେଷ ଭାବେ ପାଳିତ ହୋଇ ନ ଥାଏ। ଅନ୍ୟପକ୍ଷରେ ଶରତକାଳୀନ ଦୁର୍ଗାପୂଜା ଏବେ ସାର୍ବଜନୀନ ପୂଜାର ସ୍ୱୀକୃତି ପାଇଛି, କିନ୍ତୁ ଉଭୟ ପୂଜା ଏବଂ ତା’ର ବିଧାନ ପ୍ରାୟତଃ ସମାନ। ଶରତକାଳୀନ ପୂଜା ଏବଂ ବାସନ୍ତୀପୂଜା ବ୍ୟତୀତ ଦକ୍ଷିଣ ଓଡ଼ିଶାରେ ଅନ୍ୟ ଦିନରେ ମା’ଙ୍କର ସ୍ୱପ୍ନାଦେଶ ଅଥବା ଆଜ୍ଞାମାଳ ପରିପ୍ରେକ୍ଷୀରେ ବିଧିବ୍ୟବସ୍ଥା ଅନୁଯାୟୀ ମଧ୍ୟ ମା’ଙ୍କର ପୂଜା ଅର୍ଚ୍ଚନା କରାଯାଏ। ଏଠାରେ ମଧ୍ୟ ଘଟ ସ୍ଥାପନ ଏବଂ ଘଟପୂଜା ଦେଖିବାକୁ ମିଳେ। ଏପରିକି ଘଟକୁ ମୁଣ୍ଡରେ ଧରି ପରିକ୍ରମା କରାଯିବାର ବିଧି ରହିଛି।



ଦିନଲିପି
୨୯.୦୯. ୨୦୨୬ ମଙ୍ଗଳବାର

## ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁଥ୍ ରେଡକ୍ରସ୍ ଶାଖା ସମ୍ମାନିତ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା କମାଗୁରୁସ୍ଥିତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁଥ୍ ରେଡକ୍ରସ୍ ଶାଖାକୁ ଏକ ଜିଲ୍ଲାସ୍ତରୀୟ ସମ୍ମାନରେ ସମ୍ମାନିତ କରାଯାଇଛି । ଖୋର୍ଦ୍ଧା ପି.ଏନ୍. ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁଥ୍ ରେଡକ୍ରସ୍ ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ୱାର୍କିଂ କମିଟି ବୈଠକ ଅବସରରେ ଜିଲ୍ଲାସ୍ତରୀୟ ଯୁଥ ରେଡକ୍ରସ ଷ୍ଟଡି-କମ୍-ଟ୍ରେନିଂ କ୍ୟାମ୍ପ ସଫଳତାର ସହ ଆୟୋଜନ କରିଥିବାରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଡ. ରେଣୁବାଳା ସାମନ୍ତରାୟଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଏହି ସମ୍ମାନସୂଚକ ମାନପତ୍ର ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡେପୁଟି କଲେକ୍ଟର ସିତପା ମିଶ୍ର, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି କ୍ଷୀରୋଦ କୁମାର ମହାନ୍ତି, ଅଧକ୍ଷା ଡ. ପୂର୍ଣ୍ଣିମା ନାୟକ, ରାଜ୍ୟ ସଂଯୋଜକ ଡ. ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ସଂଯୋଜକ ରଞ୍ଜନ ମହାପାତ୍ର, ଜିଲ୍ଲା ଯୁବ ରେଡକ୍ରସ ଉପଦେଷ୍ଟା ସୁବୋଧ କୁମାର ଜଗଦେବ, ପ୍ରଦୀପ କୁମାର ମହାପାତ୍ର, ଆବାହକ ଟି. ଅକ୍ଷୟ, ପି.ଏନ୍. କଲେଜ କାଉନସିଲର ଡ. ପ୍ରାଚୀ ପ୍ରଭା ନାୟକ ଏବଂ କମାଗୁରୁ କଲେଜ ଯୁବ ରେଡକ୍ରସ କାଉନସିଲର ଦିଲ୍ଲୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜୟ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବଡ଼ସାହି (ନିପ୍ର): ବଡସାହି ବ୍ଲକର ବିଜୟ ଉଚ୍ଚ ବିଦ୍ୟାଳୟ, ବାଘମରାର ୩୭ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଉଦ୍ଦେଶ୍ୟରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ମହାନ୍ତ ଅଧ୍ୟକ୍ଷତା କରିଥିଲାବେଳେ ଶିକ୍ଷକ ନୀରଦ ସୁନ୍ଦର ଜେନା ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଯୀଶୁଙ୍କୁ ଧୂପ ଦାନ ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ଚର୍ଚ୍ଚର ଫାଦର ଆଇସାକ୍ ପୋଥାନାଙ୍ଗଡ଼ି ଯୋଗ ଦେଇ କହିଥିଲେ କି ବିଜୟ ହେଉଛି ଫ୍ରାନ୍ସର ସାଧୁ ଭିନସେନ୍ତଙ୍କ ଓଡ଼ିଆ ନାମ । ତାଙ୍କର ନାମ ଅନୁସାରେ ଏହି ବିଦ୍ୟାଳୟର ନାମକରଣ କରାଯାଇଛି ।

## ଏଡ଼ସ୍ ସଚେତନତା ଅଭିଯାନ




ଚାରିଛକ,(ନିପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ୍ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଏଡ଼ସ୍ ମୁକ୍ତ ଭାରତ ଗଠନ ପାଇଁ ' ଏଡ଼ସ୍ ସଚେତନତା ଅଭିଯାନ ' ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ରେଡ୍ ରିବନ୍ କ୍ଲବ୍ ଏବଂ ଯୁଥ୍ ରେଡ୍ କ୍ରସ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଚେତନତା ଅଭିଯାନକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିଭୁତି ଭୂଷଣ ରଥ ଶୁଭ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ରୂପେ ପୁରୀ ଜିଲ୍ଲା ଆଇ.ଟି.ସି.ଟିର ସୁପରଭାଇଜର ଡ଼ଃ ଦୁଃଖିଶ୍ୟାମ ପଟ୍ଟନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ଏଚଆଇଭି ଏଡ଼ସ୍ କଣ, ଏହା କିପରି ବ୍ୟାପେ ଏବଂ ଏଥିରୁ ରକ୍ଷା ପାଇବାର ଉପାୟ ଉପରେ ସଚେତନତା କରାଇଥିଲେ । ନିମନ୍ତ୍ରିତ ଅତିଥି ରୂପେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ଼ଃ ଅଶୋକ କୁମାର ବିଶ୍ୱାଳ ଏବଂ ମହାବିଦ୍ୟାଳୟ +୨ ପ୍ରଭାରୀ ଶ୍ରୀମତୀ କାନନବାଳା ନନ୍ଦ ଯୋଗଦେଇଥିଲେ ।ମହାବିଦ୍ୟାଳୟ ଯୁଥ ରେଡ୍ କ୍ରସ୍ ସଂଯୋଜିକା ଶିକ୍ଷା ବିଭାଗ ମୁଖ୍ୟ ଡ଼ଃ ଶ୍ରିଲେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସଂସ୍କୃତ ବିଭାଗ ଅଧ୍ୟାପକ ଶ୍ରୀମାନ ଜୀବନ ଦାଶ ଏହି ସଚେତନତା ଅଭିଯାନକୁ ପରିଚାଳନା କରିଥିଲେ ।

## ନୂଆଁଖାଇ ଭେଟଘାଟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ



ରେଢ଼ାଖୋଲ, (ନିପ୍ର): କଳା, ସଂସ୍କୃତି ଓ ଭାଇଚାରାର ପର୍ବ ନୂଆଁଖାଇ ଅବସରରେ କଳାକାର ପରିବାର, ରେଢ଼ାଖୋଲ ପକ୍ଷରୁ ନୂଆଁଖାଇ ପରବ ୨୦୨୬ ଭୀମ ଭୋଇ କଲ୍ୟାଣ ମଣ୍ଡପ, ରେଢ଼ାଖୋଲଠାରେ ଭବ୍ୟ ଭାବେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ନୂଆଁଖାଇ ଭେଟଘାଟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିଭା ସମ୍ବର୍ଦ୍ଧନା ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ରେଢ଼ାଖୋଲ ଉପଜିଲ୍ଲାପାଳ ପଵନ କୁମାର, ଆଇଏଏସ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରେଢ଼ାଖୋଲ ବ୍ଲକ୍ ଅଧକ୍ଷ ପ୍ରଦୀପ ପ୍ରଧାନ ଓ ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଶିବରାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

### ମହାନଦୀ ଜଳସ୍ତର ବୃଦ୍ଧି

# ଶହ ଶହ ଏକର ଚାଷଜମି ବୁଡ଼ିଲା



କଣ୍ଟିଲୋ,(ନି.ପ୍ର): ସାରା ରାଜ୍ୟରେ ଲଗାଣ ବର୍ଷା ଫଳରେ ମହାନଦୀ ତଥା ଶାଖା ନଦୀ କୁଆଁରିଆ, କୁସୁମୀର ଜଳସ୍ତର ବୃଦ୍ଧି ପାଇଛି । ହୀରାକୁଦର ୩୦ଟି ଗେଟ ଖୋଲାଯାଇଥିବାରୁ ମହାନଦୀରେ ପୁଣି ଜଳସ୍ତର ବଢିଛି । ତେବେ କଣ୍ଟିଲୋ ଠାରେ ବିପଦ ସଂକେତ ତଳେ ପ୍ରବାହିତ ହେଉଛି । ବିପଦ ସଂକେତ ୪୭. ୯୮ମିଟର ରହିଥିବାବେଳେ ବର୍ତ୍ତମାନ ୪୬. ୫୦ ରେ ପ୍ରବାହିତ ହେଉଛି । ୨ଦିନ ଧରି କ୍ରମାଗତ ଭାବେ ଜଳସ୍ତର ସ୍ଥିର ଭାବେ ପ୍ରବାହିତ ହେଉଛି । ଏଥିଯୋଗୁ ନଈକୂଳିଆ ଚାଷଜମି ଧାନ ଫସଲ ଓ ପନିପରିବା କ୍ଷତିଗ୍ରସ୍ତ ହେବା ସମ୍ଭାବନା ସୃଷ୍ଟି ହୋଇଛି । କୁମୁଣ୍ଡି ନିକଟରେ ସ୍ୱିସ ଗେଟ ପୂର୍ବ ବନ୍ୟା ରେ ଭାଙ୍ଗି ଯାଇଛି । ଏଣୁ ମହାନଦୀ ଜଳ ପ୍ରବେଶ କରି ଅପର ପାର୍ଶ୍ୱ ଆଖ ପାଖ ନଦୀ ତଟବର୍ତ୍ତୀ ବାଣପୁର, ସିଧାମୁଳା, ଘଣାଶାଳିଆ, ରତନପୁର, କୁମୁଣ୍ଡି ଗ୍ରାମ ଅଞ୍ଚଳ ରେ ଧାନ ଫସଲ ସହିତ ମକା, ଭେଣ୍ଡି, କଲରା, ବାଇଗଣ, ଶାଗ କିଆରୀ ଆଦି ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଇଛି ।ଫସଲ ହାନି ଯୋଗୁଁ ସମ୍ପୃକ୍ତ ଅଞ୍ଚଳ ଚାଷୀ ଏବେ ଚିନ୍ତାରେ ଥିବା କହିଛନ୍ତି ।ବର୍ତ୍ତମାନ ମହାନଦୀରେ ୭ଲକ୍ଷ କ୍ୟୁସେକ ପ୍ରବାହିତ ହେଉଛି । ଆସନ୍ତା କାଲି ସାମାନ୍ୟ ଜଳସ୍ତର ବୃଦ୍ଧି ପାଇବ । ତେବେ ଜଳସ୍ତର ଉପରେ ନଜର ରଖାଯାଇଛି ଓ ବିପଦ ସମ୍ଭାବନା ନଥିବା କହିଛନ୍ତି ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମମୋହନ ବେହେରା । ଏଥିସହ ବନ୍ୟା ଜଳ କମିବା ପରେ ନଭେମ୍ବର ରେ ତୁରନ୍ତ କୁମୁଣ୍ଡି ସ୍ୱିସ ଗେଟ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି ।

### ବର୍ଷା ଛଡ଼ାଇ ନେଲା ସୁଖର ସଂସାର

# ସ୍କୁଲ ବାରଣ୍ଡାରେ ୯ ପ୍ରାଣୀଙ୍କ କରୁଣ ଚିତ୍କାର !



ସୋନପୁର,(ନିପ୍ର): ଲୁହରେ ଭିଜୁଛି କୁନି କୁନି ଆଖି, ଆଉ ବର୍ଷା ପାଣିରେ ଭିଜୁଛି ଗରିବର ଭାଗ୍ୟ । ଅସରାଏ ବର୍ଷା ଯେ କାହା ପାଇଁ ଏତେ ନିଷ୍ଠୁର ହୋଇପାରେ, ତାହା ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ମଲ୍ଲିକମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କେନ୍ଦୁମୁଣ୍ଡା ଗାଁରେ ନ ଦେଖିଲେ କେହି ବିଶ୍ୱାସ କରିପାରିବେ ନାହିଁ । ନିମିଷକେ ଉଜୁଡ଼ି ଯାଇଛି ଗୋଟିଏ ହସଖୁସିର ସଂସାର । ମୁଣ୍ଡ ଉପରୁ ଛାତ ଛଡ଼ାଇ ନେଇଛି ନିର୍ଦ୍ଦୟ ପ୍ରକୃତି । ଏବେ ଖୋଲା ଆକାଶ ତଳେ, ସ୍କୁଲ ବାରଣ୍ଡାରେ ଭୋକିଲା ପେଟ ଆଉ ଭୟଭୀତ ଅବସ୍ଥାରେ ରାତି କାଟୁଛନ୍ତି ୯ ଜଣ ନିରୀହ ପ୍ରାଣୀ । ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିଲେ ଯେକୌଣସି ପାଷାଣ ହୃଦୟ ମଣିଷର ଆଖିରୁ ବି ଲୁହ ଝରି ପଡିବ । ସୂଚନା ଅନୁଯାୟୀ, ଗାଁର ଶେଷଦେବ ଦୀପଙ୍କ ଘରର କାନ୍ଥ ଭୁସୁଡ଼ି ପଡ଼ିଥିଲା ।ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ପରିବାରର ୯ ଜଣ ସଦସ୍ୟ । ଘର ଭାଙ୍ଗିଯିବା ପରେ ନିଜ ସନ୍ତାନମାନଙ୍କୁ ଧରି ଏବେ ଦାଣ୍ଡର ଭିକାରୀ ସାଜିଛନ୍ତି ଶେଷଦେବ । ଦିନର ଖରା ଆଉ ରାତିର କାକରରେ ଗାଁ ସ୍କୁଲ ବାରଣ୍ଡା ହିଁ ପାଲଟିଛି ସେମାନଙ୍କ ଶେଷ ଠିକଣା । ଏତେ ବଡ଼ ବିପତ୍ତି ପରେ ବି ସରକାରୀ ବାବୁଙ୍କ ହୃଦୟ ତରଳିଲା ନାହିଁ । ଆକୁଳ ଗୁହାରି କଲା ପରେ ସାହାଯ୍ୟ ନାଁରେ ପ୍ରଶାସନ ହାତରେ ଧରାଇ ଦେଇଛି କେବଳ ଖଣ୍ଡେ ଜରି ପାଲ । ଯେଉଁଠି ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ କି ଖାଇବାକୁ ଦାନା ନାହିଁ, ସେଠି ଖଣ୍ଡେ ଜରି ପାଲ କେମିତି ସେମାନଙ୍କ ସମସ୍ତ ଦୁଃଖ ହରିବ ? ନିରୁପାୟ ଓ ବେସାହାରା ହୋଇପଡିଥିବା ଶେଷଦେବ ଓ ତାଙ୍କ ପରିବାର ତୁରନ୍ତ କିଛି ଆର୍ଥିକ ସହାୟତା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି । ଯଦି ପ୍ରଶାସନ ଶୀଘ୍ର ଦୃଷ୍ଟି ନଦିଏ, ତେବେ ଖୋଲା ଆକାଶ ତଳେ ଏହି ନିରୀହ ପିଲାମାନଙ୍କ ଜୀବନ ଦୀପ ଲିଭିଯିବାର ଆଶଙ୍କା ଦେଖାଦେଲାଣି । ଆଉ କେତେ ଲୁହ ଗଡ଼ିଲେ ତରଳିବ ପ୍ରଶାସନର ହୃଦୟ ? ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ବନ୍ୟା ଘେରରୁ ଉଦ୍ଧାର ହେଲେ ଗର୍ଭବତୀ

### ପହଞ୍ଚିଲା ନାହିଁ ଓଡ୍ରାଫ୍ ଟିମ ଖଟିଆରେ ବୁହା ହୋଇ ଆସିଲେ

ଧାମନଗର,(ନିପ୍ର): ପ୍ରକୃତିର କରାଳ ରୂପ ଏବଂ ବନ୍ୟାର ବିପତ୍ତି ମଧ୍ୟରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ରୁ ଏକ ଆଶ୍ୱସ୍ତିକର ତଥା ସାହସିକତାର ଖବର ସାମ୍ନାକୁ ଆସିଛି । ବନ୍ୟାଜଳରେ ଘେରି ହୋଇରହିଥିବା ଜଣେ ନ ମାସର ଗର୍ଭବତୀଙ୍କୁ ଗ୍ରାମବାସୀଙ୍କ ମାନବିକତା ଏବଂ ଅପାର ସାହାସ ବଳରେ ଉଦ୍ଧାର କରାଯାଇଥିବାବେଳେ, ମେଡିକାଲରେ ସେ ଏକ ସୁସ୍ଥ ଶିଶୁକନ୍ୟା ଜନ୍ମ ଦେଇଛନ୍ତି । ଉଭୟ ମା' ଓ ଶିଶୁ ସୁସ୍ଥ ଥିବା ଜଣାପଡ଼ିବା ପରେ ପରିବାରରେ ଆନନ୍ଦର ଲହରୀ ଖେଳିଯାଇଛି । ଧାମନଗର ବ୍ଲକ ବମକୁରା ଗ୍ରାମର ଉତ୍ତମ ଦଳାଇଙ୍କ ସ୍ତ୍ରୀ ଶୁଭଶ୍ରୀ ବେହେରା ନଅମାସର ଗର୍ଭବତୀ ଥିଲେ । ଗତ ରାତିରେ ହଠାତ୍ ତାଙ୍କର ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା । ଚାରିଆଡ଼େ ବନ୍ୟାଜଳ ଘେରି ରହିଥିବାରୁ ପରିବାର ଓ ଗ୍ରାମବାସୀ ଚିନ୍ତାରେ ପଡ଼ିଥିଲେ । କୌଣସି ପ୍ରଶାସନିକ ସହାୟତା କିମ୍ବା ଉଦ୍ଧାରକାରୀ ଦଳ (ଓଡ୍ରାଫ କିମ୍ବା ବୋଟ୍) ସେଠାରେ ପହଞ୍ଚି ନଥିବାରୁ, ଗ୍ରାମବାସୀ ନିଜେ ଆଗ ଭର ହୋଇଥିଲେ । ସେମାନେ ଏକ ଖଟିଆରେ ଶୁଭଶ୍ରୀଙ୍କୁ ଶୁଆଇ ବେକେ ପାଣି ମଧ୍ୟରେ କାନ୍ଧେଇ କାନ୍ଧେଇ ଧୁଷୁରୀ ବଜାର ନେଇ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ସେ ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି ।ବନ୍ୟା ଆସିବା ପୂର୍ବରୁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ଆଗୁଆ ପ୍ରସ୍ତୁତି ବୈଠକ କରାଯାଇଥିଲା । ଗର୍ଭବତୀ, ପ୍ରସୂତି ଏବଂ ବୟସ୍କ ଲୋକଙ୍କୁ ପୂର୍ବରୁ ସୁରକ୍ଷିତ ଉଚ୍ଚସ୍ଥାନକୁ କିମ୍ବା ମେଡିକାଲକୁ ସ୍ଥାନାନ୍ତର କରାଯିବ ବୋଲି ପ୍ରଶାସନ ଦାବି କରିଥିଲା । ମାତ୍ର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟାଥିଲା । ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରୀ ଥାନା ବମକୁରା ଅଞ୍ଚଳରେ ଜଣେ ଗର୍ଭବତୀ ମହିଳାଙ୍କୁ ଏଭଳି ନାହିଁ ନଥିବା ଦୁର୍ଦ୍ଦଶା ଏବଂ କଷ୍ଟ ଭୋଗିବାକୁ ପଡ଼ିଥିବାବେଳେ ସେଠାରେ ନା ଓଡ୍ରାଫ ଟିମ ପହଞ୍ଚିଥିଲା, ନା ଦମକଳ ଗାଡ଼ି କିମ୍ବା ବୋଟ୍ ମିଳିଥିଲା ।

## ମୁଖ୍ୟ ନିର୍ବାଚନ କମିଶନରଙ୍କ ଗିରଫ ଦାବିରେ କଂଗ୍ରେସର ବିକ୍ଷୋଭ



ଭଦ୍ରକ,(ନିପ୍ର): ଭାରତର ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ଭୋଟ ଚୋରି ଘଟଣାରେ ପ୍ରମୁଖ ସୂତ୍ରଧର । ଦେଶର ଅନ୍ୟ ୨ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଓ ବିବେକ ଯୋଶୀ ଗତ ୧୦ ମାସ ମଧ୍ୟରେ ଜ୍ଞାନେଶଙ୍କ ନିଷ୍ପତି ଉପରେ ୧୪ ଥର ଆପତି ଜଣାଇଥିଲେ । କିନ୍ତୁ ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ ଏହାକୁ ନଜର ଆନ୍ଦାଜ କରି ବିଜେପିକୁ ସୁହାଇବା ପରି ଏକପାଖିଆ ତଥା ବେନିୟମ ପଦକ୍ଷେପ ନେଇଛନ୍ତି । ଜ୍ଞାନେଶଙ୍କ ଏପରି କାର୍ଯ୍ୟଦ୍ୱାରା ଦେଶର ୧୫ କୋଟି ମତଦାତା ସେମାନଙ୍କ ଗଣତାନ୍ତ୍ରୀକ ଅଧିକାର ହରାଇଛନ୍ତି ବୋଲି ପୂର୍ବରୁ ବାରମ୍ବାର ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯେଉଁ ଆଶଙ୍କାବ୍ୟକ୍ତ କରି ବାରମ୍ବାର ସରକାରଙ୍କୁ ସତର୍କ କରାଇ ଆସୁଥିଲେ ତାହା ଏବେ ସତ୍ୟରେ ପରିଣତ ହୋଇଛି । ତେଣୁ ତୁରନ୍ତ ମୁଖ୍ୟ ନିର୍ବାଚନ କମିଶନଙ୍କୁ ତାଙ୍କ ପଦବୀରୁ ବହିଷ୍କାର ସହ ଗିରଫ କରିବାକୁ କଂଗ୍ରେସ ଦାବି କରିଛି । ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ସହସ୍ରାଧିକ କର୍ମୀଙ୍କୁ ନେଇ ଏକ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଉକ୍ତ ଶୋଭାଯାତ୍ରା ରାଜଘାଟ ଛକ ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା । ପ୍ରତିବାଦ ସଭା ପରେ ଉପସ୍ଥିତ କଂଗ୍ରେସ କର୍ମୀମାନେ ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାର, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ କୁଶପୁତଳିକା ଦାହ କରିଥିଲେ । ସଭା ଶେଷରେ ଏକ ପ୍ରତିନିଧିମଣ୍ଡଳ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ପ୍ରତିବାଦ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ମୁରଲିଧର ଯେନା, ଦେବରୂପ ମହାନ୍ତି, ଗୋଲକ ଚନ୍ଦ୍ର ବେହେରା, ଶୁଭଶ୍ରୀ ବେହେରା, ସତ୍ୟାନନ୍ଦ ରାଉତ, ଅଭିଷେକ ରାଉତ, ଦିଗମ୍ବର ଦାସ, ରଜନୀକାନ୍ତ ଚାନ୍ଦ, ପ୍ରଦ୍ୟୁମ୍ନ କୁମାର ଦାସଙ୍କ ସମେତ ସହସ୍ରାଧିକ କର୍ମୀ ଉପସ୍ଥିତ ଥିଲେ ।

## ସେବା ପକ୍ଷ ଅବସରରେ 'ଆରୋଗ୍ୟ ବନ'ସୃଷ୍ଟି ପାଇଁ କାର୍ଯ୍ୟକ୍ରମ




ଭାପୁର,(ନିପ୍ର): ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଦେଶରେ ପାଳିତ ହେଉଥିବା 'ସେବା ପକ୍ଷ-୨୦୨୬' ଅବସରରେ ଫତେଗଡ଼ ଗ୍ରାମରେ ଏକ ଔଷଧୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ,କେନ୍ଦ୍ର ସରକାର ସହଯୋଗରେ କେନ୍ଦ୍ର ଫର୍ ୟୁଥ୍ ଆଣ୍ଡ ସୋସିଆଲ ୱେଲଫେୟାର,ଫତେଗଡ଼ ରାମମନ୍ଦିର ନିକଟସ୍ଥ ବିଜୟନଗର ଓ ଫତେଗଡ଼ ଜଙ୍ଗଲ ଅଞ୍ଚଳରେ 'ଆରୋଗ୍ୟ ବନ' ବିକଶିତ କରାଯାଇଛି । ଏହି ଅବସରରେ ହରିଡ଼ା, ବାହାଡ଼ା, ଅଁଳା, କରଞ୍ଜ, ଶାଳ, ଶିଶୁ, ନିମ୍ବ, କୃଷ୍ଣଚୂଡ଼ା, ପେସ୍ତା ବାଦାମ, ଜାମୁ, ବଉଳ, ଡାଳିମ୍ବ ଆଦି ବିଭିନ୍ନ ଔଷଧୀୟ ଓ ଉପକାରୀ ବୃକ୍ଷର ଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ତୋଫାନ ପ୍ରଧାନ, ନିରଞ୍ଜନ ଦାଶ, ଦିଲୀପ ମହାନ୍ତି, ଆଶୁତୋଷ ଗୌରବ କର, ତ୍ରିଲୋଚନ ସାହୁ, ସିୱାଇଏସଡବ୍ଲୁର ସାଧାରଣ ସମ୍ପାଦକ ଡ. ନିତୁରଞ୍ଜନ ଦାଶ, ସରପଞ୍ଚ ମଞ୍ଜୁଲତା ସେଠୀ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ ।

## ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ପ୍ରଦାନ

କଣ୍ଟିଲୋ (ନି.ପ୍ର) ଖଣ୍ଡପଡ଼ା ବ୍ଲକର ବେଣାଗାଡିଆ ପଞ୍ଚାୟତ ଅଧୀନ ବରକୋଳି ଗ୍ରାମର ଗାଡି ଚାଳକ ରଞ୍ଜିତ ଖଟୁଆଙ୍କ ଅକାଳ ବିୟୋଗରେ ଓଡିଶା ଡ୍ରାଇଭର ମହାସଂଘର ସଦସ୍ୟମାନେ ଗଭିର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ୯ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାଯାଇଛି ।ସ୍ୱର୍ଗତ ଖଟୁଆଙ୍କ ଏକାଦଶାହ ତିଥି ଅବସରରେ ନୟାଗଡ ଜିଲ୍ଲା ଡ୍ରାଇଭର ମହାସଂଘର ଉପ ସଭାପତି ରଜତ କୁମାର ଦାସ ଓ ଖଣ୍ଡପଡ଼ା ବ୍ଲକ ସଭାପତି ଜିତେନ୍ଦ୍ର କୁମାର ସାହୁଙ୍କ ସହ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିବା ବେଳେ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।ଏ ଅବସରରେ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିବା ଜଣାଯାଇଛି ।

## ଡିଆଁଡେଇଁ ଗ୍ରାମରେ କୁମାରୀ ଝିଅଙ୍କ ଚଉଁରା ମୂଳେ କଳସ ସ୍ଥାପନ

ରମ୍ଭା(ନିପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ପାରମ୍ପରିକ ପ୍ରଥା ଅନୁସାରେ ମାନସିକଧାରୀ କୁମାରୀ ଝିଅ ମାନଙ୍କ ତୁଳସୀ ଚଉଁରା ମୂଳେ କଳସ ସ୍ଥାପନ ଏକ ଉତ୍ସାହ ଉଦ୍ଦୀପନା ସହ ଆରମ୍ଭ ହୋଇଛି । ଚଳିତ ବର୍ଷ ଆଶ୍ୱିନ ପୂର୍ଣ୍ଣମୀ ତଥା ଅପରପକ୍ଷ ଠାରୁ ଆସନ୍ତା ମାସ ତଥା ଗଜଲକ୍ଷ୍ମୀ ପୂଜା ପର୍ଯ୍ୟନ୍ତ ଏକ ମାସ ଧରି ପ୍ରତ୍ୟହ ସନ୍ଧ୍ୟାରେ ଚଉଁରା ମୂଳେ ସମବେତ ହୋଇ ଜହ୍ନି ଓଷା ଗୀତ ଗାନ ସଙ୍ଗକୁ ପୂଜା କରନ୍ତି । ଏଥି ସହିତ କୁମାରୀମାନେ ନୂତନ ବସ୍ତ୍ର ପରିଧାନ ସାଙ୍ଗକୁ ନିଷ୍ଠା ଉପବାସ ପାଳନ ରହନ୍ତି । ତତ୍ ସହିତ କୁମାରୀ ଝିଅ ମାନଙ୍କର ଭିନ୍ନ ଭିନ୍ନ ମାନସିକ ଧାରଣା ରଖି ଉପବାସ କରିବା ସାଙ୍ଗକୁ ଫଳାଫଳ ଅପେକ୍ଷାକୁ ଆଶା ବାନ୍ଧିଥାନ୍ତି ।

## ଚିକିଟିରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

ବ୍ରହ୍ମପୁର(ନିପ୍ର): ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏବଂ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକରଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଆଜି ଚିକିଟି ବ୍ଲକ ମୁଖ୍ୟାଳୟଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୧୧୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୦୧ଟି ବ୍ୟକ୍ତିଗତ ସମସ୍ୟା ଏବଂ ୧୫ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଥିଲା । ଏଥିସହ ରେଡକ୍ରସ ସହାୟତା ପାଇଁ ୨ଟି ଆବେଦନ ଗ୍ରହଣ କରାଯାଇଥିଲା । ଶିବିରରେ ୨୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଅଭିଯୋଗ ଶୁଣାଣି ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ପ୍ରଦାନ କରାଯାଇଥିଲା । ମହାକାଳୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ବିହନ ଅର୍ଥ ଓ ଆବର୍ତ୍ତୀ ପାଣ୍ଠି ବାବଦରେ ୨୫,୦୦୦ ଟଙ୍କା, ୬ ଜଣଙ୍କୁ ନିର୍ମାଣ ଶ୍ରମିକ କାର୍ଡ, ୧୦ ଜଣଙ୍କୁ ରାସନ କାର୍ଡ ଏବଂ ୩ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ—ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା କାର୍ଡ ପ୍ରଦାନ କରାଯାଇଥିଲା ।

## ଅଙ୍ଗନୱାଡ଼ି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ'



ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଥିବା ୧୯୨ଟି ଆଙ୍ଗନୱାଡ଼ି କେନ୍ଦ୍ରରେ ରବିବାର 'ଆଙ୍ଗନ କା ଉତ୍ସବ' ପାଳିତ ହୋଇଯାଇଛି । ଏହି ଅବସରରେ ଶିଶୁଙ୍କ ପୁଷ୍ଟି ଓ ସୁସ୍ଥତା ସମ୍ପର୍କରେ ଅଭିଭାବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ଘରେ ପ୍ରସ୍ତୁତ ପୌଷ୍ଟିକ ଖାଦ୍ୟର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଉତ୍ସବରେ ବାପା-ମା' ଓ ଜେଜେବାପା-ଜେଜେମା'ମାନେ ଉତ୍ସାହର ସହ ଯୋଗଦେଇ ଘରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ପୌଷ୍ଟିକ ଖାଦ୍ୟ ଆଣି ପ୍ରଦର୍ଶନ କରିଥିଲେ । ସ୍ଥାନୀୟ ଭାବେ ମିଳୁଥିବା ଶସ୍ୟ, ଡାଲି, ପନିପରିବା ଓ ଅନ୍ୟାନ୍ୟ ପୁଷ୍ଟିକର ଉପାଦାନରେ ପ୍ରସ୍ତୁତ ଖାଦ୍ୟ ଏହି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିଲା । ଏହି ପ୍ରଦର୍ଶନୀରୁ ଶ୍ରେଷ୍ଠ ପୌଷ୍ଟିକ ଖାଦ୍ୟ ପ୍ରସ୍ତୁତ କରିଥିବା ବାପାମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟଙ୍କୁ ଚୟନ କରାଯାଇଛି । ଚୟନ ହୋଇଥିବା ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୯ ତାରିଖରେ ପୁରସ୍କୃତ କରାଯିବ । କାର୍ଯ୍ୟକ୍ରମରେ ବେଲଗୁଣ୍ଠା ସିଡିପିଓ ନଳିନୀ ମହାରଣାଙ୍କ ତତ୍ତ୍ୱାବଧାନରେ ପୋଷଣ ବିସି, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ସମେତ ବହୁ ସଂଖ୍ୟାରେ ଅଭିଭାବକ ଓ ପରିବାରର ବୟୋଜ୍ୟେଷ୍ଠ ସଦସ୍ୟ ଯୋଗ ଦେଇଥିଲେ । ଶିଶୁଙ୍କ ସୁସ୍ଥ ବିକାଶ ପାଇଁ ପରିବାର, ଆଙ୍ଗନବାଡ଼ି କେନ୍ଦ୍ର ଓ ସମାଜର ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି ଏହି ଉତ୍ସବ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା ।

# ପୁଲଗୁମି ଜଳ ପ୍ରପାତକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା କେବେ ?



କାଶୀନଗର(ନିପ୍ର): ଗଜପତି ଜିଲ୍ଲା କାଶୀନଗର ବ୍ଲକର ଅଲଡା ପଞ୍ଚାୟତ ମଧ୍ୟରେ ଥିବା ପୁଲଗୁମି ଜଳ ପ୍ରପାତ ଏକ ସୁନ୍ଦର ଘଞ୍ଚ ଜଙ୍ଗଲ ମଧ୍ୟରେ ବହୁ ପୁରାତନ କାଳରୁ ପ୍ରବାହିତ ହୋଇ ଆସୁଛି । ଏହି ଜଳପ୍ରପାତର ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ ଓ ଆଦିବାସୀ କଳା ସଂସ୍କୃତିକୁ ଉପଭୋଗ କରିବା ସକାଶେ ବହୁ ଦୂର ଦୁରାନ୍ତରୁ ବହୁ ପର୍ଯ୍ୟଟକ ଆସି ଏହି ପୁଲଗୁମି ଜଳ ପ୍ରପାତ ଠାରେ ଆସର ଜମେଇ ଥାନ୍ତି । କାଶୀନଗର ବିଡ଼ିଓ ଡମ୍ବରୁ ଧର ମଲ୍ଲିକଙ୍କ ଉଦ୍ୟମ ଦ୍ୱାରା କାଶୀନଗର ବ୍ଲକ ସ୍ଥିତ ରାଣୀପେଣ୍ଠ ଛକ, ସୀତାପୁର ଛକ, କାଶୀନଗର ଏସ ବି ଆଇ ଛକ ଏବଂ ରାୟଗଡା ଜିଲ୍ଲା ଗୁଣୁପୁର ବାଇପାସ ଛକ ଠାରେ ଏହି ପୁଲଗୁମି ଜଳ ପ୍ରପାତର ପ୍ରଚାର ଓ ପ୍ରସାର ପାଇଁ ସୁନ୍ଦର ସୁନ୍ଦର ନାମ ଫଳକମାନ ଲଗେଇ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ଯାହା କି ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଏହା ଏକ ସୁନ୍ଦର ପ୍ରୟାସ. କିନ୍ତୁ ପରିତାପର ବିଷୟ ଏହି କି ଯେ ୨୭/ ୯/୨୦୨୬ ତାରିଖ ଦିନ ବିଶ୍ୱ ପର୍ଯ୍ୟଟନ ଦିବସ ଜିଲ୍ଲାସ୍ତରରେ ପାଳନ କରାଯାଇ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ପ୍ରାଧାନ୍ୟ ଦେଇଥିବା ବେଳେ କାଶୀନଗର ବ୍ଲକର ଏହି ପୁଲଗୁମି ଜଳ ପ୍ରପାତକୁ ଅଣଦେଖା କରିଥିବା ଭଳି ମନେ ହେଉଛି । ଏହି ଜଳ ପ୍ରପାତ ସରକାରୀ ସ୍ତରରେ ପର୍ଯ୍ୟଟନ ସ୍ଥଳୀର ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଐତିହ ସଂରକ୍ଷଣର ବିକାଶ କରିବାକୁ ହେଲେ ଏହାକୁ ପର୍ଯ୍ୟଟନ ସ୍ଥଳୀର ସରକାରୀ ମାନ୍ୟତା ପାଇବା ଆବଶ୍ୟକ ରହିଛି । ଏହି ସଂକ୍ରାନ୍ତରେ ବହୁ ବାର ଏହି ବିଷୟରେ ସରକାରୀ ମାନ୍ୟତା ପାଇବାକୁ ପୁଲଗୁମି ବନଦୁର୍ଗା ମନ୍ଦିର ଟ୍ରଷ୍ଟ ସଦସ୍ୟ ଅବସର ପ୍ରାପ୍ତ ଶିକ୍ଷକ କୃଷ୍ଣ ଚନ୍ଦ୍ର ଦୋରା,ବନଦୁର୍ଗା ମନ୍ଦିର ପ୍ରତିଷ୍ଠାତା ବଂଶୀ ମାହାଙ୍କୁଡ, ସମାଜସେବୀ ହୃଷିକେଶ ଗୌଡ଼,ମେଢ଼ିଆ କ୍ଲବ ସଭାପତି ଆନନ୍ଦ ପାତ୍ର ଓ ସାମ୍ବାଦିକ ଅଜିତ ପଟ୍ଟନାୟକ ଉପସ୍ଥାପନା କରି ତୁରନ୍ତ ଏହି ପୁଲଗୁମି ଜଳ ପ୍ରପାତକୁ ସରକାରୀ ସ୍ତରରେ ମାନ୍ୟତା ଦେବାକୁ କହିଛନ୍ତି ।

ତିଥି :(ତୃତୀୟା): (ଅଶ୍ୱିନୀ ମେଷ)
ଅମୃତ ବେଳା: ଦିବା ଘ ୬।୨୮ ମଧ୍ୟେ ଘ୭ ।୧୬ ଗତେ

## ଆଜିର ଅନୁଚିନ୍ତନ

ହେ ଭରତଶ୍ରେଷ୍ଠ ଅର୍ଜୁନ ! ମୁଁ ବଳବାନଙ୍କର କାମ ଓ ରାଗ ବିବର୍ଜିତ ବଳ ଏବଂ ପ୍ରାଣୀମାନଙ୍କ ଠାରେ ଧର୍ମର ଅବିରୁଦ୍ଧ କାମ ଅଟେ ।

।।। - ଶ୍ରୀମଦ୍ ଭଗବଦ୍ ଗୀତା

## ବାଧା ସାଜୁଛି କି ଈର୍ଷଣୀୟ ମନୋଭାବ !

ଜାତିସଂଘର ସାଂଗଠନିକ ବ୍ୟବସ୍ଥାରେ ଦୁର୍ବଳତା କାରଣରୁ ଏହାର ଇଚ୍ଛାଶକ୍ତି ବେଳକୁ ବେଳ କ୍ଷୀଣ ହୋଇଚାଲିଛି । ଏହି କାରଣରୁ ରୁଷ-ୟୁକ୍ରେନ ହେଉ କି ଇରାନ-ଆମେରିକା ଯୁଦ୍ଧ ହେଉ ସେଥିରେ ଅନ୍ତ ଘଟିପାରୁନାହିଁ, ଏହା ହିଁ ବୋଧ ହେଉଛି । ଏକାଧିକ ଯୁଦ୍ଧ ପୃଥିବୀକୁ ନାନା ସଂକଟ ଘେରକୁ ଟାଣିଥିଲେ ବି କାହାର ଚେତନା ଉଦୟ ହେଉଥିବା ମନେ ହେଉ ନାହିଁ । ଯୁଦ୍ଧ ନୁହେଁ, ସାରା ପୃଥିବୀ ସଭ୍ୟତାର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଲୋଡ଼େ । ଏଥିଲାଗି ବଳ ଯୋଗାଇବ ଜାତିସଂଘ । ମାତ୍ର ବିଡମ୍ବନା ଯେ ଏହାର ସାଂଗଠନିକ ସଂସ୍କାର ଲାଗି ଦାବି ନେଇ କେହି ନେତୃତ୍ୱ ନେବାକୁ ଆଗଭର ହେଉନାହାନ୍ତି । ଏହା କ'ଣ ସ୍ଥାଣୁ ରହିଯିବ ? ନେତୃତ୍ୱ କାହିଁକି ନେଉନାହାନ୍ତି, ତାହା ବଡ଼ ରହସ୍ୟଘେରରେ ରହିଛି ।

ଜାତିସଂଘର ନିରାପତ୍ତା ପରିଷଦରେ ରୁଷିଆ, ଫ୍ରାନସ, ଗ୍ରେଟବ୍ରିଟେନ, ଆମେରିକା ଓ ଚୀନ ରହିଛି । ଚୀନକୁ ଛାଡ଼ିଦେଲେ ଅନ୍ୟମାନେ ବିଭିନ୍ନ ସମୟରେ ଭାରତର ସ୍ଥାୟୀ ସଦସ୍ୟତା ନିମିତ୍ତ ସମର୍ଥନ ଦେଇଆସିଛନ୍ତି । ନିକଟରେ ମିଳିତ ଜାତିସଂଘର ଅନୁଷ୍ଠିତ ବାର୍ଷିକ ସାଧାରଣ ପରିଷଦ ବୈଠକରେ ୟୁରୋପୀୟ ରାଷ୍ଟ୍ର ପୋଲାଣ୍ଡ, ହଙ୍ଗେରି, ସ୍ଲୋଭାକିଆ, ଚେକ୍ ଗଣରାଜ୍ୟ ଏପରିକି ରୁଷ ମଧ୍ୟ ଭାରତର ସ୍ଥାୟୀ ସଦସ୍ୟତା ସଂକ୍ରାନ୍ତରେ ସମର୍ଥନ ବା ଦାବି ଉପସ୍ଥାପନା କରିଛନ୍ତି । ଭାରତ ଭଳି ବ୍ରାଜିଲ ମଧ୍ୟ ସ୍ଥାୟୀ ଆସନ ପାଇବାକୁ ଆଶାୟୀ ରହିଛି । ତେବେ ଏହି ଦୁଇ ରାଷ୍ଟ୍ର ମଧ୍ୟରୁ ଭାରତର ଗୁରୁତ୍ୱ ବୈଶ୍ୱିକ ଆର୍ଥନୀତିକ ଶକ୍ତି ଦୃଷ୍ଟିରୁ ଦିନକୁ ଦିନ ବଢୁଥିବା ଲକ୍ଷ୍ୟ କରି କାଳେ ନିଜ ହାକିମାତିରେ ବାଧା ଆସିବ, ଏପରି ଅନୁମାନ କରି ଚୀନ ଭାରତ ଆଡ଼କୁ ଚାହୁଁନାହିଁ । ଏକଥା ସତ ଯେ ଅଧିକ ସମର୍ଥନ ଭାରତର ସ୍ଥାୟୀ ସଦସ୍ୟ ଲାଗି ବାଟ ଫିଟାଇବ ନାହିଁ । କିନ୍ତୁ ଯାହା ମନେହୁଏ ଚୀନ ସମେତ ଅନ୍ୟ ୪ ପ୍ରମୁଖ ରାଷ୍ଟ୍ର ଭାରତର ସ୍ଥାୟୀ ସଦସ୍ୟତା ପଛରେ ବାହ୍ୟତଃ କହୁଥିଲେ ହେଁ ଆନ୍ତରିକ ଭାବ ପ୍ରକଟ କରୁନାହାନ୍ତି ଏପରି ଅନୁମାନ କରାଯିବା ଅଯଥାର୍ଥ ହେବନାହିଁ ।

ଚୀନ ତାହାର ବଜାର ବ୍ୟବସ୍ଥା ହେଉ କି ଆନ୍ତର୍ଜାତିକସ୍ତରରେ ପତିଆରା ଜାହିର କରିବା ହେଉ ବା ଉଭୟ ଦିଗକୁ ଆଗକୁ ନେବାକୁ ଚୁପ୍‌ଚାପ୍ ଗତିପଥ ଜାରି ରଖିଛି । ଦୀର୍ଘ ବର୍ଷ ପରେ ସଦ୍ୟ ଆମେରିକା ସହିତ ଏହା ସଂପର୍କ ଯୋଡ଼ିଛି । ଖୋଦ୍ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଗସ୍ତ ଅବସରରେ ବାଣିଜ୍ୟିକ ରଣକୌଶଳ ସଂରଚନା ନେଇ ଉଭୟ ରାଷ୍ଟ୍ର ଯାହା ଆଲୋଚନା କରିଛନ୍ତି ତାହାର ଭିତିରି ଉଦ୍ଦେଶ୍ୟ ଚୀନ ସାମଗ୍ରୀ ଆମେରିକା ବଜାରରେ ଆଗକୁ ବିଶେଷ ଭାବରେ ଚାଲିବ, ଭାରତୀୟ ସାମଗ୍ରୀଗୁଡ଼ିକୁ ଏହା ପଛରେ ପକାଇବ । ଏ ପ୍ରକାର ସ୍ଥିତି ଥିବାବେଳେ ଜାତିସଂଘ ନିରାପଦ ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ସମର୍ଥନ ଆବହାୱା ଚୀନ ପାଇଁ ଅସହ୍ୟ ହେଉଥିବା ନିଃସନ୍ଦେହ ।

ସବୁଠୁ ଉଦ୍‌ବେଗଜନକ ଯେ ବିଶ୍ୱ ପାଇଁ ଶାନ୍ତି ଓ ବିକାଶ ଦୁଇ ଡେଣା ଭଳି । ପକ୍ଷୀ ଯେପରି ଦୁଇ ଡେଣା ସାହାଯ୍ୟ ଉଡ଼େ ପୃଥିବୀରେ ଜୀବନର ଧାରା ଏହା ଉପରେ ନିର୍ଭର କରେ । ଏହା ସାଙ୍ଗକୁ ମୈତ୍ରୀ ଭାବର ବିଶେଷ ଜରୁରୀ ରହିଛି । ସୁତରାଂ ଏପରି ସକାରାତ୍ମକତା ବିଶ୍ୱରେ ସବୁଠୁ ଅଧିକ କୌଣସି ରାଷ୍ଟ୍ର ଯଦି ପ୍ରଦର୍ଶନ କରୁଥାଏ ତାହା ଭାରତ ବ୍ୟତୀତ ଅନ୍ୟ କେହି ନୁହେଁ, ଏ ପରିପ୍ରେକ୍ଷୀରେ ଜାତିସଂଘରେ ସଂସ୍କାର ସଂରଚନା ସାମ୍ପ୍ରତିକ ସ୍ଥିତି ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ସ୍ଥାୟୀ ସଦସ୍ୟଭୁକ୍ତ ରାଷ୍ଟ୍ରଙ୍କ ମଧ୍ୟରେ ସମନ୍ୱୟର ଅଭାବ ଏ ଦିଗରେ ପ୍ରତିବନ୍ଧକ ସାଜିଛି ବୋଲି ବିଚାରିବାକୁ ହେବ । ତେବେ ଏହି ପ୍ରୟାସ ସଫଳ ହେବ ଯେବେ ଏ ବାବଦରେ ନିରନ୍ତର ବିଭିନ୍ନ ରାଷ୍ଟ୍ର ଚିନ୍ତନ କରିବେ, ଦାବି ଉଠାଇବେ । ଏହାଦ୍ୱାରା ଜାତିସଂଘ ସଂସ୍କାର ପାଇଁ ଚେତନା ବୃଦ୍ଧି ପାଇବ ।

# ବନ୍ଦ ନୁହେଁ, ସମାଧାନ ଦରକାର

**ସୌଭାଗ୍ୟ ରଞ୍ଜନ ମହାନ୍ତି**

> **ତେବେ ବନ୍ଦ କାହିଁକି ? ଏହି ପ୍ରଶ୍ନ ଆଜି କେବଳ ସରକାରଙ୍କୁ ନୁହେଁ, ଆନ୍ଦୋଳନକାରୀଙ୍କୁ ମଧ୍ୟ ପଚାରିବା ଦରକାର । ଅନଶନକାରୀଙ୍କ ସ୍ୱାସ୍ଥ୍ୟ ନେଇ ମଧ୍ୟ ମାନବୀୟ ଚିନ୍ତା ରହିବା ଆବଶ୍ୟକ । ଦୀର୍ଘ ଅନଶନ ଚାଲିଥିବା ବୋଲି ସଂଗଠନ ପକ୍ଷରୁ କୁହାଯାଇଥିବାରୁ ସରକାର ଓ ଆନ୍ଦୋଳନକାରୀ— ଦୁଇପକ୍ଷଙ୍କ ମଧ୍ୟରେ ତୁରନ୍ତ ଆଲୋଚନାର ଦ୍ୱାର ଖୋଲିବା ଆବଶ୍ୟକ । ସେପ୍ଟେମ୍ବର ୨୨ରେ ପାଠ୍ୟପୁସ୍ତକ ପ୍ରସଙ୍ଗକୁ ନେଇ ବିଧାନସଭା ନିକଟରେ ପ୍ରତିବାଦ ସମୟରେ ପୁଲିସ ସହ ଧସ୍ତାଧସ୍ତି ହୋଇଥିବା ଏବଂ କିଛି ନେତାଙ୍କୁ ଅଟକ ରଖାଯାଇଥିବା ଖବର ମଧ୍ୟ ଆସିଥିଲା ।**

ଛାତ୍ରଙ୍କ ଭବିଷ୍ୟତକୁ ଆନ୍ଦୋଳନର ଅସ୍ତ୍ର କରାଯାଉ ନାହିଁ ଓଡ଼ିଶାର ମାଟିରେ ଆନ୍ଦୋଳନର ଏକ ଦୀର୍ଘ ପରମ୍ପରା ରହିଛି । ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା ଗଣତନ୍ତ୍ରର ଅଧିକାର, ସରକାରଙ୍କୁ ପ୍ରଶ୍ନ କରିବା ନାଗରିକଙ୍କ ଅଧିକାର, ଦାବି ପାଇଁ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରିବା ମଧ୍ୟ ଗଣତାନ୍ତ୍ରିକ ବ୍ୟବସ୍ଥାର ଅଂଶ । କିନ୍ତୁ ଏହି ଅଧିକାରର ଅର୍ଥ ଏହା ନୁହେଁ ଯେ ଗୋଟିଏ ସଂଗଠନ ସମଗ୍ର ରାଜ୍ୟର ସାଧାରଣ ଜୀବନକୁ ବନ୍ଦ କରିଦେବ, ରାସ୍ତାରେ ଲୋକଙ୍କ ଯାତାୟାତ ରୋକିବ, ଦୋକାନୀଙ୍କୁ ଦୋକାନ ବନ୍ଦ କରିବାକୁ ବାଧ୍ୟ କରିବ, ରୋଗୀଙ୍କ ଚିକିତ୍ସା ଯାତ୍ରାକୁ ଅଟକାଇବ କିମ୍ବା ଶ୍ରମିକ, ଛାତ୍ର, କର୍ମଚାରୀ ଓ ସାଧାରଣ ପରିବାରକୁ ନିଜ ଇଚ୍ଛା ବିରୋଧରେ ଘରେ ବସାଇଦେବ । ଏହି ତଫାତକୁ ଆଜି ଓଡ଼ିଶା ବୁଝିବା ଅତ୍ୟନ୍ତ ଆବଶ୍ୟକ । ଏକ କୃଷକ ସଂଗଠନ , ଅନ୍ୟଟି ଯୁବ ଛାତ୍ର ସଂଗଠନ ସେପ୍ଟେମ୍ବର ୩୦ରେ ବାର ଘଣ୍ଟିଆ ଓଡ଼ିଶା ବନ୍ଦ ଡାକିଛନ୍ତି । ବିଦ୍ୟାଳୟ ପାଠ୍ୟପୁସ୍ତକରେ ତ୍ରୁଟି ଥିବା ଅଭିଯୋଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଏହି ବନ୍ଦର ପ୍ରମୁଖ କାରଣ ବୋଲି ସଂଗଠନଗୁଡ଼ିକ କହିଛନ୍ତି । ସଂଗଠନ ପକ୍ଷରୁ ଶ୍ରେଣୀ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ୧୬୭୮ଟି ତ୍ରୁଟି ଚିହ୍ନଟ ହୋଇଥିବା ଦାବି କରାଯାଇଛି । ଆନ୍ଦୋଳନ ୩୭ ଦିନରେ ପହଞ୍ଚିଥିବା ଏବଂ ଅନିର୍ଦ୍ଦିଷ୍ଟକାଳୀନ ଅନଶନ ଚାଲିଥିବା ବିଷୟ ମଧ୍ୟ ସଂଗଠନଗୁଡ଼ିକ କହିଛନ୍ତି । ଏହି ଅଭିଯୋଗଗୁଡ଼ିକୁ ହେୟଜ୍ଞାନ କରିବାର ଅବକାଶ ନାହିଁ । ପିଲାଙ୍କ ପାଠ୍ୟପୁସ୍ତକରେ ଭୁଲ ଥିଲେ ତାହା ନିଶ୍ଚିତ ଭାବରେ ଗମ୍ଭୀର ପ୍ରଶାସନିକ ଓ ଶିକ୍ଷାଗତ ପ୍ରଶ୍ନ । ପାଠ୍ୟପୁସ୍ତକ କେବଳ କାଗଜ ନୁହେଁ; ଏହା ଶିଶୁର ପ୍ରଥମ ଜ୍ଞାନର ଦ୍ୱାର । ଏଥିରେ ତଥ୍ୟଗତ, ଭାଷାଗତ କିମ୍ବା ମୁଦ୍ରଣଗତ ଭୁଲ ରହିଲେ ଦାୟିତ୍ୱ ନିର୍ଦ୍ଧାରଣ ହେବା ଦରକାର । କେଉଁଠି ଭୁଲ ହେଲା, କିଏ ଯାଞ୍ଚ କଲା, କିଏ ଅନୁମୋଦନ କଲା, ତ୍ରୁଟିପୂର୍ଣ୍ଣ ପୁସ୍ତକ କିପରି ଛପାଗଲା ଏବଂ ସଂଶୋଧିତ ପୁସ୍ତକ କେବେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିବ—ଏହି ପ୍ରଶ୍ନର ସରକାରୀ ଉତ୍ତର ସ୍ପଷ୍ଟ ହେବା ଦରକାର । ବିଧାନସଭାରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି ଏବଂ ଅଧିବେଶନ ବାଧାପ୍ରାପ୍ତ ହୋଇଛି । ଅର୍ଥାତ୍ ଏହା ଏକ ପ୍ରକୃତ ସାର୍ବଜନୀନ ପ୍ରଶ୍ନରେ ପରିଣତ ହୋଇଛି । କିନ୍ତୁ ଏହି ପ୍ରଶ୍ନର ଉତ୍ତର କ'ଣ ରାଜ୍ୟବ୍ୟାପୀ ବନ୍ଦ ? ଏଠି ହିଁ ମୂଳ ବିତର୍କ । ସୁପ୍ରିମକୋର୍ଟର ରାୟଗୁଡ଼ିକ ବନ୍ଦ ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦ ମଧ୍ୟରେ ଆଇନଗତ ପାର୍ଥକ୍ୟକୁ ସ୍ପଷ୍ଟ କରିଛି । ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଗତ ରାୟରେ ପୂର୍ବତନ କେରଳ ଉଚ୍ଚନ୍ୟାୟାଳୟର ପୂର୍ଣ୍ଣାଙ୍ଗ ଖଣ୍ଡପୀଠ ରାୟକୁ ଉଦ୍ଧୃତ କରି କହିଛନ୍ତି ଯେ ବନ୍ଦର ଉଦ୍ଦେଶ୍ୟ ସାଧାରଣତଃ ସମଗ୍ର ଅଞ୍ଚଳର ସାଧାରଣ ଓ ବାଣିଜ୍ୟିକ କାର୍ଯ୍ୟକଳାପକୁ ଅଚଳ କରିବା ସହ ଜଡ଼ିତ, ଏବଂ କୌଣସି ଦଳ ବା ସଂଗଠନ ସମଗ୍ର ରାଜ୍ୟର ଶିଳ୍ପ ଓ ବାଣିଜ୍ୟକୁ ଅଚଳ କରିବାର ଅଧିକାର ଦାବି କରିପାରିବ ନାହିଁ । ଆଉ ଅଧିକ ସ୍ପଷ୍ଟ ଭାବରେ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ବନ୍ଦ, ଧର୍ମଘଟ କିମ୍ବା ହରତାଳର ନାମରେ ଅନ୍ୟ ନାଗରିକଙ୍କ ସମ୍ପତ୍ତି ନଷ୍ଟ କରିବା, ଜୀବନ ଓ ସମ୍ପତ୍ତି ପ୍ରତି ବିପଦ ସୃଷ୍ଟି କରିବାର ଅଧିକାର କାହାରି ନାହିଁ । ଏହି ଆଇନଗତ ସ୍ଥିତିକୁ ଅଣଦେଖା କରି କେବଳ ରାଜନୈତିକ ଉତ୍ତେଜନାରେ ବନ୍ଦକୁ ସମର୍ଥନ କରିବା ଠିକ୍ ହେବ ନାହିଁ । କାରଣ ବନ୍ଦର ପ୍ରଥମ ଶିକାର ସାଧାରଣ ଲୋକ । ଭୋରରୁ ଚିକିତ୍ସା ପାଇଁ ବାହାରିଥିବା ଜଣେ ଗରିବ ରୋଗୀ, ପରୀକ୍ଷା ଦେବାକୁ ଯାଉଥିବା ଛାତ୍ର, ପ୍ରତିଦିନ ରୋଜଗାର କରି ଘର ଚଳାଉଥିବା ଶ୍ରମିକ, ଦୂର ଗାଁରୁ ସହରକୁ ଆସୁଥିବା ମହିଳା, ରାସ୍ତାରେ ଜରୁରୀ କାମରେ ଥିବା କର୍ମଚାରୀ— ଏମାନଙ୍କୁ ରାଜନୈତିକ ମତ ପଚାରି ବନ୍ଦ ହୁଏ ନାହିଁ । ଗୋଟିଏ ଦିନର ବନ୍ଦ ଜଣେ ଦିନମଜୁରିଆଙ୍କ ପାଇଁ ଗୋଟିଏ ଦିନର ଆୟ ହରାଇବା ହୋଇପାରେ । ଜଣେ ଛୋଟ ବ୍ୟବସାୟୀଙ୍କ ପାଇଁ ଦିନର ବିକ୍ରି ହରାଇବା ହୋଇପାରେ । ଜଣେ ରୋଗୀଙ୍କ ପାଇଁ ଏହା ଚିକିତ୍ସାରେ ବିଳମ୍ବ ହୋଇପାରେ । ତେଣୁ ଦାବି ଯଦି ଛାତ୍ରଙ୍କ ଭବିଷ୍ୟତ ପାଇଁ, ତେବେ ଏମିତି ପଦକ୍ଷେପ କାହିଁକି ନିଆଯିବ ଯାହାର ପ୍ରଥମ ଭାର ଛାତ୍ରଙ୍କ ପରିବାର ଓ ସାଧାରଣ ଲୋକଙ୍କ ଉପରେ ପଡ଼ିବ ? ଏଠାରେ ସରକାରଙ୍କ ଦାୟିତ୍ୱ ମଧ୍ୟ କମ୍ ନୁହେଁ । ସରକାର କେବଳ ଏହା କହିଦେଲେ ଯେ ସଂଶୋଧିତ ପୁସ୍ତକ ବଣ୍ଟନ ହେଉଛି, ସେଥିରେ ଜନଆସ୍ଥା ପୁନର୍ନିର୍ମାଣ ହେବ ନାହିଁ । କେତେଟି ପୁସ୍ତକରେ କେତେ ତ୍ରୁଟି ଥିଲା, ତାହାର ଯାଞ୍ଚ କିପରି ହେଲା, କେତେଟି ସଂଶୋଧିତ ପୁସ୍ତକ ଛପାଗଲା, କେତେ ଛାତ୍ରଙ୍କୁ ପହଞ୍ଚିଲା ଏବଂ ଅବଶିଷ୍ଟ କେବେ ପହଞ୍ଚିବ—ସରକାରଙ୍କୁ ସାର୍ବଜନୀନ ଭାବରେ ଏହାର ହିସାବ ଦେବା ଦରକାର । ସେହିପରି ମନ୍ତ୍ରୀଙ୍କ ଇସ୍ତଫା ଦାବି ମଧ୍ୟ ଗଣତାନ୍ତ୍ରିକ ପ୍ରଶ୍ନ ଭାବେ ଉଠିପାରେ; କିନ୍ତୁ ଇସ୍ତଫା ହେବ କି ନାହିଁ, ତାହା ତଥ୍ୟ, ଦାୟିତ୍ୱ ଓ ସାମ୍ବିଧାନିକ ପ୍ରକ୍ରିୟା ଆଧାରରେ ନିର୍ଣ୍ଣୟ ହେବା ଉଚିତ । କେବଳ ରାସ୍ତା ବନ୍ଦ କରି କୌଣସି ମନ୍ତ୍ରୀଙ୍କ ଇସ୍ତଫା ନିଶ୍ଚିତ କରାଯାଇପାରେ ନାହିଁ । ରାଜନୈତିକ ଦଳଗୁଡ଼ିକ ପାଇଁ ମଧ୍ୟ ଏହି ଘଟଣା ଏକ ପରୀକ୍ଷା । ବିରୋଧୀ ଦଳର କାମ ହେଉଛି ସରକାରଙ୍କୁ ପ୍ରଶ୍ନ କରିବା, ଦୋଷ ଥିଲେ ତାହା ପ୍ରମାଣ ସହ ଉଠାଇବା ଏବଂ ଛାତ୍ରଙ୍କ ସ୍ୱାର୍ଥରେ ଦାୟିତ୍ୱ ନିର୍ଦ୍ଧାରଣ ଦାବି କରିବା । କିନ୍ତୁ ସାଧାରଣ ଜନଜୀବନକୁ ଅଚଳ କରିବାର ପଥ ଗଣତାନ୍ତ୍ରିକ ଚାପର ଏକମାତ୍ର ଉପାୟ ନୁହେଁ । ବିଧାନସଭା ଅଛି, ସମ୍ବାଦମାଧ୍ୟମ ଅଛି, ନ୍ୟାୟାଳୟ ଅଛି, ଜନଶୁଣାଣି ଅଛି, ଶାନ୍ତିପୂର୍ଣ୍ଣ ଧାରଣା ଅଛି, ସ୍ମାରକପତ୍ର ଅଛି ଏବଂ ନିର୍ବାଚନରେ ଜନତାଙ୍କ ରାୟ ଅଛି ।

ତେବେ ବନ୍ଦ କାହିଁକି ? ଏହି ପ୍ରଶ୍ନ ଆଜି କେବଳ ସରକାରଙ୍କୁ ନୁହେଁ, ଆନ୍ଦୋଳନକାରୀଙ୍କୁ ମଧ୍ୟ ପଚାରିବା ଦରକାର । ଅନଶନକାରୀଙ୍କ ସ୍ୱାସ୍ଥ୍ୟ ନେଇ ମଧ୍ୟ ମାନବୀୟ ଚିନ୍ତା ରହିବା ଆବଶ୍ୟକ । ଦୀର୍ଘ ଅନଶନ ଚାଲିଥିବା ବୋଲି ସଂଗଠନ ପକ୍ଷରୁ କୁହାଯାଇଥିବାରୁ ସରକାର ଓ ଆନ୍ଦୋଳନକାରୀ—ଦୁଇପକ୍ଷଙ୍କ ମଧ୍ୟରେ ତୁରନ୍ତ ଆଲୋଚନାର ଦ୍ୱାର ଖୋଲିବା ଆବଶ୍ୟକ । ସେପ୍ଟେମ୍ବର ୨୨ରେ ପାଠ୍ୟପୁସ୍ତକ ପ୍ରସଙ୍ଗକୁ ନେଇ ବିଧାନସଭା ନିକଟରେ ପ୍ରତିବାଦ ସମୟରେ ପୁଲିସ ସହ ଧସ୍ତାଧସ୍ତି ହୋଇଥିବା ଏବଂ କିଛି ନେତାଙ୍କୁ ଅଟକ ରଖାଯାଇଥିବା ଖବର ମଧ୍ୟ ଆସିଥିଲା । ସେହି ସମୟରେ ଜଣେ ଶାସକଦଳୀୟ ବିଧାୟକ କହିଥିଲେ ଯେ ସରକାର ତ୍ରୁଟି ଉପରେ ପଦକ୍ଷେପ ନେଇଛନ୍ତି ଏବଂ ସଂଶୋଧିତ ପୁସ୍ତକ ବଣ୍ଟନ ହେଉଛି । ତେଣୁ ଏବେ ଆବଶ୍ୟକ ହେଉଛି ଦୁଇପକ୍ଷର ଦାବିକୁ ଯାଞ୍ଚଯୋଗ୍ୟ ତଥ୍ୟରେ ପରିଣତ କରିବା । ଆନ୍ଦୋଳନକାରୀ କହୁଥିବା ୧୬୭୮ ତ୍ରୁଟିର ସମ୍ପୂର୍ଣ୍ଣ ତାଲିକା ସାର୍ବଜନୀନ ହେଉ । ସରକାର କେଉଁ ତ୍ରୁଟି ସ୍ୱୀକାର କରୁଛନ୍ତି, କେତୋଟି ସଂଶୋଧନ କରିଛନ୍ତି ଓ କେତେ ଛାତ୍ରଙ୍କୁ ନୂଆ ପୁସ୍ତକ ମିଳିଛି, ସେଥିର ଜିଲ୍ଲାଭିତ୍ତିକ ତଥ୍ୟ ଦିଅନ୍ତୁ । ତାହାହେଲେ ଓଡ଼ିଶାର ଅଭିଭାବକ ନିଜେ ବୁଝିପାରିବେ ସତ୍ୟ କେଉଁଠି । ଏହା ହେଉଛି ଦାୟିତ୍ୱଶୀଳ ଗଣତନ୍ତ୍ର ।

ଯଦି ଅବହେଳା ପ୍ରମାଣିତ ହୁଏ, ଦାୟୀ ଅଧିକାରୀଙ୍କ ବିରୋଧରେ ନିୟମାନୁସାରେ କାର୍ଯ୍ୟ ହେଉ । ଯଦି ମନ୍ତ୍ରୀସ୍ତରର ଦାୟିତ୍ୱ ପ୍ରମାଣିତ ହୁଏ, ସାମ୍ବିଧାନିକ ଓ ରାଜନୈତିକ ପ୍ରକ୍ରିୟାରେ ତାହାର ଉତ୍ତର ମିଳୁ । କିନ୍ତୁ ଏହାର ନାମରେ ଓଡ଼ିଶାର ଜୀବନଚକ୍ରକୁ ବନ୍ଦ କରିଦେବା ନାଗରିକ ଅଧିକାରର ସମାଧାନ ନୁହେଁ । ଯେଉଁ ଆନ୍ଦୋଳନ ନ୍ୟାୟ ପାଇଁ, ସେହି ଆନ୍ଦୋଳନ ଅନ୍ୟ ନିର୍ଦ୍ଦୋଷ ନାଗରିକଙ୍କ ଅଧିକାର କ୍ଷୁଣ୍ଣ କରିବା ଉଚିତ ନୁହେଁ । ତେଣୁ ସେପ୍ଟେମ୍ବର ୩୦ର ଆହ୍ୱାନକୁ ନେଇ ମୂଳ ପ୍ରଶ୍ନ ହେଉଛି—ଦାବି ଉଠାଇବାର ଅଧିକାର ଅଛି କି ? ନିଶ୍ଚୟ ଅଛି । ସରକାରଙ୍କୁ ଇସ୍ତଫା ଦାବି କରିପାରିବେ କି ? ଗଣତାନ୍ତ୍ରିକ ଭାବେ ଦାବି ରଖିପାରିବେ । ପ୍ରତିବାଦ କରିପାରିବେ କି ? ଆଇନସମ୍ମତ ଓ ଶାନ୍ତିପୂର୍ଣ୍ଣ ଭାବେ ନିଶ୍ଚୟ । କିନ୍ତୁ ଅନ୍ୟମାନଙ୍କ ଯାତାୟାତ ଅଟକାଇବା, ବଳପୂର୍ବକ ଦୋକାନ ବନ୍ଦ କରାଇବା, ସାଧାରଣ ଜୀବନ ଅଚଳ କରିବା କିମ୍ବା ସମ୍ପତ୍ତି ନଷ୍ଟ କରିବାର ଅଧିକାର କାହାରି ନାହିଁ— ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟିକ ଦୃଷ୍ଟିକୋଣ ଏହି ସୀମାକୁ ଦୃଢ଼ କରିଛି । ଓଡ଼ିଶାର ଆଜି ଆବଶ୍ୟକ ବନ୍ଦ ନୁହେଁ, ଆଲୋଚନା ।

ଆନ୍ଦୋଳନକାରୀ ବନ୍ଦର ପରିବର୍ତ୍ତେ ଶାନ୍ତିପୂର୍ଣ୍ଣ ଆଲୋଚନା ଓ ସତ୍ୟାଗ୍ରହର ପଥ ଧରନ୍ତୁ । ବିରୋଧୀ ଦଳ ବିଧାନସଭାରେ ତଥ୍ୟ ରଖନ୍ତୁ । ଅଭିଭାବକମାନେ ପ୍ରଶ୍ନ କରନ୍ତୁ । ଶିକ୍ଷାବିତ୍‌ମାନେ ପୁସ୍ତକର ତ୍ରୁଟିର ସ୍ୱାଧୀନ ଯାଞ୍ଚ କରନ୍ତୁ । ଆଉ ଜଣେ ମଧ୍ୟ ଛାତ୍ର ପରୀକ୍ଷା କିମ୍ବା ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତୁ, ଜଣେ ମଧ୍ୟ ଶ୍ରମିକ ଜବରଦସ୍ତି ଘରେ ବସିବାକୁ ବାଧ୍ୟ ନ ହୁଅନ୍ତୁ ଏବଂ କୌଣସି ନାଗରିକଙ୍କ ସମ୍ପତ୍ତି କ୍ଷତିଗ୍ରସ୍ତ ନହେଉ । ଅଧିକାରକୁ ଆଉ ଏକ ଭୁଲର ଶିକାର କରାଯିବା ଉଚିତ ନୁହେଁ । ଛାତ୍ରଙ୍କ ଭବିଷ୍ୟତ ପାଇଁ ଲଢ଼ିବାକୁ ହେଲେ ଛାତ୍ରଙ୍କ ଭବିଷ୍ୟତକୁ ଅଟକାଇ ନୁହେଁ; ଜନସ୍ୱାର୍ଥ ପାଇଁ ଲଢ଼ିବାକୁ ହେଲେ ଜନଜୀବନକୁ ଅଚଳ କରି ନୁହେଁ । ଓଡ଼ିଶାକୁ ବନ୍ଦ ନୁହେଁ—ସତ୍ୟ, ଜବାବଦେହି ଓ ସମାଧାନ ଦରକାର ।

ମୋ: ୯୪୩୭୯୯୪୩୭୯

## ହାର୍ଟ ଆଟାକ ପୂର୍ବ ସଙ୍କେତ ଓ ଉପଚାର

**ଡା. ଚନ୍ଦ୍ରକାନ୍ତ ମିଶ୍ର**

ବର୍ଷାଦିନ ସତ୍ତ୍ୱେ ଅନେକ ଏହି ସମୟରେ ହୃଦ୍‌ରୋଗ ସମସ୍ୟାକୁ ସାମ୍ନା କରିଥାନ୍ତି । ସେମିତି କହିବାକୁଗଲେ ହୃଦ୍‌ରୋଗ କୌଣସି ଋତୁ, ସମୟ ବା ପରିସ୍ଥିତିକୁ ଅପେକ୍ଷା କରିନଥାଏ । ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଆପଣଙ୍କ ହୃଦୟକୁ ଆପଣ ନିଶ୍ଚିନ୍ତ ଭଲ ପାଉଥିବେ ଆଉ ଯତ୍ନ ନେଉଥିବେ ବୋଲି ତାହା ଏହି ଲେଖକ ଜାଣିଛି । ତେବେ ଆମ୍ଭମାନଙ୍କ ଭିତରେ ଦିନକୁ ଦିନ ସଚେତନତା ବଢୁଥିଲେ ମଧ୍ୟ ଅନିୟମିତ ଦିନଚର୍ଯ୍ୟା ଓ ଭୁଲ ଖାଦ୍ୟପେୟ ହିଁ ହୃଦ୍‌ରୋଗ ଆଶଙ୍କାକୁ ବଢ଼ାଇ ଦେଇଛି । ପୂର୍ବରୁ ୫୦ ବର୍ଷ ଟପିଲେ ଲୋକଙ୍କୁ ହୃଦ୍ ସମସ୍ୟା ଦେଖାଦେଉଥିଲା । କିନ୍ତୁ ଏବେ ଅଳ୍ପ ବୟସରୁ ଲୋକେ ହାର୍ଟ ଆଟାକର ଶିକାର ହେଉଛନ୍ତି । ହେଲେ ହାର୍ଟ ଆଟାକ ଆସିବା ପୂର୍ବରୁ କିଛି ଲକ୍ଷଣ ଦେଖାଦେଇଥାଏ । ଏହି ଲକ୍ଷଣକୁ ଆଦୌ ଅଣଦେଖା କରନ୍ତୁ ନାହିଁ । ଏହିସବୁ ଲକ୍ଷଣ ଦେଖାଦେବା କ୍ଷଣି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଓ ଉପଚାର କରିବା ଦ୍ୱାରା ଆପଣ ସୁସ୍ଥ ଜୀବନ ବ୍ୟତୀତ କରିବେ । ଆସନ୍ତୁ ଜାଣିବା ହାର୍ଟ ଆଟାକ ପୂର୍ବ ସଙ୍କେତ କ'ଣ ସବୁ ରହିଛି ।

ଛାତିରେ ଯନ୍ତ୍ରଣା : ଯଦି ଆପଣଙ୍କ ଛାତିରେ ଖୁବ ଜୋରରେ ଯନ୍ତ୍ରଣା ହେଉଛି । ଶରୀର ଭାରୀ ଅନୁଭବ କରୁଛନ୍ତି । ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି ତେବେ ଏହା ହୃଦୟ ସମ୍ବନ୍ଧୀୟ ସମସ୍ୟା । ଆପଣ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ବ୍ଲୋଟିଂ : ଯଦି ବିନା କାରଣରେ ଆପଣଙ୍କୁ ଅସହଜ ଲାଗୁଛି କିମ୍ବା ଅଇ ଲାଗୁଛି ତେବେ ମଧ୍ୟ ଏହା ହାର୍ଟ ଆଟାକର ସଙ୍କେତ । ଏହି ସମସ୍ୟା ସବୁ ଦେଖାଦେଲେ ଉପେକ୍ଷା କରନ୍ତୁ ନାହିଁ ସାବଧାନ ହୋଇଯାଆନ୍ତୁ ।

ପେଟ ସମ୍ବନ୍ଧୀୟ ସମସ୍ୟା : ହୃଦ୍ ସମ୍ବନ୍ଧୀୟ ରୋଗର ମୁଖ୍ୟ ସଙ୍କେତ ହେଉଛି ପାଚନ ସମ୍ବନ୍ଧୀୟ ସମସ୍ୟା ବଢ଼ିଯିବ । ଯଦି ଖାଇସାରିବା ପରେ ବଦହଜମୀ ଭଳି ସମସ୍ୟା ଦେଖାଦେଉଛି ଏବଂ ଛାତିରେ ଅସହଜ ଅନୁଭବ କରୁଛନ୍ତି ତେବେ ଏହାକୁ ହୃଦ୍‌ରୋଗର ସଙ୍କେତ ଭାବେ ଗ୍ରହଣ କରାଯାଇପାରେ । ଏହି ସମସ୍ତ ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ ।

ଗୋଡ଼ ଫୁଲିବା : ରିପୋର୍ଟ ଅନୁସାରେ ହଠାତ୍ ପାଦ ଫୁଲିବା ହାର୍ଟ ସମସ୍ୟାର ସଙ୍କେତ । ଯେତେବେଳେ ହାର୍ଟ ଭଲ ଭାବରେ କାର୍ଯ୍ୟକାରୀ କରିପାରେ ନାହିଁ ସେତେବେଳେ ପାଦ ଫୁଲିଥାଏ ।

ଥକ୍କା ଅନୁଭବ କରିବା : ହୃଦୟ ସମସ୍ୟା ଦେଖାଦେଲେ ଶରୀରର କିଛି ଅଂଶକୁ ରକ୍ତ ପ୍ରବାହିତ ଠିକ ଭାବରେ ହୋଇପାରେ ନାହିଁ । ଯେଉଁଥିପାଇଁ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ । ଯଦି ଆପଣ କୌଣସି କାମ ନ କରି ଥକ୍କା ଅନୁଭବ କରୁଛନ୍ତି ତେବେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

କିପରି ରକ୍ଷା ପାଇବେ : ହାର୍ଟ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା ପାଇବା ପାଇଁ ଡାଏଟ ଉପରେ ଧ୍ୟାନ ଦିଅନ୍ତୁ । ସ୍ମୋକିଂ ଓ ଡ୍ରିଙ୍କିଂରୁ ଦୂରେଇ ରୁହନ୍ତୁ । କ୍ଷୀର ଚା ପିଅନ୍ତୁ ନାହିଁ, ସବୁଜ ପନିପରିବା ଖାଆନ୍ତୁ । ଗଜାବୁଟ ଓ ମୁଗ ଖାଆନ୍ତୁ ନିୟମିତ ବ୍ରିଦିଂ ଏକ୍ସରସାଇଜ କରନ୍ତୁ । ବ୍ରିକ୍ସ ୱାକ କରନ୍ତୁ । ପ୍ରଚୁର ପାଣି ପିଅନ୍ତୁ । ଫଳରସ ଓ ପଇଡ଼ ପାଣି ସେବନ କରନ୍ତୁ ।

ଆପଣ, ଆପଣଙ୍କ ହୃଦୟ କଥା ଚିନ୍ତା କଲେ ସେ ମଧ୍ୟ ଆପଣଙ୍କ କଥା ନିଶ୍ଚିନ୍ତ ଚିନ୍ତା କରିବ । ଧାଁ ଧଉଡ଼ ଜୀବନ, ତୀବ୍ର କର୍ମବ୍ୟସ୍ତତା, ସମୟ ନିଅଣ୍ଟ ପଡୁଛି, ଫୁରସତ୍ ହିଁ ମିଳୁନି ଏପରି ଭାବନା ସବୁ ଆଦୌ ରଖନ୍ତୁ ନାହିଁ । କାରଣ ହୃଦୟର ଜଟିଳତା କିଛି ସେକେଣ୍ଡ ଭିତରେ ଅନେକ କିଛି ଅଘଟଣ ବା ଦୁଃଖଦ ପରିସ୍ଥିତି ଭିତରକୁ ଠେଲି ଦେଇଥାଏ । ତେଣୁ ହୃଦୟକୁ ନେଇ ଆପଣଙ୍କର କୌଣସି ସାମାନ୍ୟତମ ସମସ୍ୟା ଦେଖାଦେଲେ ଆପଣ ତୁରନ୍ତ ହୃଦରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ । ଏହି ସମସ୍ୟା ସମୟରେ ଦେଶୀୟ ଚିକିତ୍ସା ବା ଟୁଣୁକାଟୁଣୁକି ଚିକିତ୍ସାକୁ ଆଦୌ ଗ୍ରହଣ କରନ୍ତୁ ନାହିଁ । ନିର୍ଦ୍ଧାରିତ ସମୟରେ ଖାଦ୍ୟ ଗ୍ରହଣ କରନ୍ତୁ, ବିଶ୍ରାମ ନିଅନ୍ତୁ, ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ଆମିଷ ଖାଦ୍ୟ, ତଟକା ପନିପରିବା, ଫଳରସ, ଶାଗ ଏସବୁକୁ ରଖନ୍ତୁ ଆଉ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରଖନ୍ତୁ । ନିଜକୁ ସବୁବେଳେ ପ୍ରଫୁଲ୍ଲିତ ରଖିବା ସହ ସକରାତ୍ମକ ଚିନ୍ତାଧାରା ଭିତରେ ନିଜକୁ ଅତିବାହିତ କରନ୍ତୁ ।

କଟକ, ମୋ : ୯୪୩୭୨୭୭୮୬୪

# ଶ୍ରୀକ୍ଷେତ୍ର, ପଞ୍ଚତୀର୍ଥ ଓ ପିତୃପକ୍ଷ

**ଡା. ଉମେଶ ଚନ୍ଦ୍ର ପାତ୍ର**

> **ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତେଲ, କୁଶ ତଥା ଜଳ ଅର୍ପଣ ସହ ଦାନ ଧର୍ମକୁ ପୁରାଣ କଥାରେ ଶ୍ରାଦ୍ଧ କୁହାଯାଏ । କଥା ହେଉଛି ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ହିଁ ଶ୍ରାଦ୍ଧର ମୁଖ୍ୟଭାବ । ଅର୍ଥାତ୍ ଶ୍ରାଦ୍ଧ ହେଉଛି ନିଜ ପୂର୍ବପୁରୁଷଙ୍କ ପ୍ରତି ଶ୍ରଦ୍ଧା ସୃଷ୍ଟି କରିବା । ଏହି ପିତୃପକ୍ଷ ସମୟରେ କୌଣସି ମାଙ୍ଗଳିକ କାର୍ଯ୍ୟର ବିଧାନ ନଥାଏ । ଏପରିକି ଏହି ସମୟରେ ନୂଆ ଆସବାସ ପତ୍ର ସହ କୌଣସି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି କିଣନ୍ତି ନାହିଁ । ଲୋକବିଶ୍ୱାସ ରହିଛି ଯେ ଏହା ହେଉଛି ଏକ ଶୋକର ସମୟ ବା ଅଶୁଭ ସମୟ । କିନ୍ତୁ ବିଦ୍ୱାନମାନଙ୍କ ମତ ଭିନ୍ନ ।**

ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବା ଏବଂ ପିତୃଋଣରୁ ମୁକ୍ତି ପାଇବାର ପର୍ବ ପିତୃପକ୍ଷ ଆରମ୍ଭ ହୋଇଯାଇଛି । କିନ୍ତୁ ପୂର୍ଣ୍ଣିମା ଦିନଠାରୁ ହିଁ ମହାଳୟା ଶ୍ରାଦ୍ଧକର୍ମ ଆରମ୍ଭ ହୋଇଛି । ଗତ ରବିବାର ଠାରୁ ଆରମ୍ଭ ହୋଇଛି ପିତୃପକ୍ଷ ଏହା ପନ୍ଦର ଦିନ ଅର୍ଥାତ୍ ମହାଳୟ ପର୍ଯ୍ୟନ୍ତ ଚାଲିବ । ବର୍ଷର ଯେ କୌଣସି ପୂର୍ଣ୍ଣମୀ ତିଥିରେ ଦେହାନ୍ତ ହୋଇଥିବା ପିତୃପୁରୁଷଙ୍କ ଶ୍ରାଦ୍ଧ ଭାଦ୍ରବ ମାସ ପୂର୍ଣ୍ଣମୀରେ ହିଁ କରାଯାଏ । କାରଣ ଆଶ୍ୱିନ ମାସ କୃଷ୍ଣପକ୍ଷରେ ପଡୁଥିବା ପିତୃପକ୍ଷରେ ପୂର୍ଣ୍ଣିମା ତିଥି ନ ଥାଏ । ତେବେ ଧର୍ମସିନ୍ଧୁର ସିଦ୍ଧାନ୍ତ ଅନୁଯାୟୀ ପିତୃପକ୍ଷର ପୂର୍ଣ୍ଣିମା ଶ୍ରାଦ୍ଧ ପିତୃ ବିସର୍ଜନୀ ଅମାବାସ୍ୟାରେ ମଧ୍ୟ କରାଯାଇପାରେ । ବିଦ୍ୱାନମାନଙ୍କ ମତରେ ପ୍ରତ୍ୟେକ ମଣିଷ ପାଇଁ ତିନିପ୍ରକାର ଋଣ ଥାଏ - ଦେବ, ଋଷି ଏବଂ ପିତୃ । ଏ ମଧ୍ୟରୁ ଶ୍ରଦ୍ଧା ଦ୍ୱାରା ପିତୃଋଣ ପରିଶୋଧ କରାଯାଏ । ଯେଉଁ ବ୍ୟକ୍ତିଙ୍କର ଯେଉଁ ତିଥିରେ ମୃତ୍ୟୁ ଘଟିଥିଲା ତାଙ୍କୁ ସେହି ତିଥିରେ ଶ୍ରାଦ୍ଧ ଦେବା ନିମନ୍ତେ ଶାସ୍ତ୍ରରେ ନିର୍ଦ୍ଦେଶ ରହିଛି ।

ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ, ପୁଷ୍କରିଣୀ, ମହୋଦଧିରେ ତିଳ ତର୍ପଣ ଓ ପିଣ୍ଡଦାନ ହୋଇଥାଏ । ପିତୃପକ୍ଷର ପ୍ରଥମ ଦିନରେ ପଞ୍ଚତୀର୍ଥ କୁହାଯାଉଥିବା ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡେୟ ପୁଷ୍କରିଣୀ, ଇନ୍ଦ୍ରଦ୍ୟୁମ୍ନ ସରୋବର ଓ ନରେନ୍ଦ୍ର ପୁଷ୍କରିଣୀରେ ସ୍ନାନ ପୂର୍ବକ ତିଳ ତର୍ପଣ ହୋଇଥାଏ । ମାର୍କଣ୍ଡେୟ ମନ୍ଦିର ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀର ମଧ୍ୟ ଭାଗରେ ଚୋଳଗଙ୍ଗ ଦେବ ନିର୍ମାଣ କରିଥିଲେ । ଗଙ୍ଗବଂଶର କୁଳପୁରୋହିତ ବାସୁଦେବ ରଥଙ୍କ ନାମରେ ରଥ ସାହି ଓ ମନ୍ଦିର ଠାରୁ ତୀର୍ଥ ପର୍ଯ୍ୟନ୍ତ ମାର୍କଣ୍ଡେଶ୍ୱର ସାହି ଗଙ୍ଗ ବଂଶ ସମୟରେ ପ୍ରତିଷ୍ଠିତ ହୋଇଥିଲା ଓ ବଡ଼ ବଡ଼ ମଠ ସ୍ଥାପିତ ହୋଇଥିଲା । 'ମାର୍କଣ୍ଡେୟ'ପୁରାଣ ଉଲ୍ଲେଖ ରହିଛି ସଂସାରର ମହାପ୍ରଳୟ ସମୟରେ ଭଗବାନ ବିଷ୍ଣୁ ବାଲମୁକୁନ୍ଦ ବିଗ୍ରହ ଧାରଣ କରି ଅକ୍ଷୟ ବଟଶାୟୀ ଅବସ୍ଥାରେ ଭାସମାନ ଥିଲେ ସେହି ସମୟରେ କଳ୍ପଜୀବୀ ମାର୍କଣ୍ଡେୟ ତାହାଙ୍କ ଦର୍ଶନ ଲାଭ କରି ଧନ୍ୟ ହେଲେ । ବାଲମୁକୁନ୍ଦରୂପୀ ଭଗବାନ ବିଷ୍ଣୁ ତାହାଙ୍କୁ ପୁରୁଷୋତ୍ତମ କ୍ଷେତ୍ରର ଈଶାଣ କୋଣରେ ଚିରାୟୁଷ ହୋଇ ବାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୁରୀରେ ମାର୍କଣ୍ଡେୟ ସାହିରେ ବିଶାଳ ମାର୍କଣ୍ଡେଶ୍ୱର ମନ୍ଦିର ଓ ବେଢ଼ା ମଧ୍ୟରେ ବିଷ୍ଣୁଙ୍କ ଛୋଟ ମନ୍ଦିର ରହିଛି ।

ସେହିପରି ପୁରୀର ବାଲି ସାହି ଉଆଁସ ଦାଣ୍ଡର ମଧ୍ୟବର୍ତ୍ତୀ ସ୍ଥାନରେ ପବିତ୍ର ତୀର୍ଥ ଶ୍ୱେତଗଙ୍ଗା ଅବସ୍ଥିତ । ସେହି ପରମ ପବିତ୍ର ତୀର୍ଥର ଆବରଣରେ ଶ୍ୱେତମାଧବ, ମତ୍ସ୍ୟମାଧବ, ମୁକ୍ତିଶୀଳ, ଗଙ୍ଗାମାତା ମଠ ଓ ବାସୁଦେବ ସାର୍ବଭୌମ ଆଶ୍ରମ ପ୍ରତିଷ୍ଠିତ । ଏହି ଶ୍ୱେତଗଙ୍ଗାର ତଟ ଦେଶରେ ମୁକ୍ତିଶୀଳା ରହିଛି । ଏହାକୁ ଯଜ୍ଞବଟ ବା ବଟ ସାଗର ଭାବରେ ବିଭିନ୍ନ ପୁରାଣରେ ଉଲ୍ଲେଖ ରହିଛି । ଏଠାରେ ଚକ୍ରରୂପୀ ସୁଦର୍ଶନଙ୍କ ବିଗ୍ରହ ମଧ୍ୟ ରହିଛି । ଏହି ଶ୍ୱେତଗଙ୍ଗାର ଜଳ ଗଙ୍ଗାଜଳ ପରି ପବିତ୍ର ବୋଲି ପୁରାଣରେ ମଧ୍ୟ ଉଲ୍ଲେଖ ରହିଛି । ଭାରତର ଦକ୍ଷିଣ ସମୁଦ୍ର ବଙ୍ଗୋପ ସାଗର ନାମରେ କଥିତ । ଏହାର ପ୍ରାଚୀନ ଶାସ୍ତ୍ରବିଧିର ନାମ ହେଉଛି ଦକ୍ଷିଣ ମହୋଦଧି । 'ବାମଦେବ ସଂହିତା'ରେ ଏହି ତୀର୍ଥରାଜ ମହୋଦଧି ସମ୍ପର୍କରେ ଉଲ୍ଲେଖ ରହିଛି । ଏହି ପବିତ୍ରତମ ଜଳ ଭାଗକୁ ମହାଲକ୍ଷ୍ମୀଙ୍କ ପିତ୍ରାଳୟ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ଭଗବତୀ ଗଙ୍ଗାଠାରୁ କାବେରୀ 'ଉତ୍କଳ ଖଣ୍ଡ'ର ମହାନଦୀ ଠାରୁ ବୈତରଣୀ ପରି ସପ୍ତ ପବିତ୍ର ନଦୀର ସଙ୍ଗମ ଏହି ମହୋଦଧିରେ ହୋଇଛି । ଏଠାରେ ପିଣ୍ଡଦାନ କରି ସ୍ନାନ କଲେ ଏହା ସିନ୍ଧୁ ସ୍ନାନ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ନରେନ୍ଦ୍ର ପୁଷ୍କରିଣୀ ହେଉଛି ଶ୍ରୀକ୍ଷେତ୍ରର ବୃହତ୍ତମ ତୀର୍ଥ କ୍ଷେତ୍ର । ଏହାର ଆକାର ପ୍ରାୟ ଏକ ବର୍ଗ କ୍ଷେତ୍ର, ଲମ୍ବ ୮୭୪ ଫୁଟ ଓ ଚଉଡା ୮୩୪ ଫୁଟ । ଏହାକୁ ମହାରାଜଙ୍କ ଜନୈକ କବି ନରସିଂହ ମନ୍ତ୍ରୀ ଥିବା ସମୟରେ ଏହି ପୁଷ୍କରିଣୀ ଖନନ ହୋଇଥିଲା ଯାହାର ଖନନ କାଳ ସମୟ ତ୍ରୟୋଦଶ ଶତାବ୍ଦୀ । ଏଠାରେ ପିଣ୍ଡଦାନ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ ।



ପୁରାଣର କାହାଣୀ ଅନୁଯାୟୀ ମନୁସ୍ମୃତି ବ୍ରହ୍ମ ବୈବର୍ତ୍ତ ପୁରାଣ ଓ ଗରୁଡ଼ ପୁରାଣ ପରି ପ୍ରମୁଖ ଶାସ୍ତ୍ର ଅନୁଯାୟୀ ପରଲୋକଗତ ବ୍ୟକ୍ତିଙ୍କ ପରିବାରରେ ଜ୍ୟେଷ୍ଠପୁତ୍ର ବା କନିଷ୍ଠପୁତ୍ର ଶ୍ରାଦ୍ଧ ଦେଇପାରିବେ । ପୁତ୍ର ନଥିଲେ ଭଣଜା, ପୁତୁରା, ନାତି ବା ଶିଷ୍ୟ ତିଳତର୍ପଣ ଓ ପିଣ୍ଡ ଦାନ କରିପାରିବେ । ଏପରି ଅନେକ ବ୍ୟକ୍ତି ଯେଉଁମାନେ ସନ୍ତାନହୀନ ଥାଆନ୍ତି ସେପରି ପୂର୍ବଜଙ୍କ ପାଇଁ ଭାଇ, ଭଣଜା, ପୁତୁରା ବା ପରିବାରର ପୁରୁଷ ସଦସ୍ୟ ପିତୃପକ୍ଷରେ ବ୍ରତ ରଖି ପିଣ୍ଡଦାନ କରିପାରିବେ । ଧର୍ମସିନ୍ଧୁ ସମତେ ମନୁସ୍ମୃତି ବା ଗରୁଡ଼ ପୁରାଣରେ ମହିଳାମାନେ ପିଣ୍ଡ ଦାନ କରିପାରିବେ ବୋଲି କୁହାଯାଇଛି ମାତ୍ର ଏହା ଅନ୍ତିମ ବିକଳ୍ପ । ବିଧବା ପତ୍ନୀ ସନ୍ତାନହୀନ ଥିଲେ ପତିଙ୍କ ନାମରେ ଶ୍ରାଦ୍ଧ ସଂକଳ୍ପ ରଖି ବ୍ରାହ୍ମଣଙ୍କ ଦ୍ୱାରା ପିଣ୍ଡଦାନ କରାଇପାରିବେ ସେମିତି ଯେଉଁ ପୂର୍ବଜଙ୍କ ବଂଶରେ କେବଳ ଝିଅ ଅଛନ୍ତି ସେମାନେ ମଧ୍ୟ ସଂକଳ୍ପ କରି ବ୍ରାହ୍ମଣ ଦ୍ୱାରା ପିଣ୍ଡଦାନ କରାଇପାରିବେ ।

ଧର୍ମଶାସ୍ତ୍ରରେ କୁହାଯାଇଛି, ପିତୃପୁରୁଷକୁ ପିଣ୍ଡଦାନ କରୁଥିବା ପୁରୁଷ ଦୀର୍ଘାୟୁ ହେବା ସହ ସନ୍ତାନ, ଯଶ, ଶାନ୍ତି, ବଳ, ଲକ୍ଷ୍ମୀ, ଗୋଧନ ଆଦି ପ୍ରାପ୍ତି କରନ୍ତି । ପିତୃପୁରୁଷଙ୍କ ଆଶାଥାଏ ଆମର ପୁଅ ନାତି ଆମକୁ ପିଣ୍ଡଦାନ କରି ସନ୍ତୁଷ୍ଟ କରିବେ । ଏହି ଆଶାରେ ସେମାନେ ପିତୃଲୋକରୁ ପୃଥିବୀ ଲୋକକୁ ଆସନ୍ତି । ତେଣୁ ପ୍ରତ୍ୟେକ ହିନ୍ଦୁ ଗୃହସ୍ଥ ପିତୃପକ୍ଷରେ ଶ୍ରାଦ୍ଧ କରନ୍ତି । ପ୍ରତ୍ୟେକ ଧର୍ମର ଆଧାର ଶ୍ରଦ୍ଧା । ପ୍ରତି ଧର୍ମରେ ପିତୃପୁରୁଷଙ୍କ ପ୍ରତି ସମ୍ମାନ ଏବଂ ଶ୍ରଦ୍ଧାକୁ ଗୁରୁତ୍ୱ ଦିଆଯାଏ । ସନାତନ ଧର୍ମରେ ଶ୍ରଦ୍ଧା ପ୍ରକଟ କରିବାର ଧାର୍ମିକ କର୍ମ ଶ୍ରାଦ୍ଧ । ଶ୍ରାଦ୍ଧକୁ ପିତୃଯଜ୍ଞ ମଧ୍ୟ କୁହାଯାଏ । ଶାସ୍ତ୍ରରେ ଆଶ୍ୱିନ ମାସ ପ୍ରତିପଦା ଠାରୁ ଆରମ୍ଭ କରି ଅମାବାସ୍ୟା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଦିନରେ ପିଣ୍ଡଦାନ କରିବାର ଭିନ୍ନ ଭିନ୍ନ ଫଳ ମିଳିଥାଏ । ଏହାକୁ ମହାଳୟା ଶ୍ରାଦ୍ଧ ମଧ୍ୟ କୁହାଯାଏ । 'ମହ'ର ଅର୍ଥ ଉତ୍ସବର ଦିନ ଏବଂ 'ଆଳୟ'ର ଅର୍ଥ ନିବାସ, ଅର୍ଥାତ କୃଷ୍ଣପକ୍ଷ ହିଁ ପୂର୍ବଜଙ୍କ ନିବାସ । ତେଣୁ ସେମାନଙ୍କ ତୃପ୍ତି ପାଇଁ ଶ୍ରାଦ୍ଧ କରାଯାଏ ।

ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତେଲ, କୁଶ ତଥା ଜଳ ଅର୍ପଣ ସହ ଦାନ ଧର୍ମକୁ ପୁରାଣ କଥାରେ ଶ୍ରାଦ୍ଧ କୁହାଯାଏ । କଥା ହେଉଛି ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ହିଁ ଶ୍ରାଦ୍ଧର ମୁଖ୍ୟଭାବ । ଅର୍ଥାତ୍ ଶ୍ରାଦ୍ଧ ହେଉଛି ନିଜ ପୂର୍ବପୁରୁଷଙ୍କ ପ୍ରତି ଶ୍ରଦ୍ଧା ସୃଷ୍ଟି କରିବା । ଏହି ପିତୃପକ୍ଷ ସମୟରେ କୌଣସି ମାଙ୍ଗଳିକ କାର୍ଯ୍ୟର ବିଧାନ ନଥାଏ । ଏପରିକି ଏହି ସମୟରେ ନୂଆ ଆସବାସ ପତ୍ର ସହ କୌଣସି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି କିଣନ୍ତି ନାହିଁ । ଲୋକବିଶ୍ୱାସ ରହିଛି ଯେ ଏହା ହେଉଛି ଏକ ଶୋକର ସମୟ ବା ଅଶୁଭ ସମୟ । କିନ୍ତୁ ବିଦ୍ୱାନ ମାନଙ୍କ ମତ ଭିନ୍ନ । ସେମାନଙ୍କ କହିବା ଅନୁଯାୟୀ ପିତୃପକ୍ଷରେ ଅନ୍ୟ ଶୁଭ ଦିନ ପରି ସବୁ କାମ କରିହେବ ବରଂ ପିତୃପକ୍ଷରେ ନିଜର ପରଲୋକଗତ ବଂଶଜଙ୍କ ଦିବ୍ୟାଶୀର୍ବାଦ ରହୁଥିବାରୁ ଏହି ଦିନ ଅନ୍ୟ ଦିନ ତୁଳନାରେ ଅଧିକ ଶୁଭ । ଶାସ୍ତ୍ର ବିଧାନକୁ ଉଲ୍ଲେଖ କରି ସେମାନେ କୁହନ୍ତି ଯେ ଯଦି ସଠିକ୍ ଭାବରେ ଅର୍ପଣ, ତର୍ପଣ ସହ ପୂଜା ନୈବେଦ୍ୟ ସମର୍ପିତ ହୋଇଥାଏ ତେବେ ଏହାର ଫଳ ମିଳିଥାଏ । ଶ୍ରାଦ୍ଧର ମହତ୍ତ୍ୱକୁ ବୁଝିବା ପାଇଁ ଆମ୍ଭମାନଙ୍କୁ ଭାରତୀୟ ଉତ୍ସବର ପ୍ରାଚୀନ ପରମ୍ପରାକୁ ବୁଝିବାକୁ ହୋଇଥାଏ ।

ଶ୍ରାଦ୍ଧ ପାଇଁ ଆମ ସାମାଜିକ ଜନଜୀବନର ଏକ ଉତ୍ସବ ଶୃଙ୍ଖଳା ଭାବେ ଏହାକୁ ବିଚାର କରାଯାଏ । ଦେବଶୟନୀ ଏକାଦଶୀରୁ ଆରମ୍ଭ ହୋଇଥିବା ଭାରତୀୟ ମନୀଷୀମାନଙ୍କ ପ୍ରଣୀତ ଏହି ଶୃଙ୍ଖଳର ଉତ୍ସବ । ଯାହାକି ଶେଷ ହୁଏ ଦେବପ୍ରମୋଦିନୀ ଏକାଦଶୀରେ । ଏହି ଚାରିମାସକୁ ନିଷ୍ଠା, ପବିତ୍ରତା, ସଂକଳ୍ପ ଓ ଭକ୍ତିର ଉତ୍ସବର ଦିବ୍ୟ ମୁହୂର୍ତ୍ତ ଭାବେ ବିଚାର କରାଯାଏ । ବର୍ଷାର ଏହି ଚାରିମାସକୁ ଚର୍ତୁମାସ କୁହାଯାଇଥାଏ । ଏହି ସମୟରେ ଚାଷବାସ ହୋଇନଥାଏ, ଉତ୍ସବର ମୁହୂର୍ତ୍ତ ହୋଇଥିବାରୁ ସବୁ କାମ ବନ୍ଦ ହୋଇଥାଏ । ଏହି ପୂଜାରେ ସର୍ବପ୍ରଥମେ ଗଣେଶଙ୍କୁ ଆବାହନ କରାଯାଏ । ଯାହାକି ଏହି ଉତ୍ସବର ଦ୍ୱିତୀୟ ପର୍ବରେ ଗଣେଶ ପୂଜା ପଡ଼ିଥାଏ । ଗଣେଶଙ୍କ ପରେ ଯଜ୍ଞରେ ପିତୃପୁରୁଷଙ୍କୁ ଆବାହନ କରାଯାଏ ଏହାପରେ ପଡ଼ିଥାଏ ପିତୃପକ୍ଷ । ଯେଉଁମାନେ ପୂର୍ବଜଙ୍କୁ ସଂପୂର୍ଣ୍ଣ ଶ୍ରଦ୍ଧାର ସହ ପବିତ୍ର ଓ ସମର୍ପିତ ହୃଦୟରେ ପିଣ୍ଡ ପ୍ରଦାନ କରିଥାନ୍ତି ବା ଶ୍ରାଦ୍ଧ, ତର୍ପଣ ଓ ଧାନଧର୍ମ କରିଥାନ୍ତି ସେମାନଙ୍କ ସହିତ ପିତୃପୁରୁଷଙ୍କ ଆଶୀର୍ବାଦ ରହିଥାଏ ।

କଟକ, ମୋ: ୯୪୩୭୦୫୧୯୫୭

29. 09.2026.pmd 1 9/18/2026, 6:11 PM

## ରୁଟି ଖାଇ ୬ ଅସୁସ୍ଥ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ଗୁରାଣ୍ଡି ଥାନା ଅନ୍ତର୍ଗତ ଉପଲଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କ୍ଷେତଡ଼ା ଗ୍ରାମରେ ରୁଟି ଖାଇ ଗୋଟିଏ ପରିବାରର ୬ ଜଣ ଅସୁସ୍ଥ ହୋଇଥିବା ଜଣାପଡ଼ିଛି । ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି



କରାଯାଇଛି । ସୂଚନା ଅନୁଯାୟୀ, ସମ୍ପୃକ୍ତ ପରିବାର ସାତମାଇଲ ଅଞ୍ଚଳର କୌଣସି ଏକ ଦୋକାନରୁ ଅଟା କିଣି ଘରକୁ ଆଣିଥିଲେ । ଉକ୍ତ ଅଟାରେ ଘରେ ରୁଟି ପ୍ରସ୍ତୁତ କରି ପରିବାର ସଦସ୍ୟମାନେ ଖାଇଥିଲେ । ରୁଟି ଖାଇବାର କିଛି ସମୟ ପରେ ସବିତା ରଇତ, ଲକ୍ଷ୍ମୀ ରଇତ, ଶିଡିଆ ରଇତ, ଅସଡା ଗମାଙ୍ଗ, ଦାଗିଡି ଗମାଙ୍ଗ ଓ ଅଖିଳ ଗମାଙ୍ଗ ଅସୁସ୍ଥ ହୋଇ ପଡ଼ିଥିଲେ ।ଅସୁସ୍ଥମାନଙ୍କୁ ପ୍ରଥମେ ସ୍ଥାନୀୟ ଅଞ୍ଚଳରେ ଚିକିତ୍ସା କରାଯିବା ପରେ ଅବସ୍ଥା ଗୁରୁତର ହେବାରୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି । ବର୍ତ୍ତମାନ ସମସ୍ତ ଚିକିତ୍ସାଧୀନଙ୍କ ଅବସ୍ଥା ସ୍ଥିର ଥିବା ସୂଚନା ମିଳିଛି ।ରୁଟି ଖାଇବା ପରେ ଏକାଥରକେ ୬ ଜଣ ଅସୁସ୍ଥ ହୋଇଥିବାରୁ ଖାଦ୍ୟ ବିଷକ୍ରିୟାର ସନ୍ଦେହ କରାଯାଉଛି । ତେବେ ଅଟାରେ କୌଣସି ତ୍ରୁଟି ଥିଲା କି ଅନ୍ୟ କୌଣସି କାରଣରୁ ଅସୁସ୍ଥ ହୋଇଛନ୍ତି, ତାହା ଯାଞ୍ଚ ପରେ ସ୍ପଷ୍ଟ ହେବାର ଆଶା କରାଯାଉଛି ।

## ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ଆଠଗଡ଼,(ନିପ୍ର) : ଆଠଗଡ଼ ବ୍ଲକ ଅନ୍ତର୍ଗତ ଧୁରୁଷିଆ ପଞ୍ଚାୟତର ଜଗମୋହନପୁର ଶାସନର ସନ୍ତୋଷ କୁମାର ଶତପଥୀଙ୍କର ପଞ୍ଚମ ଶ୍ରେଣୀରେ ପଢୁଥିବା ପୁତ୍ର ଦିବ୍ୟଜ୍ୟୋତି ଶତପଥୀ କୀଡ୍‌ନି ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଶିଶୁଭବନରେ ଚିକିତ୍ସା ପରେ ମଧ୍ୟ ସ୍ୱାସ୍ଥ୍ୟରେ କିଛି ଉନ୍ନତି ହୋଇନଥିଲା । ପୁଅକୁ କଟକ ମେଡିକାଲ ସହ ପ୍ରାଇଭେଟ୍ ଚିକିତ୍ସା କରି ମଧ୍ୟ ସୁଫଳ ନ ମିଳିବାରୁ ଘରକୁ ଆଣିଥିଲେ । ଘରପାଖ ବ୍ରହ୍ମପୁର



ମେଡିକାଲରେ ଡାକ୍ତରଙ୍କୁ ଦେଖାଇବା ପରେ ଡାକ୍ତର ତାଙ୍କୁ କଟକ ନେଇ ଡାୟାଲିସିସ୍ କରିବାକୁ କହିଥିଲେ ।ପିତା ସନ୍ତୋଷ ଶତପଥୀ ଜଣେ ଗରିବ ବ୍ରାହ୍ମଣ। ମନ୍ଦିରରେ ପୂଜାର୍ଚ୍ଚନା କରି ଅଳ୍ପ କିଛି ଆୟ କରନ୍ତି ।ଏତିକି ଅର୍ଥରେ ଘର ଚଳାଇ ପୁଅକୁ ଚିକିତ୍ସା ନିମନ୍ତେ ଅର୍ଥର ଆବଶ୍ୟକତା ରହିଛି । ବିଜେପି ନେତା ଅଭୟ ବାରିକ ସନ୍ତୋଷ ଶତପଥୀଙ୍କୁ ଭେଟି ସାହାଯ୍ୟ ସହଯୋଗ କରିବେ ବୋଲି କହିଛନ୍ତି । ସରକାର ଏଥିପାଇଁ ଛୋଟ ପିଲାଟିର ଚିକିତ୍ସା ନିମନ୍ତେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଧବଳେଶ୍ୱର ପୀଠରେ ୧୬୩ ଧାରା ଜାରି, ୨୯ ତାରିଖ ସନ୍ଧ୍ୟା ଯାଏଁ କଟକଣା

କଟକ,(ନିପ୍ର) : ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରସିଦ୍ଧ ଧବଳେଶ୍ୱର ପୀଠରେ ଲାଗୁ ହୋଇଛି ୧୬୩ ଧାରା । ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ଏହି କଟକଣା ଜାରି କରାଯାଇଛି । ଆସନ୍ତା ୨୯ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ । ବନ୍ୟାଜଳ ବୃଦ୍ଧି ଏବଂ ପୀଠକୁ ଯାତାୟାତରେ ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଧବଳେଶ୍ୱର ପୀଠକୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଯିବା ଉପରେ କଟକଣା ଲଗାଯାଇଛି । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ଏହି ପଦକ୍ଷେପ ନେଇଛି । ବନ୍ୟା ପରିସ୍ଥିତି ସୁଧୁରିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଧବଳେଶ୍ୱର ପୀଠକୁ ନ ଯିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି । ଜଳସ୍ତର ଏବଂ ପରିସ୍ଥିତିର ସମୀକ୍ଷା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ । ବନ୍ୟା ସମୟରେ ନଦୀ ଓ ଜଳପଥରେ ଯାତାୟାତ ବିପଦପୂର୍ଣ୍ଣ ହୋଇପାରେ । ତେଣୁ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଆଗରେ ରଖି ପ୍ରଶାସନ ପକ୍ଷରୁ ଏହି କଟକଣା ଜାରି କରାଯାଇଛି ।

## ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ

ବୁଗୁଡ଼ା(ନିପ୍ର): ସ୍ଥାନୀୟ ଶ୍ରୀ ସ୍ୱାମୀ ଶିବାନନ୍ଦ ଆଧ୍ୟାତ୍ମିକ ଓ ସାଂସ୍କୃତିକ କେନ୍ଦ୍ର ପରିସରରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ୧୧୦ ତମ ଜୟନ୍ତୀ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଏକ ଦିବସୀୟ ସାଧନା ଦିବସର ପ୍ରାତଃ କାଳରେ ଜୟ ଗଣେଶ କିର୍ତ୍ତନ, ଗୁରୁ ସ୍ତୋତ୍ର, ଶାନ୍ତିପାଠ, ଜପ, ଓ ଧ୍ୟାନ ସାଙ୍ଗକୁ ପାଦ ପୂଜା, ପାଦୁକା ସ୍ତୋତ୍ର, ଅଷ୍ଟାଦଶ ଅଧ୍ୟାୟ ଗୀତା ପାଠ, ହୋମ ଓ ଲକ୍ଷେ ଅର୍ଚ୍ଚନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଫେଇ, ଭଜନ, କିର୍ତ୍ତନ, ଦ୍ୟିଯ ଜୀବନ ଓ ଦିବ୍ୟତ୍ୱ ପ୍ରକାଶରେ ଶ୍ରୀସ୍ୱାମୀ ଚିଦାନନ୍ଦଙ୍କ ଆଲୋଚନା କରାଯାଇଥିଲା । ଏହା ପରେ ବିଶ୍ୱ ଶାନ୍ତି ମନ୍ତ୍ର ପାଠ, ଆରତୀ ଓ ପୁଷ୍ପାଞ୍ଜଳି ସାଙ୍ଗକୁ ନାରାୟଣ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଭାପତି ରଘୁନାଥ ସାହୁ ଓ ସମ୍ପାଦକ ସନ୍ତୋଷ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଉତ୍ସବ ପରିଚାଳନାରେ ପ୍ରଫୁଲ ଚନ୍ଦ୍ର ପାଢୀ, ଗୀତା ରା,ସାରଳା ସ୍ୱାଇଁ, ସୁଜାତା ପୃଷ୍ଟି, ପ୍ରସନ୍ନ ସ୍ୱାଇଁ, ରୁକ୍ମଣୀ ରମଣ ପ୍ରଧାନ, ନେପାଳ ପାତ୍ର, ଶ୍ରୀମଲ୍ଲ ଚୌଧୁରୀ, ରାଜେଶ୍ୱରୀ ବିଷୋୟୀଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।

# ମହାନଦୀ ଶାଖା ନଈର ପାଣି ଚାଷୀଙ୍କ ପାଇଁ ଆଶୀର୍ବାଦ

## ଜଳ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ମିଳୁନି ବର୍ଷସାରା ଜଳସେଚନ ସୁବିଧା

ବାଙ୍କୀ,(ନିପ୍ର): ବାଙ୍କୀ ଅଞ୍ଚଳ ଦେଇ ପ୍ରବାହିତ ମହାନଦୀର ବିଭିନ୍ନ ଶାଖାନଦୀ ଚାଷୀଙ୍କ ପାଇଁ ଜଳସେଚନର ମୁଖ୍ୟ ଆଧାର ପାଲଟିଛି । ରଣନଦୀ ଓ ହୁଳୁହୁଳା ନଦୀର ଜଳକୁ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ବ୍ୟବହାର କରି ଅନେକ ପଞ୍ଚାୟତର ଚାଷୀ ଚାଷ କାର୍ଯ୍ୟରେ ଉପକୃତ ହେଉଛନ୍ତି । ହେଲେ ଭେଡ଼ା ଅଞ୍ଚଳ ଦେଇ ପ୍ରବାହିତ ଚନ୍ଦ୍ରପା ନଦୀ କ୍ଷେତ୍ରରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳୁଛି । ରଣନଦୀରେ ପାଣି ଆସିଲେ ବାଙ୍କୀ-ଡମପଡ଼ା ବ୍ଲକର ଚାରିଟି ପଞ୍ଚାୟତର ଚାଷୀ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ଜମିକୁ ପାଣି ନେଇ ଚାଷ କରିଥାନ୍ତି । ସେହିପରି ମହାନଦୀର ଉତ୍ତର ପାର୍ଶ୍ୱରେ ଥିବା ହୁଳୁହୁଳା ନଦୀର ଜଳ ଯୋଗୁଁ ସୁବର୍ଣ୍ଣପୁର, କନ୍ତପହଁରା ଓ ରତାଗଡ଼-ଗୋବିନ୍ଦପୁର ଅଞ୍ଚଳର ଚାଷୀମାନେ ମଧ୍ୟ ଲାଭବାନ ହେଉଛନ୍ତି ।
କିନ୍ତୁ ଚନ୍ଦ୍ରପା ନଦୀରେ ବର୍ଷା ଋତୁ ବ୍ୟତୀତ ଅନ୍ୟ ସମୟରେ ପାଣି ରହୁନଥିବାରୁ ଏହା ଉପରେ ନିର୍ଭରଶୀଳ ଚାଷୀମାନେ ବର୍ଷସାରା ଜଳସେଚନ ସୁବିଧାରୁ ବଞ୍ଚିତ ହେଉଛନ୍ତି । ବାଙ୍କୀ ନିକଟସ୍ଥ ରଣନଦୀ, କୁସୁମୀ ଓ ଚନ୍ଦ୍ରପା ଭଳି ଶାଖାନଦୀଗୁଡ଼ିକ ଉପରମୁଣ୍ଡରେ ପ୍ରବଳ ବର୍ଷା କିମ୍ବା ମହାନଦୀରେ ବନ୍ୟା ଆସିଲେ ଅତିରିକ୍ତ ଜଳରେ ପରିପୂର୍ଣ୍ଣ ହୋଇଯାଆନ୍ତି । ଫଳରେ ଅନେକ ସମୟରେ ନଦୀକୂଳବର୍ତ୍ତୀ ଅଞ୍ଚଳର ଜନଜୀବନ ପ୍ରଭାବିତ ହେବା ସହ ଚାଷଜମିରେ ମଧ୍ୟ ବ୍ୟାପକ କ୍ଷତି ହୋଇଥାଏ । ଅନ୍ୟପଟେ ଜଳ ସଂରକ୍ଷଣ ପାଇଁ ଚେକ୍‌ଡ୍ୟାମ,



ଜଳବିଭାଜିକା ଓ ଛୋଟ ଜଳାଶୟ ଭଳି ବ୍ୟବସ୍ଥା ନଥିବାରୁ ବର୍ଷା ଓ ବନ୍ୟା ସମୟର ବିପୁଳ ଜଳରାଶି ଅଯଥାରେ ବୋହିଯାଉଛି । ରଣନଦୀର ଜଳ ବାଘମାରୀ ପର୍ଯ୍ୟନ୍ତ ପ୍ରବାହିତ ହେଉଥିବା ବେଳେ ପାଥପୁର, ଭେଡ଼ା, ରାମଚନ୍ଦ୍ରପୁର, ବିଲିପଡ଼ା, ମନ୍ତ୍ରୀସାହି, ଉପର ପାଥପୁର ସମେତ ବାଙ୍କୀର ଉତ୍ତର ପାର୍ଶ୍ୱର ଅନେକ ଅଞ୍ଚଳ ବନ୍ୟା ଓ ଅତ୍ୟଧିକ ଜଳପ୍ରବାହର ପ୍ରଭାବ ଭୋଗୁଛନ୍ତି । ସେହିପରି କୁସୁମୀ ଓ କାଳୀଗିରି ନଦୀରେ ମଧ୍ୟ ପର୍ଯ୍ୟାପ୍ତ ଜଳ ସଂରକ୍ଷଣ ବ୍ୟବସ୍ଥା ନଥିବା ଯୋଗୁଁ ବୈଦ୍ୟେଶ୍ୱର ପଂଚାୟତର ଅଳସୁଆ, ବଡ଼ବର, କେନ୍ଦୁପଲ୍ଲୀ ପଂଚାୟତ, ଜଗନ୍ନାଥପୁର ପଂଚାୟତର ଖଲିପଲ୍ଲୀ, ବଘେଇ, କଳାପଥର ପଂଚାୟତର ପର୍ଶୁରାମପୁର, ସୀମାନ୍ତବର୍ତ୍ତୀ ନୟାଗଡ ଜିଲ୍ଲା ର କରବର, ଫତେଗଡ଼ ପଂଚାୟତ ଚାଷୀଙ୍କ ଅଭିଯୋଗ ରହିଛି । ବାଙ୍କୀ ମୁଖ୍ୟତଃ ଏକ କୃଷିପ୍ରଧାନ ଅଞ୍ଚଳ । ତେଣୁ ଚାଷୀଙ୍କ ଜୀବନ ଓ ଜୀବିକାକୁ ସୁଦୃଢ଼ କରିବା ପାଇଁ ନଦୀଜଳର ସୁଚିନ୍ତିତ ବ୍ୟବହାର ଓ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଚେକ୍‌ଡ୍ୟାମ, ଜଳାଶୟ ଓ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରାଗଲେ ବର୍ଷା ଋତୁରେ ବୋହିଯାଉଥିବା ଜଳକୁ ସଂରକ୍ଷଣ କରି ଶୁଖିଲା ସମୟରେ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ । ଏହାଦ୍ୱାରା ପନିପରିବା ଓ ବିଭିନ୍ନ ଫସଲ ଚାଷକୁ ମଧ୍ୟ ଅଧିକ ପ୍ରୋତ୍ସାହନ ମିଳିବ । ଅନ୍ୟପଟେ ଚନ୍ଦ୍ରପା ସେତୁ ନିର୍ମାଣ ହେବା ପରେ ପଶ୍ଚିମ ବାଙ୍କୀର ବିଭିନ୍ନ ଅଞ୍ଚଳର ଲୋକଙ୍କ ବାଙ୍କୀ ସହ ଯୋଗାଯୋଗ ସୁଗମ ହୋଇଛି । ଏବେ ଚନ୍ଦ୍ରପା ନଦୀର ଜଳକୁ ସଂରକ୍ଷଣ କରି ଏହାକୁ କୃଷିକାର୍ଯ୍ୟରେ ବର୍ଷସାରା ବ୍ୟବହାର କରିବା ଦିଗରେ ପ୍ରଶାସନ ଓ ସରକାର ପଦକ୍ଷେପ ନେବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି ।

## ନୂଆ ଜଗନ୍ନାଥ ସଡ଼କ ବିପର୍ଯ୍ୟସ୍ତ

### ଯାତାୟାତରେ ଅସୁବିଧା, ତୁରନ୍ତ ମରାମତି ଦାବି

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲାର ନିରାକାରପୁରଠାରୁ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ 'ନୂଆ ଜଗନ୍ନାଥ ସଡ଼କ'ର ଅବସ୍ଥା ଏବେ ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି । ବିଶେଷ କରି ଶ୍ରୀମୁକୁନ୍ଦପୁର ନିକଟରେ ରାସ୍ତାର ଅନେକ ଅଂଶ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବାରୁ ସାଧାରଣ ଯାତ୍ରୀ ଓ ଚାଳକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ଶୋଚନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରତିଦିନ ଏହି ବାଟ ଦେଇ ଶହ ଶହ ସାନବଡ଼ ଯାନବାହନ ସହ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକେ ଯାତାୟାତ କରୁଥିବାବେଳେ, ଏବେ ଦୁର୍ଘଟଣାର ଭୟ ସବୁବେଳେ ଲାଗିରହୁଛି । ରାସ୍ତାର ଦୁରବସ୍ଥା ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି । ଅନେକ ସମୟରେ ଗାଡ଼ିଗୁଡ଼ିକ ଖରାପ ହୋଇପଡୁଥିବାରୁ ଲୋକେ ବାଧ ହୋଇ ଏହି ରାସ୍ତାରେ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ଓ ମୁହଁ ଫେରାଉଛନ୍ତି ।ସଂଶ୍ଳିଷ୍ଟ ବିଭାଗ



ଓ ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଗୁରୁତ୍ୱପୂର୍ଣ୍ଣ ସଡ଼କର ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଦାବି ହେଉଛି ।

## ୪ ବର୍ଷ ଧାରଣାରେ ପୌର ଚିକିତ୍ସାଳୟ

ଭୁବନେଶ୍ୱର,(ନିପ୍ର): ୧୯୪୬ ମସିହାରେ ସ୍ଥାପିତ ଭୁବନେଶ୍ୱର ପୌର ଚିକିତ୍ସାଳୟ । ଆଜି ଶ୍ରୀହୀନ ଅବସ୍ଥାରେ ପଡ଼ି ରହିଛି । ଖୋଦ ରାଜଧାନୀ ମହାପ୍ରଭୁ ଲିଙ୍ଗରାଜ ମନ୍ଦିର ନିକଟ, ସ୍ୱାଧୀନତା ପୂର୍ବରୁ ଉପଯୁକ୍ତ ଚିକିତ୍ସା ପାଇଁ ରୋଗ ଦାଉରୁ ରକ୍ଷା ପାଇବା ସହିତ ତୁଣ୍ଡ ବାଇଦ ଜନ ସାଧାରଣଙ୍କୁ ଚିକିତ୍ସାଳୟ ଆସିବାର ବାଟ ଫିଟାଇଥିଲା । ୧୦୮ ଶଯ୍ୟା ଥାଇ ରୋଗୀ ତଳେ ଶୋଇ ରୋଗ ଦାଉରୁ ରକ୍ଷା




ପାଉଥିଲେ । ସୁନାମ ଡାକ୍ତରଙ୍କର ରୋଗୀ ସେବା ପ୍ରଚାର ପ୍ରସାର ଦିଗରେ ଅଲୋଡ଼ନ ସୃଷ୍ଟି କରୁଥିଲା । ଆରଟିଆଇ ତଥ୍ୟକୁ ନେଇ ୪୧ଟି ଡାକ୍ତର ପୌର ଚିକିତ୍ସାଳୟରେ ଅଛନ୍ତି ।ବର୍ତ୍ତମାନ ୨ଗୋଟି ଡାକ୍ତର ୧୦୮ ଶଯ୍ୟା ପରିବର୍ତ୍ତେ ୫୭ ଶଯ୍ୟା ରୋଗୀ ସଂଖ୍ୟା ୧୦ ରୁ ୧୨,ସେହି ଅନୁପାତରେ କର୍ମଚାରୀ, ଔଷଧ ଏବଂ ଯନ୍ତ୍ରପାତି ରହିଛି । ପ୍ରକୃତ ପକ୍ଷେ ୧୨୦୦ରୁ ୧୫୦୦ ରୋଗୀ ଦୈନନ୍ଦିନ ଚିକିତ୍ସାକୁ ଆସି ନିଜ ନାମ ପଞ୍ଜିକୃତ କରୁଛନ୍ତି । ଏଠାରେ ଆବଶ୍ୟକ ଡାକ୍ତର ଓ ଚିକିତ୍ସା ବ୍ୟବସ୍ଥା ଲାଗି ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଚିକିତ୍ସାଳୟର ସୁଧାର ପାଇଁ ୪୮ମାସ ହବ ଶାନ୍ତିପୂର୍ଣ୍ଣ ଧାରଣା ଚିକିତ୍ସାଳୟ ସହିତ ବିଭିନ୍ନ ସ୍ଥାନରେ ଦିଆଚାଲିଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରତିକାର ନିମନ୍ତେ ଦାବିପତ୍ର ଦିଆଚାଲିଛି ଓ ପତ୍ର ପତ୍ରିକାରେ ଦାବିପତ୍ର ଦିଆଯାଉଛି । ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସେବା ପ୍ରତିନିଧି ପକ୍ଷରୁ ଦାବି ହେଉଛି ।

## ଦେଶ ପ୍ରେମ ଓ ଏକତା ଆହ୍ୱାନ; ବନ୍ଦେ ନମାମି ଭାରତମ୍ କାର୍ଯ୍ୟକ୍ରମ

ନିମାପଡ଼ା,(ନି.ପ୍ର.): ନିମାପଡ଼ାର ଅନ୍ୟତମ ସଂସ୍କୃତି ସଂପନ୍ନ ବିଦ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ନମାମି ଭାରତମ୍ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ସଂକୁଳ ପ୍ରମୁଖ ବାବୁଲି ମହାପାତ୍ର, ଉପ-ସଭାପତି ସହଦେବ ବାରିକ, ଡ଼ଃ ଅମୂଲ୍ୟ ପ୍ରସାଦ ଦାଶ, ଭାଗିରଥୀ ଓଝା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ । ନମାମି ଭାରତମ୍ ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ସାମୂହିକ ବନ୍ଦେ ମାତରମ୍ ଗାନ କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୁରୁଜୀ ଶ୍ରୀଚରଣ ରାଉତ ପରିଚାଳନା କରିଥିଲେ । ଅଭିଭାବକ ବନ୍ଧୁ ଯୋଗ ଦେଇ ନିଜସ୍ୱ ମତାମତ ଉପସ୍ଥାପନ କରିବା ସାଙ୍ଗକୁ ଛାତ୍ରମାନେ ରାଷ୍ଟ୍ରୀୟ ଭାବନା ଦିଗରେ ଆଗେଇ ଯିବାକୁ ପ୍ରସ୍ତାବ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଅବସରପ୍ରାପ୍ତ ବ୍ଲକ୍ ସହ ଶିକ୍ଷାଧିକାରୀ ସୀମନ୍ତ ରଥ, ଦିଲ୍ଲୀପ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ବନ୍ଦେ ମାତରମ୍ ଭଳି ଦେଶାତ୍ମବୋଧକ ସଂଗୀତ ଭାରତୀୟଙ୍କ ମନରେ ଦେଶପ୍ରେମ ଓ ଏକତାର ଭାବନାକୁ ମଜଭୁତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ ।

## ବିଶ୍ୱ ପର୍ଯ୍ୟଟନ ଦିବସରେ କୃତୀ ପ୍ରତିଯୋଗୀ ପୁରସ୍କୃତ

ପୁରୀ,(ନିପ୍ର): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ ଯୋଗ ଦେଇ ପୁରୀ ଜିଲ୍ଲା ପର୍ଯ୍ୟଟନ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା ବୋଲି କହିଥିଲେ ।ଦେଶ ବିଦେଶରୁ ଦୈନିକ ହଜାର ହଜାର ଲୋକ ପୁରୀକୁ ଆସନ୍ତି ।ପୁରୀର ଅଧିବାସୀ ଭାବେ ଆମେ ଅତିଥି ଦେବୋ ଭବଃର ପରମ୍ପରାକୁ ଅକ୍ଷୁଣ୍ଣ ରଖି ସମସ୍ତ ପର୍ଯ୍ୟଟକଙ୍କୁ ଉଚିତ ସେବା ଓ ସମ୍ମାନ ଦେବାକୁ ଶ୍ରୀ ଭୋଇ ଆହ୍ୱାନ ଦେଇଥିଲେ ।ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା ପୁରୀ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ ।ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ।

## ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସଜାଗ

କଟକ,(ନିପ୍ର) : ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସିତ ହେଉଥିବା ପରିପ୍ରେକ୍ଷୀରେ କଟକ ଜିଲ୍ଲାର ତଳିଆ ଅଞ୍ଚଳ ଓ ନଦୀକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ ନଜର ରଖାଯାଇଛି । ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଓ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ରବିବାର ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡିଓ ଓ ତହସିଲଦାରମାନଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ପ୍ରସ୍ତୁତିର ସମୀକ୍ଷା କରିଥିଲେ । ତଳିଆ ଅଞ୍ଚଳରେ ନିୟମିତ ନଜର ରଖିବା, ଆବଶ୍ୟକ ସ୍ଥଳରେ ତୁରନ୍ତ ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥା କରିବା ସହ ବଲହା ଓ ବାଲିବସ୍ତା ମହଜୁଦ ରଖିବା ଏବଂ ଜନସାଧାରଣଙ୍କୁ ସତର୍କ ରଖିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ଆଠଗଡ଼ ଉପଜିଲ୍ଲାପାଳଙ୍କ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକର ସ୍ଥଳ ପରିଦର୍ଶନ କରାଯାଇ ବଡ଼ମ୍ବା ତହସିଲ ସମେତ ବିଭିନ୍ନ ସମ୍ବେଦନଶୀଳ ସ୍ଥାନଗୁଡିକର ସ୍ଥିତି ଅନୁଧ୍ୟାନ କରାଯାଇଛି । ଆବଶ୍ୟକ ସ୍ଥାନରେ ତୁରନ୍ତ ପଦକ୍ଷେପ ନେବାକୁ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବାଙ୍କୀ-ଡମପଡ଼ା ବ୍ଲକରେ ମାଇକ୍ ଯୋଗେ ଜନସାଧାରଣଙ୍କୁ ସତର୍କ କରାଯାଉଛି । ସେହିପରି କଟକ ମହାନଗର ନିଗମ ପକ୍ଷରୁ ନଦୀଘାଟ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନରେ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ନିୟମିତ ଯାଞ୍ଚ କରାଯାଇବା ସହ ଲୋକମାନଙ୍କୁ ନଦୀକୁ ନଯିବା ଏବଂ ସୁରକ୍ଷା ନିୟମ ପାଳନ କରିବା ନେଇ ସଚେତନ କରାଯାଉଛି । ବଡ଼ମ୍ବା ବ୍ଲକର ନଦୀ ସଂଲଗ୍ନ ଓ ସମ୍ବେଦନଶୀଳ ଗ୍ରାମପଞ୍ଚାୟତଗୁଡ଼ିକରେ ମଧ୍ୟ ମାଇକ୍ ଯୋଗେ ସତର୍କତାମୂଳକ ପ୍ରଚାର ଜାରି ରହିଛି । ସେହିପରି ଆଠଗଡ଼ ତହସିଲ ଅନ୍ତର୍ଗତ ବିପଦପ୍ରବଣ ଅଞ୍ଚଳଗୁଡ଼ିକରେ ମଧ୍ୟ ମାଇକିଂ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଉଛି । ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଜନସାଧାରଣ ଆତଙ୍କିତ ନହୋଇ ପ୍ରଶାସନ ପକ୍ଷରୁ ଜାରି କରାଯାଉଥିବା ସତର୍କତା ଓ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ସମ୍ବେଦନଶୀଳ ଅଞ୍ଚଳର ସ୍ଥିତି ଉପରେ ପ୍ରଶାସନ ପକ୍ଷରୁ ନିରନ୍ତର ନଜର ରଖାଯାଇଛି ।

## ସେବା ସଂକଳ୍ପ ଅଭିଯାନ ଅଧୀନରେ 'ଆଙ୍ଗନ କା ଉତ୍ସବ'

ରାୟଗଡ଼ା,(ନି:ପ୍ର): 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ' କାର୍ଯ୍ୟକ୍ରମ ପାଳିତ ହେଇଛି । ଏହି ପରିପ୍ରେକ୍ଷୀରେ ରାୟଗଡ଼ ଜିଲ୍ଲାର ୧୧ଟି ବ୍ଲକ୍‌ର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ 'ରେସିପି' କାର୍ଯ୍ୟକ୍ରମ ଅନ୍ତର୍ଗତ ପିତାମାନଙ୍କୁ ନେଇ ଏକ ରନ୍ଧନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ରାୟଗଡ଼ ମିନତୀ ଦେଓ ଏବଂ ପରିଦର୍ଶିକା ସୁବୁଦ୍ଧି ଶବର ଉପସ୍ଥିତ ରହି ପରିବାରରେ ପୋଷଣର ଗୁରୁତ୍ୱ, ଶିଶୁମାନଙ୍କ ସୁସ୍ଥ ବିକାଶ ଏବଂ କୁପୋଷଣ ଦୂରୀକରଣ ସମ୍ପର୍କରେ ପିତାମାତାଙ୍କୁ ସଚେତନ କରାଇଥିଲେ । ପୋଷଣମୁକ୍ତ ଓ ସଶକ୍ତ ଓଡ଼ିଶା ଗଠନରେ ପରିବାରର ସକ୍ରିୟ ଭୂମିକା ରହିଥିବା ସେମାନେ ପ୍ରକାଶ କରିଥିଲେ । ରନ୍ଧନ ପ୍ରତିଯୋଗିତାରେ ପିତାମାନେ ବିଭିନ୍ନ ପ୍ରକାରର ପୁଷ୍ଟିକର ଓ ସନ୍ତୁଳିତ ଖାଦ୍ୟ ପ୍ରସ୍ତୁତ କରି ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ପ୍ରସ୍ତୁତ ଖାଦ୍ୟର



ପୁଷ୍ଟିମୂଲ୍ୟ, ବିବିଧତା, ସ୍ୱାଦ ଓ ପରିବେଷଣକୁ ବିଚାର କରି ମାତୃ କମିଟି, ୱାର୍ଡ ସଦସ୍ୟ ଏବଂ ଅଙ୍ଗନବାଡ଼ି ପରିଚାଳନା କମିଟିର ସଦସ୍ୟମାନଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ । ଏହି ଅବସରରେ 'ତ୍ରିରଙ୍ଗା ଥାଳି' ଭଳି ବିଭିନ୍ନ ରଙ୍ଗର ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରିବା ସହ ପରିବାରର ସମସ୍ତ ସଦସ୍ୟଙ୍କୁ ପ୍ରତିଦିନ ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ପିତାମାତାଙ୍କୁ ପରାମର୍ଶ ଦିଆଯାଇଥିଲା । ନିୟମିତ ପୁଷ୍ଟିକର ଖାଦ୍ୟ ଗ୍ରହଣ ଦ୍ୱାରା ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶ ସହିତ କୁପୋଷଣ ଦୂରୀକରଣ ସମ୍ଭବ ବୋଲି ସଚେତନ କରାଯାଇଥିଲା ।

**ନିରାକାରପୁର:** ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ମୁଣ୍ଡାମ୍ବା-୨ ଅଙ୍ଗନବାଡ଼ି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ' (ପୋଷଣ ଦିବସ) ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି । ଏହି ଅବସରରେ ପାରମ୍ପରିକ ଓ ପୁଷ୍ଟିକର ଖାଦ୍ୟର ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥିଲା । କାର୍ଯ୍ୟକ୍ରମ ଅଙ୍ଗନବାଡ଼ି କର୍ମୀ ମମତା ବିଶ୍ୱାଳ ଓ ସହାୟିକା ଶାନ୍ତିଲତା ନାୟକଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ହୋଇଥିଲା । ଏଥିରେ ଅତିଥି ଭାବେ ସମାଜସେବୀ ଅନିମା ସାମନ୍ତରାୟ, ବିନିତା ମନ୍ତ୍ରୀ, ତନୁ ନାୟକ ଓ ଆଶା କର୍ମୀ ନିର୍ମଳା ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ଉତ୍ସବ ଅବସରରେ କିଶୋରୀ ବାଳିକାମାନଙ୍କ ଦ୍ୱାରା ଅଙ୍କିତ ମନୋରମ ଝୋଟି ଏବଂ ଚାଉଳ, ବିରି, ମୁଗ ଆଦି ଶସ୍ୟରେ ପ୍ରସ୍ତୁତ ସୁନ୍ଦର ଚିତ୍ରକଳା ଉପସ୍ଥିତ ଅତିଥି ଓ ଅଭିଭାବକଙ୍କ ମନ ମୋହିଥିଲା । ଶିଶୁମାନଙ୍କ ସାଙ୍ଗଠନିକ ଓ ମାନସିକ ବିକାଶ ପାଇଁ ସେମାନଙ୍କ ଦୈନନ୍ଦିନ ଆହାରରେ ମାଣ୍ଡିଆ ସମେତ ବିଭିନ୍ନ ସ୍ଥାନୀୟ ଶସ୍ୟରୁ ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟ ସାମିଲ କରିବାକୁ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ମା'ମାନଙ୍କୁ ସଚେତନ କରିଥିଲେ ।ଏହି ଅବସରରେ ଅଭିଭାବକ (ବାପା ଓ ମା')ମାନେ ସେମାନଙ୍କ ସନ୍ତାନଙ୍କ ପାଇଁ ଗୃହରେ ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଓ ପୁଷ୍ଟିକର ଆହାର ପରିବେଷଣ କରିଥିଲେ । ନିମନ୍ତ୍ରିତ ଅତିଥି ଓ ବିଚାରକମଣ୍ଡଳୀର ସଦସ୍ୟମାନେ ଖାଦ୍ୟର ସ୍ୱାଦ ଓ ଏହାର ପୁଷ୍ଟିମୂଲ୍ୟକୁ ଆଧାର କରି ଶ୍ରେଷ୍ଠ ତିନୋଟି ଖାଦ୍ୟ ମନୋନୀତ କରିଥିଲେ ।ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତାରେ ସୁବିଜ୍ଞ ହରିଚନ୍ଦନ, ଅଶାନ୍ତ ନାୟକ ଏବଂ ପ୍ରହଲ୍ଲାଦ ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଆସନ୍ତା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ଆନୁଷ୍ଠାନିକ ଭାବେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି ।

## ବୌଦ୍ଧ: ଜିଲ୍ଲାସ୍ତରୀୟ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ 'ସ୍ୱାର୍କ'

ବୌଦ୍ଧ,(ନି.ପ୍ର): ବୌଦ୍ଧ ଟାଉନହଲ ଠାରେ ବୌଦ୍ଧ ଜିଲ୍ଲାସ୍ତରୀୟ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପ୍ରତିଷ୍ଠା ଦିବସ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରାଛତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ହାସଲ କରି ଆଗାମୀ ଦିନରେ ଓଡିଶାକୁ ସବୁ କ୍ଷେତ୍ରରେ ଆଗକୁ ନେବାକୁ ଉଦ୍‌ବୋଧନ ଦେଇଥିଲେ । ବୌଦ୍ଧ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଓ ଭାସ୍କର ଲେଙ୍କା, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ସାହୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ ନୋଡାଲ ପ୍ରିନ୍ସିପାଲ ସନତ କୁମାର ଗଡ଼ତିଆ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ମଞ୍ଚାସୀନ ହୋଇ ଓଡିଶାର ପ୍ରତିବ୍ଲକରେ ଆଦର୍ଶ ବିଦ୍ୟାଳୟର ସୁଯୋଗ ଥିବାରୁ ଗ୍ରାମାଞ୍ଚଳର




ପିଲାମାନେ ଇଂରାଜୀ ମାଧ୍ୟମରେ ସାଧାରଣ ବିଦ୍ୟାଳୟ ଅପେକ୍ଷା ଏକ ସ୍ୱତନ୍ତ୍ର ଗୁଣାତ୍ମକ ଶିକ୍ଷା ପାଇ ପାରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ ।

ବିଚାରକ ଭାବରେ ଯୋଗ ଦେଇଥିବା ବୌଦ୍ଧ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ରନାଥ ଗୁରୁ, ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ଦେହୁରୀ, ବସନ୍ତଲତା ପରଡ଼ିଆ, ଶ୍ରୀକାନ୍ତ କୁଅଁର, ନିଗମାନନ୍ଦ ମହାପାତ୍ର, ସୋନାଲି ପ୍ରଧାନ, ସଙ୍ଗୀତ ନିର୍ଦ୍ଦେଶକ ବ୍ରହ୍ମା କୁମ୍ଭାର, ବିକ୍ରମ ରଣଭୂଇଁସା, ଆକାଶ ବିଶ୍ୱାଳ, ପ୍ରଶାନ୍ତ ଭୋଇନା, ଶୁଭମ କରଡ଼ିଆ, ବିପିନ କୁମାର, ସତ୍ୟରଞ୍ଜନ ସାହୁ, ଶିବଦତ୍ତ ଶିବାନୀ ପ୍ରସାଦ, ସ୍ୱସ୍ତିକା ବିଶି, ସୁଶାନ୍ତ କୁମାର ମହାପାତ୍ର ଏବଂ ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ମୋଟ ୨୨ଟି ବିଭିନ୍ନ ପ୍ରତିଯୋଗିତା ଏବଂ ୨୪ଟି ସାଂସ୍କୃତିକ କାର୍ଯ୍ୟକ୍ରମରେ ୧୭୦ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ବୌଦ୍ଧ ବ୍ଲକ ସହଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା ଧନ୍ୟବାଦ ଦେଇଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଦୁବେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବାରିକ କାର୍ଯ୍ୟକ୍ରମର ବିବରଣୀ ପଠନ କରିଥିଲେ ।

କନ୍ଧମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ବରୁଣ କୁମାର ପ୍ରଧାନ, ତେତେଲେଙ୍ଗା ଆଦର୍ଶ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ରାଜକିଶୋର ପୃଷ୍ଟି, ଅଇଁଲାଚୁଆଁ ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସାନ୍ତନୁ କୁମାର ଦାସ, ମଣିପୁର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସନତ କୁମାର ଗଡ଼ତିଆ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ମଞ୍ଚାସୀନ ହୋଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ ।

## ସେବା ଓ ସଂକଳ୍ପ ଅଭିଯାନରେ ଛାତ୍ରଛାତ୍ରୀ ପୁରସ୍କୃତ

ନିମାପଡ଼ା,(ନି.ପ୍ର.): ନିମାପଡ଼ା ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ମଣ୍ଡଳସ୍ତରୀୟ ସେବା ସଂକଳ୍ପ ଅଭିଯାନ ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିବା ଜଣାପଡ଼ିଛି । ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ଶିକ୍ଷକ ଦେବାଶିଷ ପତି, ନିମାପଡ଼ା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜ୍ୟୋତି ରଂଜନ ରଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ସଂପର୍କରେ ମାର୍ଗ ଦର୍ଶନ କରିଥିଲେ । ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ବିତର୍କ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନାଗବସ୍ତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ୫ମ ଶ୍ରେଣୀ ଛାତ୍ରୀ ସାଇ ଶାଶ୍ୱତ ସ୍ୱାଇଁ ସବ୍-ଜୁନିୟର ବକ୍ତୃତା ପ୍ରତିଯୋଗୀତାରେ ପ୍ରଥମ, ଅଷ୍ଟମ ଶ୍ରେଣୀ ଛାତ୍ରୀ ସ୍ୱାଗତିକା ସ୍ୱାଇଁ ଦ୍ୱିତୀୟ, ବରିଷ୍ଠ ବକ୍ତୃତା ପ୍ରତିଯୋଗୀତାରେ ନବମ ଶ୍ରେଣୀ ଛାତ୍ରୀ ଅଭିଲିପ୍ସା ଦାଶ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି ।

## ଦୁଷ୍କର୍ମ ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କଲେ ସୁପ୍ରିମ୍‌କୋର୍ଟ

# ସାଧାରଣ ସ୍ଥାନ ମହିଳା ଓ ଶିଶୁଙ୍କ ପାଇଁ ବିପଜ୍ଜନକ ହେବା ଉଚିତ ନୁହେଁ



ନୂଆଦିଲ୍ଲୀ, ୨୮।୯ : ଜାତୀୟ ରାଜଧାନୀ ଦିଲ୍ଲୀରେ ନାବାଳିକାଙ୍କୁ ନେଇ ବାରମ୍ବାର ଘଟୁଥିବା ଜଘନ୍ୟ ଦୁଷ୍କର୍ମ ମାମଲାକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଦେଶର ସର୍ବୋଚ୍ଚ ଅଦାଲତ। ଦିଲ୍ଲୀ ପୋଲିସ ଏବଂ ସରକାରଙ୍କୁ ଟାଣୁଆ ପ୍ରଶ୍ନ କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ଏଭଳି ଘଟଣାଗୁଡ଼ିକ ସାଧାରଣ ନାଗରିକଙ୍କ ସୁରକ୍ଷା ଦେବାରେ ପ୍ରଶାସନିକ ଏବଂ ବ୍ୟବସ୍ଥାଗତ ବିଫଳତାର ପ୍ରମୁଖ ପ୍ରମାଣ ଦେଉଛି । ମାନ୍ୟବର ବିଚାରପତି ଜଷ୍ଟିସ୍ ଜେ.ବି. ପାର୍ଦୀୱାଲାଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ପାର୍କ କିମ୍ବା ବସ୍ ଭଳି ସାର୍ବଜନୀନ ସ୍ଥାନଗୁଡ଼ିକ ଅତ୍ୟାଧୁନିକ ଆଲୋକୀକରଣ ଏବଂ ସୁରକ୍ଷା ବ୍ୟବସ୍ଥାର ଅଭାବରୁ 'ଅତ୍ୟଧିକ ବିପଦଜନକ ଜୋନ୍' ପାଲଟିଛି। କେବଳ ସମବେଦନା ଜଣାଇଲେ ସମାସ୍ୟାର ସମାଧାନ ହେବ ନାହିଁ, ବରଂ ଏଥିପାଇଁ ଏକ ଦୃଢ଼ ଏବଂ ଠୋସ୍ ପଦକ୍ଷେପ ଆବଶ୍ୟକ ବୋଲି କୋର୍ଟ କଡ଼ା ଆଭିମୁଖ୍ୟ ରଖିଛନ୍ତି। ଅନ୍ୟପଟେ ଏହି ବ୍ୟାପକ ସୁରକ୍ଷାତ୍ରୁଟି ପରେ ଦିଲ୍ଲୀ ଲେଫ୍ଟନାଣ୍ଟ ଗଭର୍ଣ୍ଣର ସହରର ସମସ୍ତ ପାର୍କଗୁଡ଼ିକର ସୁରକ୍ଷା ଅଡିଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପାର୍କ ଏବଂ ପ୍ରମୁଖ ସ୍ଥାନଗୁଡ଼ିକରେ 'ପିଙ୍କ୍ ପୋଲିସ' ମୁତୟନ କରିବାକୁ ମଧ୍ୟ ପଦକ୍ଷେପ ନିଆଯାଉଛି। କୋର୍ଟ ଏହି ମାମଲାରେ ୨୦୧୨ର ମର୍ମନ୍ତୁଦ 'ନିର୍ଭୟା' କାଣ୍ଡକୁ ମଧ୍ୟ ମନେ ପକାଇଛନ୍ତି। ଗତ ଦୁଇ ସପ୍ତାହ ମଧ୍ୟରେ ଦିଲ୍ଲୀ ୪ଟି ବଡ଼ ଦୁଷ୍କର୍ମ ମାମଲା ଘଟିଛି।

## ଜାମ୍ମୁ-କାଶ୍ମୀରକୁ ରାଜ୍ୟ ମାନ୍ୟତା ପ୍ରସ୍ତାବ ପାରିତ

ନୂଆଦିଲ୍ଲୀ, ୨୮।୯ : ଜାମ୍ମୁ-କାଶ୍ମୀରକୁ ନେଇ ସୋମବାର ଆସିଛି ବଡ ଖବର। ଜାମ୍ମୁ-କାଶ୍ମୀରକୁ ରାଜ୍ୟ ମାନ୍ୟତା ପ୍ରସ୍ତାବ ବିଧାନସଭାରେ ପାରିତ ହୋଇଛି। ବିଧାନସଭାରେ ଜାମ୍ମୁ-କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି କରି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରସ୍ତାବ ଉପରେ ଆଲୋଚନା ସମୟରେ ବିରୋଧୀ ଦଳ ପ୍ରବଳ ହଟ୍ଟଗୋଳ ସୃଷ୍ଟି କରିଥିଲେ, ଯାହା ଫଳରେ ଗୃହରେ ପ୍ରବଳ ବିତର୍କ ହୋଇଥିଲା। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଶୁକ୍ରବାର ଏହି ପ୍ରସ୍ତାବ ଆଗତ କରିଥିଲେ। ପ୍ରସ୍ତାବରେ କୁହାଯାଇଥିଲା ଯେ ଗୃହ ଭାରତ ସରକାର ତୁରନ୍ତ ଜାମ୍ମୁ-କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଫେରାଇ ଆଣିବାକୁ ଦାବି କରୁଛି ଏବଂ ଏହାକୁ ଭାରତ ସରକାରଙ୍କୁ ପଠାଇବାକୁ ସଂକଳ୍ପ କରୁଛି। ପ୍ରସ୍ତାବ ଉପରେ ଭୋଟିଂ ଚାଲିଥିବା ସମୟରେ ବିଜେପି ବିଧାୟକମାନେ ଗୃହରୁ ଚାଲିଯାଇଥିଲେ। ପୂର୍ବରୁ ଗୃହରେ ପ୍ରସ୍ତାବ ଉପରେ ଆଲୋଚନାର ଜବାବ ଦେଇ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଥିଲେ ଯେ ସେ ପ୍ରଥମ ଦିନରୁ ଜାଣିଥିଲେ ଯେ ବିଜେପି ଏହାକୁ ବିରୋଧ କରିବ। ସେ କହିଥିଲେ ଯେ ବିଜେପି ସଦସ୍ୟମାନେ ଗୃହରେ ହଙ୍ଗାମା କରିବେ ଏବଂ ସ୍ଲୋଗାନ ଦେବେ।ଜମ୍ମୁ-କାଶ୍ମୀର ବିଧାନସଭାରେ ପୂର୍ଣ୍ଣ ରାଜ୍ୟ ମାନ୍ୟତା ପ୍ରସଙ୍ଗରେ ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଜମ୍ମୁ-କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ପ୍ରଦାନ ପ୍ରସ୍ତାବ ଗୃହୀତ ହୋଇଥିଲା, ଯାହା ଫଳରେ ଗୃହରୁ ୱାକଆଉଟ୍ ହୋଇଥିଲା।

## ନବଜାତ ଶିଶୁଙ୍କୁ ସୁନା ମୁଦି ପିନ୍ଧାଇଲେ ମୁଖ୍ୟମନ୍ତ୍ରୀ



ଚେନ୍ନାଇ, ୨୮।୯ : ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ନିଜର ଏକ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରି ନବଜାତ ଶିଶୁଙ୍କ ପାଇଁ 'ଥାଇମାମନ୍ ଥଙ୍ଗା ମୋଥିରମ୍ ଥିଟ୍ଟମ୍' ଯୋଜନା ଆରମ୍ଭ କରିଛନ୍ତି । ଏହାର ଅର୍ଥ 'ମାମୁଁଙ୍କ ପକ୍ଷରୁ ସୁନା ମୁଦି' । ମଦୁରାଇର ସରକାରୀ ରାଜାଜୀ ହସ୍ପିଟାଲରେ ସୋମବାର ଏହି ଯୋଜନାର ଶୁଭାରମ୍ଭ କରାଯାଇଛି। ଯୋଜନାର ଶୁଭାରମ୍ଭ ସମୟରେ ମୁଖ୍ୟମନ୍ତ୍ରୀ ବିଜୟ ନବଜାତ ଶିଶୁମାନଙ୍କୁ କୋଳରେ ଧରିଥିଲେ । ଯୋଗ୍ୟ ନବଜାତ ଶିଶୁଙ୍କୁ ୨୨ କ୍ୟାରେଟର ୧ ଗ୍ରାମ୍ ଓଜନର ସୁନା ମୁଦି ବଣ୍ଟନ କରାଯାଇଛି। ଏହି ଯୋଜନା ପାଇଁ ତାମିଲନାଡୁ ସରକାର ୭୫୫.୮୩ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଛନ୍ତି । ସରକାରୀ ହସ୍ପିଟାଲରେ ଜନ୍ମ ନେଉଥିବା ଯୋଗ୍ୟ ନବଜାତ ଶିଶୁଙ୍କୁ ୧ ଗ୍ରାମର ସୁନା ମୁଦି ପ୍ରଦାନ କରାଯିବ । ସରକାରଙ୍କ ଅନୁସାରେ, ଏହି ଯୋଜନାର ଲକ୍ଷ୍ୟ ମାତୃତ୍ୱକୁ ସମ୍ମାନ ଦେବା ସହ ମହିଳାଙ୍କ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହନ ଦେବା ଏବଂ ଅଧିକ ପରିବାରକୁ ସରକାରୀ ସ୍ୱାସ୍ଥ୍ୟସେବା ସହ ଯୋଡ଼ିବା।

## ବମ୍ବେ ଆଇଆଇଟି ଛାତ୍ର ସାହିଲ ମୃତ୍ୟୁ ପୂର୍ବରୁ ପରୀକ୍ଷାରେ ନକଲ ପାଇଁ ଅନୁତାପ କରିଥିଲେ

ମୁମ୍ବାଇ, ୨୮।୯ : ଆଇଆଇଟି-ବମ୍ବେର ଛାତ୍ର ସାହିଲ ୱାକୋଡେଙ୍କ ମୃତ୍ୟୁ ଘଟଣାର ତଦନ୍ତରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ପରୀକ୍ଷାରେ ନକଲ କରି ଧରାପଡ଼ିବା ପରେ ସାହିଲ ଜଣେ ମହିଳା ବନ୍ଧୁଙ୍କୁ ଫୋନ୍ କରି ଏଥିପାଇଁ ଅନୁତାପ କରିଥିବା ପୁଲିସ କହିଛି। ମୁମ୍ବାଇ ପୁଲିସର କ୍ରାଇମ୍ ବ୍ରାଞ୍ଚ ତଦନ୍ତ କରୁଥିବା ଏହି ମାମଲାରେ ଏପର୍ଯ୍ୟନ୍ତ ଆଇଆଇଟି-ବମ୍ବେର ଛାତ୍ର, ଅଧ୍ୟାପକ ଓ ହଷ୍ଟେଲ କର୍ମଚାରୀଙ୍କ ସମେତ ୨୫ରୁ ଅଧିକ ଲୋକଙ୍କ ବୟାନ ରେକର୍ଡ କରାଯାଇଛି। ୨୨ ବର୍ଷୀୟ ସାହିଲ ଆଇଆଇଟି-ବମ୍ବେର ଏନର୍ଜି ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସେପ୍ଟେମ୍ବର ୧୮ ତାରିଖରେ ପରୀକ୍ଷା ଚାଲିଥିବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରିଥିବା ଅଭିଯୋଗରେ ସେ ଧରାପଡ଼ିଥିଲେ। ପୁଲିସର ସୂଚନା ଅନୁସାରେ, ପରୀକ୍ଷା ପରେ ସେ ଏକାଧିକ ବନ୍ଧୁଙ୍କୁ ଫୋନ୍ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ମହିଳା ବନ୍ଧୁଙ୍କ ସହ ଶେଷ ଥର ପାଇଁ କଥା ହୋଇଥିଲେ। ସେ ଥର୍ମୋଡାଇନାମିକ୍ସପରୀକ୍ଷା ଭଲ ହୋଇନଥିବା ଏବଂ ନକଲ କରିବା ଘଟଣା ନେଇ ଅନୁତାପ କରୁଥିବା କହିଥିଲେ। ସେହିଦିନ ସନ୍ଧ୍ୟାରେ ପୱାଇସ୍ଥିତ ଆଇଆଇଟି-ବମ୍ବେ ହଷ୍ଟେଲ ରୁମରେ ସାହିଲଙ୍କ ମୃତଦେହ ମିଳିଥିଲା। ଘଟଣାର ସମ୍ପୂର୍ଣ୍ଣ କ୍ରମ ଜାଣିବା ପାଇଁ କ୍ୟାମ୍ପସର ସିସିଟିଭି ଫୁଟେଜ୍, ଫୋନ୍ ରେକର୍ଡ ଓ ଅନ୍ୟ ଇଲେକ୍ଟ୍ରୋନିକ୍ ତଥ୍ୟ ଯାଞ୍ଚ କରାଯାଉଛି। ସାହିଲଙ୍କ ଆଇଫୋନ୍କୁ କାଲିନା ଫରେନ୍ସିକ୍ ସାଇନ୍ସ ଲାବରେଟୋରିକୁ ପଠାଯାଇଛି। ଆବଶ୍ୟକ ହେଲେ ଆପଲ୍ କମ୍ପାନିର ସହାୟତା ନିଆଯାଇପାରେ।

## ଶାହୀ ମସଜିଦ୍ ମାମଲା ଆବେଦନ ଖାରଜ କଲେ ହାଇକୋର୍ଟ

ଉଜ୍ଜୈନ, ୨୮।୯ : ଉଜ୍ଜୈନର ଶାହୀ ମସଜିଦ୍ ମାମଲାରେ ଦାଖଲ ହୋଇଥିବା ଏକ ଆବେଦନକୁ ମଧ୍ୟପ୍ରଦେଶ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ, ଜିଲ୍ଲା ପ୍ରଶାସନ ଏବଂ ଶାହୀ ମସଜିଦ୍ କମିଟି ମଧ୍ୟରେ ହୋଇଥିବା ବୁଝାମଣା ଆଧାରରେ କୋର୍ଟ ଏହି ମାମଲାର ସମାଧାନ କରିଛନ୍ତି ।ଶାହୀ ମସଜିଦ୍ କମିଟିର ପ୍ରତିନିଧିତ୍ୱ କରୁଥିବା ଓକିଲ କୁଲଦୀପ ପାଠକ କହିଛନ୍ତି ଯେ, ରାସ୍ତା ପାଇଁ ତିନି ଫୁଟ ଜାଗା ଛାଡ଼ିବା ଏବଂ କିଛି ଦୋକାନ ହଟାଇବା ନେଇ କମିଟି ଓ ପ୍ରଶାସନ ମଧ୍ୟରେ ସହମତି ପ୍ରକାଶ ପାଇଛି। ମସଜିଦର ବଡ଼ ମିନାରକୁ ଅନ୍ୟ ପାର୍ଶ୍ୱକୁ ସ୍ଥାନାନ୍ତର କରାଯିବ ଏବଂ ଦୋକାନଗୁଡ଼ିକ ପାଇଁ ବିକଳ୍ପ ସ୍ଥାନ ଯୋଗାଇ ଦିଆଯିବ।
ଏହା ପୂର୍ବରୁ ସୋମବାର ସକାଳେ ମସଜିଦର ଏକ ଅଂଶ ଭାଙ୍ଗିବାକୁ ନେଇ ତୀବ୍ର ବିରୋଧ ପ୍ରଦର୍ଶନ କରାଯାଇଥିଲା। ପୋଲିସ ଉପରକୁ ପଥରମାଡ଼ କରାଯାଇଥିଲା ଏବଂ ଜବାବରେ ପୋଲିସ ଲାଠିଚାର୍ଜ ସହ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା।

## ଦକ୍ଷିଣ ମ୍ୟାମାରରେ ବନ୍ୟା, ଭୂସ୍ଖଳନ: ୮ ମୃତ

ୟାଙ୍ଗୁନ, ୨୮।୯: ଦକ୍ଷିଣ ମ୍ୟାମାରର ତାନିନ୍ଥାରି ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଓ ଭୂସ୍ଖଳନରେ ଅତିକମରେ ୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ରୁ ୩୦ ଜଣ ନିଖୋଜ ଥିବା ଆଶଙ୍କା କରାଯାଉଛି। ସୋମବାର ସ୍ଥାନୀୟ ଉଦ୍ଧାରକାରୀମାନେ ଏହି ସୂଚନା ଦେଇଛନ୍ତି। ତେବେ ମ୍ୟାମାର ସରକାର ଏପର୍ଯ୍ୟନ୍ତ ମୃତାହତଙ୍କ କୌଣସି ଆଧିକାରିକ ସଂଖ୍ୟା ଜାରି କରିନାହାନ୍ତି। ଚାଲୁଥିବା ଗୃହଯୁଦ୍ଧ ଯୋଗୁଁ ଦୁର୍ଗମ ଅଞ୍ଚଳରେ ଉଦ୍ଧାର ଓ କ୍ଷୟକ୍ଷତି ଆକଳନ ମଧ୍ୟ କଷ୍ଟକର ହୋଇଛି। ତାନିନ୍ଥାରି ଅଞ୍ଚଳର ଲାଉଙ୍ଗଲୋନ୍ ଟାଉନସିପ୍ରେ ଶୁକ୍ରବାର ରାତିରୁ ଲଗାଣ ବର୍ଷା ହେଉଛି।

## ସୁପ୍ରିମକୋର୍ଟଙ୍କ ପରାମର୍ଶ: ଟ୍ରାଫିକ୍ ଚାଲାଣ ଆଦାୟ ନହେଲେ ତାକୁ ବିଦ୍ୟୁତ୍ ବିଲରେ ଯୋଡି ଦିଅନ୍ତୁ

ନୂଆଦିଲ୍ଲୀ, ୨୮।୯ : ସୁପ୍ରିମକୋର୍ଟ ଟ୍ରାଫିକ ଚାଲାଣ ଆଦାୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ଯଦି ଲୋକମାନେ ସେମାନଙ୍କର ଟ୍ରାଫିକ ଜରିମାନା ଦେଉନାହାଁନ୍ତି, ତେବେ ଏହାକୁ ସେମାନଙ୍କର ବିଦ୍ୟୁତ ବିଲରେ ଯୋଡାଯିବା ଉଚିତ। ସୁପ୍ରିମକୋର୍ଟ କହିଛନ୍ତି ଯେ ଲୋକ ମାନଙ୍କୁ ସେମାନଙ୍କର ବିଦ୍ୟୁତ ବିଲ୍ ଦେବାକୁ ପଡିବ, ନଚେତ୍ ସେମାନଙ୍କର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଯିବ। ଦେଶରେ ଏକ ସମାଧାନ ଖୋଜିବାକୁ ପଡିବ। ଜଷ୍ଟିସ୍ ଜେ.ବି. ପାରଦିୱାଲା କହିଛନ୍ତି ଯେ କେବଳ ଇ-ଚାଲାଣ ଜାରି କରିବା ଯଥେଷ୍ଟ ନୁହେଁ। ପୋଲିସ ଏପରି ହଜାର ହଜାର ଇ-ଚାଲାଣ ଜାରି କରିପାରିବ, କିନ୍ତୁ ପ୍ରକୃତ ପ୍ରଶ୍ନ ହେଉଛି ଇ-ଚାଲାଣ ମାଧ୍ୟମରେ ଆଦାୟ କରାଯାଇଥିବା ଜରିମାନା ଭରିବା ଜରୁରୀ। କୋର୍ଟକୁ ଅବଗତ କରାଯାଇଥିଲା ଯେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକୁ ଇ-ଚାଲାଣ ମାଧ୍ୟମରେ ୪୫ ହଜାର କୋଟି ସଂଗ୍ରହ କରିବାକୁ ପଡିବ। ଏପର୍ଯ୍ୟନ୍ତ ୨୫ ହଜାର କୋଟି ସଂଗ୍ରହ କରାଯାଇଛି। କୋର୍ଟ କହିଛନ୍ତି ଯେ, ଅଧିକାରୀମାନଙ୍କୁ ଭୂମିଗତ ବାସ୍ତବତାକୁ ଧ୍ୟାନରେ ରଖି ଭୂମି ସ୍ତରରେ କାମ କରିବାକୁ ପଡିବ। ସାଧାରଣତଃ, ଇ-ଚାଲାଣ ଜାରି ହେବା ପରେ, ଏହାକୁ ଜରିମାନା ଆଦାୟ ପାଇଁ ଏକ ନିର୍ଦ୍ଦିଷ୍ଟ କୋର୍ଟକୁ ପଠାଯାଏ। ବ୍ୟକ୍ତି କୋର୍ଟରେ ହାଜର ହୋଇ ଜରିମାନା ପୈଠ କରନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଅଧିକାରୀମାନେ ପଞ୍ଜୀକରଣ ପ୍ରମାଣପତ୍ର ନବୀକରଣ ଏବଂ ଡୁପ୍ଲିକେଟ୍ ସାର୍ଟିଫିକେଟ୍ ପ୍ରଦାନ ଉପରେ ପ୍ରତିବନ୍ଧକ ଲଗାଇବା ଉଚିତ। ମାଲିକଙ୍କ ସୂଚନା, ଇତ୍ୟାଦି ମଧ୍ୟ ନବୀକରଣ କରାଯିବା ଉଚିତ ନୁହେଁ। ସମସ୍ତ ଚାଲାଣ କ୍ଲିଅର୍ ନହେବା ପର୍ଯ୍ୟନ୍ତ ଫିଟନେସ୍ ପ୍ରମାଣପତ୍ର ମଧ୍ୟ ଜାରି କରାଯିବା ଉଚିତ ନୁହେଁ। ସୁପ୍ରିମକୋର୍ଟ କହିଛନ୍ତି ଯେ ପରିବହନ ପୋର୍ଟାଲରେ ସମ୍ପୃକ୍ତ ଯାନ ଗୁଡ଼ିକୁ କଳା ତାଲିକାଭୁକ୍ତ କରାଯିବା ଉଚିତ ଏବଂ ମାଲିକାନା ହସ୍ତାନ୍ତରକୁ ଅବରୋଧ କରାଯିବା ଉଚିତ। ଡ୍ରାଇଭିଂ ଲାଇସେନ୍ସର ନବୀକରଣ ବନ୍ଦ କରାଯିବା ଉଚିତ ଏବଂ ବିଦ୍ୟମାନ ଲାଇସେନ୍ସକୁ ସ୍ଥଗିତ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବା ଉଚିତ।

## ସୋହରାବୁଦ୍ଦିନ ଏନକାଉଣ୍ଟର ମାମଲା

## ୯୨ ସାକ୍ଷୀ ପଲଟି ଯିବା ନେଇ ଚିନ୍ତା ପ୍ରକଟ କଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ, ୨୮।୯: ୨୦୦୫ ସୋହରାବୁଦ୍ଦିନ ଶେଖ ଏନ୍‌କାଉଣ୍ଟର ମାମଲାରେ ୨୧ ପୁଲିସକର୍ମୀଙ୍କ ସମେତ ୨୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯିବାକୁ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହୋଇଥିବା ଏକ ଆବେଦନ ଉପରେ ସୋମବାର ସୁପ୍ରିମକୋର୍ଟ ଶୁଣାଣି କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ଶୁଣାଣି କରି ହାଇକୋର୍ଟରୁ ଦୋଷମୁକ୍ତ ହୋଇଥିବା ୨୨ ଅଭିଯୁକ୍ତଙ୍କୁ ନୋଟିସ ଜାରି କରିଛନ୍ତି। ୨୮ ଅକ୍ଟୋବରରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ସୋହରାବୁଦ୍ଦିନ ଶେଖର ଭାଇ ରୁବାବୁଦ୍ଦିନ ଶେଖ ବମ୍ବେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସୁପ୍ରିମକୋର୍ଟ ୯୨ ଜଣ ସାକ୍ଷୀଙ୍କ ପଲଟି ଯିବାକୁ ନେଇ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସିଜେଆଇ କହିଛନ୍ତି, ସେ କିଛି ପ୍ରମୁଖ ସାକ୍ଷୀଙ୍କ ବୟାନ ଯାଞ୍ଚ କରିବାକୁ ଚାହାନ୍ତି। ପକ୍ଷମାନେ ୩-୪ ଜଣ ସାକ୍ଷୀଙ୍କ ବୟାନ ଉପସ୍ଥାପନ କରିବା ଉଚିତ ଯାହାକୁ ସେମାନେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରନ୍ତି। କୋର୍ଟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାର ନିଷ୍ପତ୍ତି ଯାଞ୍ଚ କରିବେ। ତଥାପି କୋର୍ଟ ଆଦେଶର ଏକ ଅଂଶ, ବିଶେଷକରି ଅନୁଚ୍ଛେଦ ୪୩ ସମୀକ୍ଷା କରିବେ ନାହିଁ। ଶୁଣାଣି ସମୟରେ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ୯୨ ଜଣ ସାକ୍ଷୀ ନିଜ ବୟାନରୁ ପଲଟି ଯିବା ଉପରେ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି। ମାମଲାର ନିରପେକ୍ଷ ଓ ନ୍ୟାୟପୂର୍ଣ୍ଣ ବିଚାର ହୋଇଛି କି ନାହିଁ ତାହା ବିଚାର କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ମେ ୭ ତାରିଖରେ ବମ୍ବେ ହାଇକୋର୍ଟ ମୋଟ ୨୨ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ନିମ୍ନ ଅଦାଲତର ନିଷ୍ପତ୍ତିକୁ ବଜାୟ ରଖିଥିଲା। ୨୦୦୫ ମସିହାରେ ଗ୍ୟାଙ୍ଗଷ୍ଟର ସୋହରାବୁଦ୍ଦିନ ଶେଖ, ତା'ର ପତ୍ନୀ କୌସର ବି ଓ ସେମାନଙ୍କ ସହାୟକ ତୁଳସୀରାମ ପ୍ରଜାପତିଙ୍କୁ ପୁଲିସ ଏକ ମିଥ୍ୟା ଏନକାଉଣ୍ଟରରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

## ଟିଏମସି ନିର୍ବାଚନ ଚିହ୍ନ ବିବାଦ

## ୩ ମାସ ମଧ୍ୟରେ ସମାଧାନ କରିବାକୁ ନିର୍ବାଚନ କମିସନଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ




ନୂଆଦିଲ୍ଲୀ, ୨୮।୯ : ତୃଣମୂଳ କଂଗ୍ରେସ ଦୁଇ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ନିର୍ବାଚନ ଚିହ୍ନ ବିବାଦର ନିଷ୍ପତ୍ତି ତିନି ମାସ ମଧ୍ୟରେ ନେବାକୁ ସୋମବାର ସୁପ୍ରିମକୋର୍ଟ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ, ତିନି ମାସର ଅବଧି ଚାରି ସପ୍ତାହରୁ ଆରମ୍ଭ ହେବ, ଏହି ସମୟ ମଧ୍ୟରେ ଉଭୟ ପକ୍ଷକୁ ସମସ୍ତ ଆବଶ୍ୟକୀୟ ଜବାବ ଏବଂ ପ୍ରମାଣ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଗାମୀ ଉପନିର୍ବାଚନ ପାଇଁ ମୂଳ ଦଳୀୟ ଚିହ୍ନକୁ ଫ୍ରିଜ୍ କରିବା ପାଇଁ ନିର୍ବାଚନ କମିସନଙ୍କ ୧୭ ସେପ୍ଟେମ୍ବରର ମଧ୍ୟବର୍ତ୍ତୀକାଳୀନ ଆଦେଶ ପରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀକୁ ପୃଥକ ନାମ ଏବଂ ଚିହ୍ନ ଆବଣ୍ଟନ କରିବାର କିଛି ଘଣ୍ଟା ପରେ, ମମତା ବାନାର୍ଜୀ ସେପ୍ଟେମ୍ବର ୧୮ ତାରିଖରେ ସୁପ୍ରିମକୋର୍ଟଙ୍କର ଦ୍ୱାରସ୍ଥ ହୋଇଥିଲେ । ନିର୍ବାଚନ ପ୍ୟାନେଲ ବାନାର୍ଜୀଙ୍କ ଗୋଷ୍ଠୀକୁ ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ ନାମ ଦେଇ ଦଳକୁ ଫୁଟବଲ୍ ଖେଳାଳି ଚିହ୍ନ ଦେଇଛି। ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀକୁ ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ ଭାବରେ ମାନ୍ୟତା ଦିଆଯାଇଛି ଏବଂ ଲଫାପା ଚିହ୍ନ ଦିଆଯାଇଛି । ଏହି ବ୍ୟବସ୍ଥା ଆଗାମୀ ଉପନିର୍ବାଚନ ପାଇଁ ପ୍ରଯୁଜ୍ୟ ହେବ।

## ଆରବ ସାଗରରୁ ଆଗକୁ ବଢିବା ପାଇଁ ଆମେରିକା ସେନାର ସାହସ୍ ନାହିଁ: ଖାମେନି



ନୂଆଦିଲ୍ଲୀ, ୨୮।୯ : ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନି ଆମେରିକିୟ ସେନାକୁ ହର୍ମୁଜ୍ ପ୍ରଣାଳୀରୁ ପଛକୁ ଠେଲି ଦେଇଥିବା ଦାବି କରିଛନ୍ତି । ସେ କହିଛନ୍ତି ଯେ, ଇରାନର ସାହସୀ ଯୋଦ୍ଧା ଏବଂ ହର୍ମୁଜ୍ ରକ୍ଷକଙ୍କ ଦ୍ୱାରା ପରାଜୟ ପରେ, ଆମେରିକାର ଆଉ ଆରବ ସାଗରରୁ ଆଗକୁ ବଢ଼ିବା ପାଇଁ ସାହସ ନାହିଁ । ସେ କହିଛନ୍ତି ଯେ ଆରବ ସାଗର ଖୁବ୍ ଶୀଘ୍ର ସେମାନଙ୍କ ଉପସ୍ଥିତିରୁ ମୁକ୍ତ ହେବ । ଖାମେନିଙ୍କ ଏହି ବକ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀକୁ 'ଟ୍ରମ୍ପ୍ ପ୍ରଣାଳୀ' ଭାବରେ ନାମିତ କରିଛନ୍ତି । ଇରାନ କହିଛି ଯେ, ଏହାର ହର୍ମୁଜ୍ ପ୍ରଣାଳୀ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ଅଛି ଏବଂ କାହାର ବିବୃତ୍ତି ଏହାର ସ୍ଥିତିକୁ ପ୍ରଭାବିତ କରିବ ନାହିଁ । ଇରାନ ସେନାର ମୁଖ୍ୟ ରିଅର ଆଡମିରାଲ ହବିବୋଲ୍ଲାହ ସାୟାରି କହିଛନ୍ତି ଯେ, ଶତ୍ରୁର ବୟାନବାଜି ସତ୍ତ୍ୱେ, ହର୍ମୁଜ୍ ଇରାନର ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି । ଇରାନ ନୌସେନା ହର୍ମୁଜ୍ ର ପୂର୍ବ ଅଂଶ ଏବଂ ଉତ୍ତର ଭାରତ ମହାସାଗର ପାଇଁ ଦାୟୀ

## ପ୍ରଦୂଷଣକୁ ରୋକିବାକୁ ପ୍ରସ୍ତୁତି

## ଦିଲ୍ଲୀରେ ନଭେମ୍ବର ୧ରୁ ୱାର୍କ ଫ୍ରମ୍ ହୋମ୍ ଘୋଷଣା

ନୂଆଦିଲ୍ଲୀ, ୨୮।୯ : ଶୀତଦିନ ଆସିବା ସହିତ ଦିଲ୍ଲୀ ସରକାର ପ୍ରଦୂଷଣକୁ ରୋକିବା ପାଇଁ ନିୟମ ଏବଂ ପ୍ରତିବନ୍ଧକମୂଳକ ନିର୍ଦ୍ଦେଶ ଜାରି କରିଛନ୍ତି। ନଭେମ୍ବର ୧ ତାରିଖରୁ, ଦିଲ୍ଲୀର ସରକାରୀ ଏବଂ ଅଣ-ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ସେମାନଙ୍କ କର୍ମଚାରୀଙ୍କୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭଙ୍ଗା ଏବଂ ଯାନବାହାନ ସ୍କ୍ରାପ୍ କରିବା ଉପରେ ମଧ୍ୟ ନିଷେଧ ଲାଗୁ କରାଯାଇଛି। ଏକ ଆଦେଶରେ କୁହାଯାଇଛି ଯେ, ୧ ନଭେମ୍ବର ୨୦୨୬ ରୁ ୩୧ ଜାନୁଆରି ୨୦୨୭ ପର୍ଯ୍ୟନ୍ତ ଭଙ୍ଗା ଏବଂ ଧୂଳି ସୃଷ୍ଟି କରୁଥିବା ବାହ୍ୟ ସିଭିଲ୍ ନିର୍ମାଣ କାର୍ଯ୍ୟକଳାପକୁ ନିଷିଦ୍ଧ କରାଯାଇଛି। ଏହା ସହିତ ୧୦ ଡିସେମ୍ବର ୨୦୨୬ ରୁ ୨୦ ଜାନୁଆରି ୨୦୨୭ ପର୍ଯ୍ୟନ୍ତ ନିର୍ମାଣ ଏବଂ ଭଙ୍ଗା କାର୍ଯ୍ୟକଳାପ ଉପରେ ସମ୍ପୂର୍ଣ୍ଣ ନିଷେଧ ରହିବ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି। ୨୦୨୬ ନଭେମ୍ବର ୧ ରୁ ୨୮ ଫେବ୍ରୁଆରି ୨୦୨୭ ପର୍ଯ୍ୟନ୍ତ ବିଭିନ୍ନ ଅଫିସ ସମୟ ପରିବର୍ତ୍ତନ କରାଯାଇଛି। ଏମସିଡି ଅଧୀନରେ ଅଫିସ ସମୟ ସକାଳ ୮:୩୦ ରୁ ସନ୍ଧ୍ୟା ୫:୦୦ ପର୍ଯ୍ୟନ୍ତ ଏବଂ ଜିଏନସିଟିଡି ଅଧୀନରେ ଅଫିସ ସମୟ ସକାଳ ୧୦:୦୦ ରୁ ସନ୍ଧ୍ୟା ୬:୩୦ ପର୍ଯ୍ୟନ୍ତ ହେବ। ଏହି ସମୟରେ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ୫୦% କର୍ମଚାରୀଙ୍କ ଉପସ୍ଥାନ ସୀମା ରହିବ। ୨୦୨୬ ନଭେମ୍ବର ୧ ରୁ ୨୮ ଫେବ୍ରୁଆରି ୨୦୨୭ ପର୍ଯ୍ୟନ୍ତ ୫୦% କର୍ମଚାରୀ ଘରୁ ଏବଂ ୫୦% କାର୍ଯ୍ୟାଳୟରୁ କାମ କରିବେ। ଦିଲ୍ଲୀ ସରକାର କହିଛନ୍ତି, ବ୍ୟକ୍ତିଗତ ଯାନବାହାନ ବ୍ୟବହାରକୁ ନିରୁତ୍ସାହିତ କରିବା ପାଇଁ, ୧ ନଭେମ୍ବର ୨୦୨୬ ରୁ ୨୮ ଫେବ୍ରୁଆରି ୨୦୨୭ ପର୍ଯ୍ୟନ୍ତ ଅନୁମୋଦିତ ପାର୍କିଂ ସ୍ଥାନଗୁଡ଼ିକରେ ପାର୍କିଂ ଫି ଦୁଇଗୁଣା କରାଯିବ। ତେବେ ଏହି ନିୟମ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ମାଲିକାନା ଏବଂ ପରିଚାଳିତ ପାର୍କିଂ ସ୍ଥାନରେ ଲାଗୁ ହେବ ନାହିଁ।

## ଖାଇକୁ ଖସିଲା କାର୍ , ୫ ମୃତ

ନୂଆଦିଲ୍ଲୀ, ୨୮।୯ : ସୋମବାର ଜାମ୍ମୁ କାଶ୍ମୀରର କୁପୱାଡା ଜିଲ୍ଲାର କର୍ଣ୍ଣାହ ଅଞ୍ଚଳରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏକ ଗଭୀର ଖାଇରେ ଏକ ଗାଡ଼ି ଖସି ପଡ଼ିବାରୁ ୫ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୬ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ମହିଳା, ପୁରୁଷ ଏବଂ ପିଲା ଥିବା ଜଣାପଡ଼ିଛି । ଆହତ ମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଯାଇଛି । ଗୁରୁତର ଆହତ ମାନଙ୍କ ମଧ୍ୟରୁ କିଛିଙ୍କୁ ଚିକିତ୍ସା ପାଇଁ ଜିଏମସି ହଣ୍ଡୱାଡାକୁ ପଠାଯାଇଛି ।

## ସିଇସିଙ୍କ ଇସ୍ତଫା ଦାବି

# ହାଇଦ୍ରାବାଦ, ଲକ୍ଷ୍ନୌ, ଶ୍ରୀନଗରରେ କଂଗ୍ରେସ କର୍ମୀଙ୍କ ପ୍ରତିବାଦ



ନୂଆଦିଲ୍ଲୀ, ୨୮।୯: ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସୋମବାର କଂଗ୍ରେସ କର୍ମୀ ଦେଶର ବିଭିନ୍ନ ସ୍ଥାନରେ ଜୋରଦାର ପ୍ରଦର୍ଶନ କରିଛନ୍ତି। ଜୟପୁର, ଶ୍ରୀନଗର, ହାଇଦ୍ରାବାଦ ଓ ଲକ୍ଷ୍ନୌରେ କଂଗ୍ରେସ କର୍ମୀମାନେ ସିଇସିଙ୍କ ବିରୋଧରେ ନାରାବାଜି କରିବା ସହିତ ତାଙ୍କ ଇସ୍ତଫା ଦାବି କରିଛନ୍ତି। ରାଜସ୍ଥାନରେ ସୋମବାର କଂଗ୍ରେସ ତୀବ୍ର ପ୍ରତିବାଦ କରିଛି। ଭୋଟ ଚୋରି ଓ ଅନ୍ୟ ନିର୍ବାଚନୀ ଅନିୟମିତତା ପ୍ରସଙ୍ଗରେ ପ୍ରତିବାଦ କରି ରାଜସ୍ଥାନ କଂଗ୍ରେସ ପକ୍ଷରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟକୁ ପଦଯାତ୍ରା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା। ବ୍ୟାରିକେଡ ଭାଙ୍ଗି କଂଗ୍ରେସ କର୍ମୀ ଇସି କାର୍ଯ୍ୟାଳୟକୁ ଯିବାକୁ ଚେଷ୍ଟା କରୁଥିବାବେଳେ ସେମାନଙ୍କ ଉପରକୁ ପାଣି ମାଡ଼ ହୋଇଥିଲା। ଜୟପୁରରେ ପ୍ରତିବାଦକାରୀଙ୍କ ଉପରେ ପାଣି ତୋପ ମାଡ଼ କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍, ରାଜସ୍ଥାନ ପ୍ରଭାରୀ ସୁଖଜିନ୍ଦର ସିଂହ ରନ୍ଧାୱା, ରାଜ୍ୟ ସଭାପତି ଗୋବିନ୍ଦ ସିଂହ ଡୋଟାସ୍ରା ପ୍ରମୁଖ ବରିଷ୍ଠ କଂଗ୍ରେସ ନେତାମାନେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। କଂଗ୍ରେସ କହିଛି ଯେ, ଆନ୍ଦୋଳନକୁ ଏବେ ସାରା ରାଜ୍ୟରେ ଲୋକଙ୍କ ପାଖରେ ପହଞ୍ଚାଯିବ। ଶ୍ରୀନଗରରେ ମଧ୍ୟ କଂଗ୍ରେସ କର୍ମୀମାନେ ପ୍ରତିବାଦ କରିଥିଲେ। ଶ୍ରୀନଗରରେ କଂଗ୍ରେସ ସାଂସଦ ପବନ ଖେଡ଼ା ଏସ୍ଆଇଆର୍ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବେଆଇନ ବୋଲି କହିଛନ୍ତି। ଲକ୍ଷ୍ନୌରେ କଂଗ୍ରେସ ପ୍ରତିବାଦର ନେତୃତ୍ୱ ଅଜୟ ରାୟ ନେଇଥିଲେ। ପାଟନାରେ ଜ୍ଞାନେଶ କୁମାରଙ୍କ ବିରୋଧରେ ବାମପନ୍ଥୀ ଦଳଗୁଡ଼ିକ ପ୍ରତିବାଦ କରିଥିଲେ। ହାଇଦ୍ରାବାଦରେ ତେଲଙ୍ଗାନା ପ୍ରଦେଶ କଂଗ୍ରେସ କମିଟି ସଭାପତି ମହେଶ କୁମାର ଗୌଡ଼ଙ୍କ ନେତୃତ୍ୱରେ ଦଳୀୟ ନେତାମାନେ ଇନ୍ଦିରା ଗାନ୍ଧୀ ପ୍ରତିମୂର୍ତ୍ତିଠାରୁ ନିର୍ବାଚନ କମିଶନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରତିବାଦ ଶୋଭାଯାତ୍ରା କରିଥିଲେ। କଂଗ୍ରେସ ସାଂସଦ କିରଣ କୁମାର ଚମାଲା କହିଛନ୍ତି ଯେ, ଦଳ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ତାଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ଏକ ଅଭିଯୋଗ ଦାଖଲ କରିବ।

# ପାସପୋର୍ଟ କରାଇ ଦେବା ନାଁରେ ଠକେଇ, ଧରାପଡ଼ିଲା ଠକ

ଭୁବନେଶ୍ୱର(ନି.ପ୍ର): ପାସପୋର୍ଟ କରାଇ ଦେବା ନାଁରେ ଠକେଇ କରିଥିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣେ ଅଭ୍ୟାସଗତ ଠକକୁ ଗିରଫ କରିଛି। ଗିରଫ ଠକର ନାମ ସନ୍ତୋଷ କୁମାର ସ୍ୱାଇଁ ଓରଫ ବାପୁ (୩୪) ଓ ତାଙ୍କ ଘର ସ୍ଥାନୀୟ ଥାନା ଅନ୍ତର୍ଗତ ଗଡ଼ସାହିର ପ୍ଲଟ ନଂ ୧୨୫୪ରେ ବୋଲି ଜଣାପଡ଼ିଛି। ଏନେଇ ଡି.ଚିନ୍ତାମଣି ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ନିଜ ପାସପୋର୍ଟ ନବୀକରଣ ପାଇଁ ଭୁବନେଶ୍ୱର ପାସପୋର୍ଟ ଅଫିସକୁ ଆସିଥିଲେ । ସେ ପାସପୋର୍ଟ ଅଫିସ ସମ୍ମୁଖରେ ଠିଆ ହୋଇଥିବା ସମୟରେ ଜଣେ ଅଜଣା ବ୍ୟକ୍ତି ତାଙ୍କ ନିକଟକୁ ଆସି ନିଜକୁ ପାସପୋର୍ଟ ଅଫିସର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ସେ ଜେନା ନାମକ ଜଣେ ବ୍ୟକ୍ତିଙ୍କୁ ପାସପୋର୍ଟ ଅଫିସର ବୋଲି ପରିଚୟ କରାଇ ଅଭିଯୋଗକାରୀଙ୍କ ସହ ତାଙ୍କର କଥା ହେବାର ବ୍ୟବସ୍ଥା କରିଥିଲେ। ଅଭିଯୁକ୍ତ ଅଭିଯୋଗକାରୀଙ୍କୁ କହିଥିଲେ ଯେ, ଆବଶ୍ୟକ ଟଙ୍କା ଦେଲେ ୭ ଦିନ ମଧ୍ୟରେ ତାଙ୍କ ପୋଲିସ ଭେରିଫିକେସନ୍ ସରିଯିବ ଏବଂ ନୂଆ ପାସପୋର୍ଟ ଡାକ ଯୋଗେ ତାଙ୍କ ପାଖରେ ପହଞ୍ଚିଯିବ। ତାଙ୍କ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ଅଭିଯୁକ୍ତ ଦେଇଥିବା ଫୋନ-ପେ ନମ୍ବର ମାଧ୍ୟମରେ ୯ ହଜାର ୫ଶହ ଟଙ୍କା ଏବଂ ନଗଦ ଦୁଇ ହଜାର ଟଙ୍କା ଦେଇଥିଲେ। ଏହାପରେ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ଏକ ଜାଲ୍ ପାସପୋର୍ଟ ଆପଏଣ୍ଟମେଣ୍ଟ ଲେଟର ଦେଇଥିଲେ । କିନ୍ତୁ ପରେ ଅଭିଯୁକ୍ତ ନା ଅଭିଯୋଗକାରୀଙ୍କୁ ପାସପୋର୍ଟ ଦେଇଥିଲେ, ନା ନେଇଥିବା ଟଙ୍କା ଫେରାଇଥିଲେ। ଏଭଳି ଠକେଇର ଶିକାର ହେବା ପରେ ଅଭିଯୋଗକାରୀ ନୟାପଲ୍ଲୀ ଥାନାରେ ଆସି ଅଭିଯୁକ୍ତ ସନ୍ତୋଷ କୁମାର ସ୍ୱାଇଁ ଓରଫ ବାପୁଙ୍କ ବିରୋଧରେ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଅଳ୍ପ ସମୟରେ ପାସପୋର୍ଟ କରାଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କଠାରୁ ଟଙ୍କା ନେଉଥିଲେ । ବିଶ୍ୱାସ ଜିତିବା ପାଇଁ ସେ ଜାଲ୍ ଆବେଦନ ରସିଦ ଓ ଲିଖିତ ପ୍ରତିଶ୍ରୁତି ମଧ୍ୟ ଦେଉଥିଲେ। ଟଙ୍କା ନେବା ପରେ ଫୋନ୍ ଉଠାଉନଥିଲେ ଏବଂ ଯୋଗାଯୋଗରୁ ଦୂରେଇ ଯାଉଥିଲେ । ଏହିପରି ଭାବେ ସେ ଏକାଧିକ ଲୋକଙ୍କୁ ଠକେଇ କରିଥିବା ଜଣାପଡ଼ିଛି। । ଏହି ମାମଲାର ଅଧିକ ତଦନ୍ତ କାଳରେ, ଅଭିଯୁକ୍ତ ସନ୍ତୋଷ କୁମାର ସ୍ୱାଇଁ ପାସପୋର୍ଟ ଅଫିସ ନିକଟରେ ବୁଲୁଥିବା ସୂଚନା ପାଇ ପୋଲିସ ଚଢ଼ଉ କରି ତାଙ୍କୁ ଧରିଥିଲେ। ପଚରାଉଚରାରେ ସେ ଅଭିଯୋଗକାରୀ ଡି. ଚିନ୍ତାମଣିଙ୍କୁ ପାସପୋର୍ଟ ନବୀକରଣ କରାଇଦେବା ନାମରେ ୧୧ ହଜାର ୫ଶହ ନେଇ ଜାଲ୍ ପାସପୋର୍ଟ ଦେଇଥିବା କଥା ସ୍ୱୀକାର କରିଥିଲେ। ଅଭିଯୁକ୍ତ ସନ୍ତୋଷ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ନୟାପଲ୍ଲୀ ଥାନାରେ ୭ଟି ମାମଲା ରହିଥିବା ବେଳେ, ମଞ୍ଚେଶ୍ୱର ଥାନା ଓ କଟକ ମଙ୍ଗଳାବାଗ ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଛି ।

# ୩୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ ଓ ତାଙ୍କ ସହଯୋଗୀ

## ୩ ସ୍ଥାନରେ ଚଢ଼ଉ ଜାରି

ବଡ଼ଚଣା(ନିପ୍ର): ବକେୟା ବିଲ୍ ପୈଠ ଏବଂ ସୁରକ୍ଷା ଜମା (ସିକ୍ୟୁରିଟି ଡିପୋଜିଟ୍) ଫେରସ୍ତ ପାଇଁ ୩୫,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍‌ର ସହକାରୀ ଯନ୍ତ୍ରୀ (ଇର) ଏବଂ ତାଙ୍କ ସହଯୋଗୀ। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସହକାରୀ ଯନ୍ତ୍ରୀ ଶ୍ରୀମତୀ ବନ୍ଦିତା ଦାଶ ଏବଂ ତାଙ୍କର ଜଣେ ଘରୋଇ ସହଯୋଗୀ ସୋମନାଥ ସେଠୀ। ମିଳିଥିବା ସୂଚନା ଅନୁଯାୟୀ, ବଡ଼ଚଣା ବ୍ଲକ୍‌ରେ ଏକ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଶେଷ କରିଥିବା ଜଣେ ଠିକାଦାର ନିଜର ବକେୟା ବିଲ୍ ଏବଂ ଜମା ଥିବା ସୁରକ୍ଷା ଅର୍ଥ ଫେରସ୍ତ ପାଇଁ ଆବେଦନ କରିଥିଲେ। ମାତ୍ର ସହକାରୀ ଯନ୍ତ୍ରୀ ଶ୍ରୀମତୀ ଦାଶ ଏହି ଅର୍ଥ ମଞ୍ଜୁର କରିବା ପାଇଁ ୩୫,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଠିକାଦାର ଜଣକ ବାରମ୍ବାର ହଇରାଣ ହେବା ପରେ ବାଧ୍ୟ ହୋଇ ଏ ସମ୍ପର୍କରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ





କରିଥିଲେ। ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ପକ୍ଷରୁ ଏକ ଯୋଜନାବଦ୍ଧ ଜାଲ ବିଛା ଯାଇଥିଲା। ଆଜି (୨୮.୦୯.୨୦୨୬) ଠିକାଦାରଙ୍କ ଠାରୁ ୩୫,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ଚଢ଼ଉ କରି ଶ୍ରୀମତୀ ଦାଶ ଓ ସୋମନାଥ ସେଠୀଙ୍କୁ ରଙ୍ଗେହାତ ଧରିଥିଲା। ଗିରଫ ସମୟରେ ସେମାନଙ୍କ ନିକଟରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଲାଞ୍ଚ କାରବାର ଧରାପଡ଼ିବା ପରେ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଯାଞ୍ଚ ପାଇଁ ଶ୍ରୀମତୀ ଦାଶଙ୍କ ସହ ଜଡ଼ିତ ତିନୋଟି ସ୍ଥାନରେ ଏକକାଳୀନ ଚଢ଼ଉ ଓ ତଲାସି ଅଭିଯାନ ଜାରି ରହିଛି। ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ କେସ୍ ନଂ-୩୮ (ତା. ୨୭.୦୯. ୨୦୨୬), ପିସି (ସଂଶୋଧନ) ଆଇନ୍-୨୦୧୮ର ଧାରା-୭ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଉଭୟ ଅଭିଯୁକ୍ତଙ୍କ ବିରୋଧରେ ଅଧିକ ତଦନ୍ତ ଜାରି ରହିଛି।

# ଗୋରୁ ଚମଡା ବୋଝେଇ ଟ୍ରକ ଜବତ : ୨ ଗିରଫ

କଟକ(ନିପ୍ର): ଜଗତପୁର ଥାନା ପୋଲିସ ଗତ ରବିବାର ରାତିରେ ଗୋଟିଏ ଗୋରୁ ଚମଡା ବୋଝେଇ ଟ୍ରକ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ସ୍ଥାନୀୟ ପୂର୍ବ କଚ୍ଛର ସେକ ତାହୁର ଅହମଦ (୫୫) ଓ ଭଦ୍ରକ ପୁରୁଣା ବଜାର ଥାନା ଅନ୍ତର୍ଗତ ଚାଟା ଶଙ୍କରପୁରର ମୁଶାରଫ ଅଲ୍ଲୀ ଖାନ (୫୫) । ମିଳିଥିବା ସୂଚନା ଅନୁଯାୟୀ ରବିବାର ରାତିରେ ଏସଆଇ ରାଧାକାନ୍ତ ସେଠୀ ରାତ୍ରି ପାଟ୍ରୋଲିଙ୍ଗ କରୁଥିବା ସମୟରେ କୋଠବାଡ଼ରେ ଏକ ଟ୍ରକରେ ଗୋରୁ ଚମଡା ବୋଝେଇ ହୋଇ ଥୁଆହୋଇଥିବା ଓ ସେଥିରୁ ପ୍ରବଳ ଦୁର୍ଗନ୍ଧ ଆସୁଥିବା ନେଇ ଖବର ପାଇଥିଲେ । ଏହାପରେ ସେ ଥାନାରେ ଏକ ଡାଏରୀ କରି କିଛି ସାକ୍ଷ୍ୟ ବ୍ୟକ୍ତିଙ୍କ ସହ ପୋଲିସ କର୍ମଚାରୀ ନେଇ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଘଟଣା ସ୍ଥଳରେ ଟ୍ରକ (ଓଡି ୦୯ ବି ୭୩୮୭) ଥିବା ବେଳେ ଡ୍ରାଇଭର ସମେତ ଅନ୍ୟମାନେ ଫେରାର ହୋଇଯାଇଥିଲେ । ଗାଡ଼ିରେ ଗୋରୁ ଚମଡା ଥିବା ଜଣାପଡିଥିଲା । ଗାଡିର ନମ୍ବରରୁ ମାଲିକ ମୁଶାରଫ ବୋଲି ଜଣାପଡିବା ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଉଭୟଙ୍କୁ ଗିରଫ କରାଯାଇଥିଲା । ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

---

## ନକଲି ପନିର ମାମଲାରେ ବଡ଼ ଆକ୍ସନ୍

# ୧୧ ବ୍ୟବସାୟୀ ଓ ମଧ୍ୟସ୍ଥିଙ୍କ ନାଁରେ ଏତଲା

କଟକ(ନିପ୍ର): କଟକ ଲିଙ୍କ୍ ରୋଡରୁ ଗତ ମାସେ ତଳେ ୭୦ କ୍ୱିଣ୍ଟାଲ ଅପମିଶ୍ରିତ ପନିର ଜବତ ଘଟଣାରେ ୧୧ ଜଣଙ୍କ ନାଁରେ ଏତଲା ଦିଆଯାଇଛି । କଟକ ମଧୁପାଟଣା ଥାନାରେ କଟକ ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ଏହି ଏତଲା ଦିଆଯାଇଛି । ନିଆଳି ଅଂଚଳର ବ୍ୟବସାୟୀ ଓ ମଧ୍ୟସ୍ଥିଙ୍କ ନାମରେ ଏହି ଏତଲା ଦିଆଯାଇଛି । ହରିୟାଣା ଲ୍ୟାବରୁ ଆସିଥିବା ରିପୋର୍ଟ ଆଧାରରେ ସେଗୁଡ଼ିକ ଅପମିଶ୍ରିତ ପନିର ବୋଲି ଜଣାପଡ଼ିଥିଲା । ଟେଷ୍ଟ ସମୟରେ ଏଥିରୁ ଡିଟରଜେଣ୍ଟ ଓ ମଇଦା ମିଳିଥିଲା । ଯେଉଁମାନେ ଶୁଦ୍ଧ ପନିର ବ୍ୟବସାୟ କରୁଥିଲେ ସେମାନଙ୍କୁ ଚଢ଼ାଉ ସମୟରେ କ୍ଲିନ୍ ଚିଟ୍ ଦିଆଯାଇଥିଲା । ନିଆଳିର ସମସ୍ତ ଦୁଗ୍ଧ ବ୍ୟବସାୟୀ ଅପମିଶ୍ରଣ କରୁ ନାହାନ୍ତି, ବରଂ କିଛି ଅସାଧୁ ବେପାରୀ ଏଭଳି କରୁଛନ୍ତି ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୃପେନ୍ଦ୍ର ଶତପଥୀ କହିଛନ୍ତି ।

---

# ୧୯୬ ଗ୍ରାମ ବ୍ରାଉନ ସୁଗାର ଜବତ: ଜଣେ ଗିରଫ



କଟକ(ନିପ୍ର): ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ୟୁନିଟ ୧ ପକ୍ଷରୁ ଜଗତପୁର ନାନକାର କାର୍ତ୍ତିକେଶ୍ୱର ପୂଜା ମଣ୍ଡପ ନିକଟରେ ଚଢ଼ାଉ କରାଯାଇ ୧୯୬ ଗ୍ରାମ ବ୍ରାଉନ ସୁଗାର ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ କଟକ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ଭଗତପୁରର ଦୀପକ କୁମାର ସାହୁ (୨୮)। ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲାକୁ ନିଶାମୁକ୍ତ କରିବାକୁ ଚାଲିଥିବା ଅଭିଯାନରେ ଅବକାରୀ ଅଧିକ୍ଷକ ସମରଜିତ ଦାସଙ୍କ ନିର୍ଦ୍ଦେଶ କ୍ରମେ ଓ ଉପାଧ୍ୟକ୍ଷ ରୋଶନ ଇସୁ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିରୀକ୍ଷକ ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଅଭିଯୁକ୍ତ ନିକଟରୁ ୧୯୬ ଗ୍ରାମ ବ୍ରାଉନ ସୁଗାର, ଗୋଟିଏ ମୋବାଇଲ ଫୋନ ଓ ଗୋଟିଏ ମୋଟରସାଇକେଲ ଜବତ କରାଯାଇଛି । ଜବତ ବ୍ରାଉନ ସୁଗାରର ମୂଲ୍ୟ ୧୯ ଲକ୍ଷ ୬୦ ହଜାର ଟଙ୍କା, ବାଇକର ମୂଲ୍ୟ ୪୦ ହଜାର ଟଙ୍କା ଓ ମୋବାଇଲ ଫୋନର ମୂଲ୍ୟ ୧୫ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଲଜ୍‌ରୁ ଦମ୍ପତିଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

ଦାମନଯୋଡି(ନିପ୍ର): କୋରାପୁଟ ସହରର ଶାନ୍ତି ଲଜ କୋଠରୀରୁ ଦାମନଯୋଡି ଦମ୍ପତିଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାରକୁ ନେଇ କୋରାପୁଟ ଓ ଦାମନଯୋଡିରେ ଚାଞ୍ଚଲ୍ୟ ଖେଳିଯାଇଛି। ଲଜର ୧୧୪ ନମ୍ବର ରୁମ୍‌ରୁ ଦମ୍ପତିଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ଦମ୍ପତି ଦାମନଯୋଡ଼ି ଅଞ୍ଚଳର ବିଜୟ ଡାକୁଆ ଓ ତାଙ୍କ ପତ୍ନୀ ବିଜୟଲକ୍ଷ୍ମୀ ଡାକୁଆ ବୋଲି ଜଣାପଡ଼ିଛି । ଖବର ପାଇ କୋରାପୁଟ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି । ଏହାସହ ସାଇଣ୍ଟିଫିକ ଟିମ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି । ଦମ୍ପତିଙ୍କ ମୃତ୍ୟୁର ପ୍ରକୃତ କାରଣ କଣ, ସେ ନେଇ ପୋଲିସ ତଦନ୍ତ ଜାରି ରହିଛି । ତଦନ୍ତ ପରେ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ସ୍ପଷ୍ଟ ହେବ।

---

# ବାଇକ ଚୋର ଧରାପଡିଲା

ଭୁବନେଶ୍ୱର(ନି.ପ୍ର): ଖଣ୍ଡଗିରି ଥାନା ପୋଲିସ ସୋମବାର ଜଣେ ବାଇକ ଚୋରକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଇମ୍ରାନ ଖାଁ ଓରଫ ଏନା ଓ ତାଙ୍କ ଘର କଳିଙ୍ଗ ବିହାରରେ ବୋଲି ଜଣାପଡ଼ିଛି। ଏନେଇ ଅନନ୍ତ ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ନୟାଗଡ ଜିଲ୍ଲା କାଞ୍ଚନବିଲି ନିବାସୀ। ସେ କୌଣସି ଏକ ବ୍ୟକ୍ତିଗତ କାମ ନେଇ ଗତକାଲି ମଧ୍ୟାହ୍ନରେ ବରମୁଣ୍ଡା ଗ୍ରାମକୁ ଆସିଥିଲେ ଏବଂ ଓଭର ବ୍ରିଜ ନିକଟରେ ନିଜ ମୋଟରସାଇକେଲକୁ ପାର୍କିଂ କରିଥିଲେ। କାମ ସାରି ପ୍ରାୟ ଏକ ଘଣ୍ଟା ପରେ ସେ ମୋଟରସାଇକେଲ ପାର୍କିଂ କରିଥିବା ସ୍ଥାନକୁ ଗାଡି ନେବା ପାଇଁ ଯାଇଥିଲେ । କିନ୍ତୁ ସେଠାରେ ନିଜ ମୋଟରସାଇକେଲକୁ ଆଉ ପାଇନଥିଲେ। ଆଖପାଖ ଅଞ୍ଚଳରେ ମୋଟର ସାଇକେଲକୁ ଖୋଜାଖୋଜି କରିଥିଲେ ମଧ୍ୟ ତାହା ଆଉ ମିଳିନଥିଲା। ଫଳରେ ସେ ମୋଟରସାଇକେଲ ଚୋରି ନେଇ ଖଣ୍ଡଗିରୀ ଥାନାରେ ଅଭିଯୋଗ କରିଥିଲେ।

---

# ସାମାନ୍ୟ କଥାକୁ ନେଇ ମରଣାନ୍ତକ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର(ନି.ପ୍ର): ସାମାନ୍ୟ କଥାକୁ ନେଇ ଜଣେ ଚା ଦୋକାନୀଙ୍କୁ ଗାଳିଗୁଲଜ କରିବା ଏବଂ ତାଙ୍କ ଦୋକାନ କର୍ମଚାରୀଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ସୋମବାର ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି, ଖଣ୍ଡଗିରି ବାରାବରି ବସ୍ତିର ରାଜା ଗୌଡ଼ (୧୯) ଓ ଶୁଭମ ବେହେରା ଓରଫ ଶୁଭ (୧୯)। ଏନେଇ ସଞ୍ଜୟ କୁମାର ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ଖଣ୍ଡଗିରି ଥାନା ଅନ୍ତର୍ଗତ ତପୋବନ ବସ୍ତିରେ ରୁହନ୍ତି । ସେ ଗତ ୨୬ତାରିଖ ରାତି ପ୍ରାୟ ୮ଟା୩୦ ସମୟରେ ଖଣ୍ଡଗିରି ଛକକୁ ଯାଇଥିଲେ। ସେଠାରେ ତାଙ୍କ ପରିଚିତ ଓ ସେହି ଅଞ୍ଚଳର ଅଜୁ ମହାନ୍ତି, ଶୁଭମ ବେହେରା ଓ ରାଜା ଗୌଡ଼ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ । ପରେ ରାତି ପ୍ରାୟ ୯ଟା ସମୟରେ ଉକ୍ତ ବ୍ୟକ୍ତିମାନେ ବରମୁଣ୍ଡା ରମାମଣି ପେଟ୍ରୋଲ ପମ୍ପ ନିକଟରେ ଥିବା ଅଭିଯୋଗକାରୀଙ୍କ ଚା' ଓ ବିସ୍କୁଟ ଦୋକାନକୁ ଆସି ପୁଣି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ତାଙ୍କ କର୍ମଚାରୀ ଜୟସିଂହ ଯାଦବ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ । ନିଜକୁ ବଞ୍ଚାଇବାକୁ ପ୍ରୟାସ କରିବା ବେଳେ ଜୟସିଂହ ତଳେ ପଡ଼ିଯାଇ ପିଠିରେ ଆଘାତ ପାଇଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା । ପରେ ଡାକ୍ତର ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଏମ୍ସ ହସ୍ପିଟାଲକୁ ପଠାଇଥିଲେ। ଘଟଣାସ୍ଥଳକୁ ସ୍ଥାନୀୟ ଲୋକମାନେ ଆସିବା ଦେଖି ଅଭିଯୁକ୍ତମାନେ ସେଠାରୁ ଖସି ପଳାଇ ଯାଇଥିଲେ । ପରେ ସ୍ଥାନୀୟ ଅଞ୍ଚଳରେ ଗୋପନୀୟ ଭାବେ ପଚରାଉଚରା କରିବାରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଶୁଭମ ବେହେରା ଓରଫ ଶୁଭ ଓ ରାଜା ଗୌଡ଼ ଅଭିଯୋଗକାରୀଙ୍କ ପିଛା କରି ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ସେମାନେ ରାମାମଣି ପେଟ୍ରୋଲ ପମ୍ପ ନିକଟସ୍ଥ ଚା ଦୋକାନକୁ ଆସି ଜୟସିଂହ ଯାଦବଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ ।

# ବେଆଇନ ଲାଟେରାଇଟ ପଥର ପରିବହନ କରି ବନ୍ଧାହେଲେ

ଭୁବନେଶ୍ୱର(ନି.ପ୍ର): ବେଆଇନ ଭାବେ ଲାଟରାଇଟ ପଥର ପରିବହନ କରୁଥିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଏକ ମାମଲା ରୁଜୁ କରି ଟ୍ରକ୍ ଡ୍ରାଇଭର ଓ ମାଲିକଙ୍କୁ ଗିରଫ କରିଛି। ଗିରଫ ଟ୍ରକ୍ ଡ୍ରାଇଭରଙ୍କ ନାମ ସଞ୍ଜୟ ପାତ୍ର ଓ ମାଲିକ ଦିଲ୍ଲୀପ କୁମାର ମାଝୀ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ସୋମବାର ଚନ୍ଦକା ଥାନା ପୋଲିସ ଚନ୍ଦକା-ବାରଙ୍ଗ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ବେଆଇନ ଭାବେ ଲାଟେରାଇଟ୍ ପଥର ପରିବହନ ସମ୍ପର୍କରେ ଏକ ବିଶ୍ୱସନୀୟ ସୂତ୍ରରୁ ସୂଚନା ପାଇଥିଲେ। ସୂଚନା ଆଧାରରେ ପୋଲିସ ଅମ୍ବପଡ଼ିଆ ଅଞ୍ଚଳରେ ନଜର ରଖିଥିବା ବେଳେ, ଏକ ଟ୍ରକ ଭାଲୁଙ୍କା ପଟୁ ଦାରୁଠେଙ୍ଗ ଆଡ଼କୁ ଆସୁଥିବା ଦେଖିଥିଲେ। ପୋଲିସକୁ ଦେଖି ଡ୍ରାଇଭର ଟ୍ରକକୁ ଦ୍ରୁତ ଗତିରେ ନେଇ ଖସିଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ପୋଲିସ ଟିମ୍ ପିଛା କରି ଦାରୁଠେଙ୍ଗ ଡମ୍ପ ୟାର୍ଡ ନିକଟରେ ଟ୍ରକଟିକୁ ଅଟକାଇବାରେ ସକ୍ଷମ ହୋଇଥିଲେ। ପଚରାଉଚରା ବେଳେ ଡ୍ରାଇଭର ସଞ୍ଜୟ ପାତ୍ର, ଟ୍ରକରେ ଥିବା ଲାଟେରାଇଟ୍ ପଥର ପରିବହନ ପାଇଁ କୌଣସି ବୈଧ କାଗଜପତ୍ର ନଥିବା ସେ ସ୍ୱୀକାର କରିଥିଲେ ଏବଂ ଗାଡ଼ି ମାଲିକ ଦିଲୀପ କୁମାର ମାଝୀଙ୍କ ନିର୍ଦ୍ଦେଶରେ ସେ ପଥର ନେଇଯାଉଥିବା ପ୍ରକାଶ କରିଥିଲେ। ପୋଲିସ ଲାଟେରାଇଟ୍ ପଥର ବୋଝେଇ ଟ୍ରକଟିକୁ ଜବତ କରିଥିଲା। ଟ୍ରକ ଓ ଡ୍ରାଇଭରଙ୍କୁ ଥାନାକୁ ନେଉଥିବା ସମୟରେ ଟ୍ରକ ମାଲିକ ଦିଲୀପ କୁମାର ମାଝୀ ଏକ ସ୍କୁଟରରେ ସେଠାରେ ପହଞ୍ଚି ପୋଲିସର ସରକାରୀ କାର୍ଯ୍ୟରେ ବାଧା ଦେବା ସହ ପୋଲିସ କର୍ମଚାରୀଙ୍କ ସହ ଯୁକ୍ତିତର୍କ କରିଥିଲେ।

# ଯାତ୍ରୀ ବୁକିଂକୁ ନେଇ ଅଟୋ ଚାଳକଙ୍କୁ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର(ନି.ପ୍ର): ବିମାନ ବନ୍ଦରରୁ ଯାତ୍ରୀଙ୍କୁ ଆଣିବାକୁ ନେଇ ଜଣେ ଅଟୋ ଚାଳକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ସୋମବାର ଦୁଇଜଣ ଆକ୍ରମଣକାରୀଙ୍କୁ ଗିରଫ କରିଛି। ଗିରଫ ଦୁଇ ଆକ୍ରମଣକାରୀ ହେଉଛନ୍ତି ଓମ ସାହୁ ଓ ଦୁଃଖିଶ୍ୟାମ ବେହେରା ଓରଫ ବବୁଲ। ଏନେଇ ଚିତ୍ତରଞ୍ଜନ ସେନାପତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଚିତ୍ତରଞ୍ଜନ ସେନାପତି ଭୁବନେଶ୍ୱର ବିଜୁପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ଠାରେ ପ୍ରିପେଡ୍ ଟ୍ୟାକ୍ସି ଚାଳକ ଭାବେ କାମ କରିବା ସହ ପ୍ରିପେଡ୍ ଟ୍ୟାକ୍ସି ଆସୋସିଏସନର ସଦସ୍ୟ ଥିବା ବେଳେ, ଦୁଇ ଅଭିଯୁକ୍ତ ଓମ୍ ସାହୁ ଓ ଦୁଃଖୀଶ୍ୟାମ ବେହେରା ଓରଫ ବାବୁଲ ଅନଲାଇନ୍ ଟ୍ୟାକ୍ସି ଆସୋସିଏସନର ସଦସ୍ୟ ଅଟନ୍ତି । ଗତ ୨୭ ତାରିଖ ରାତି ପ୍ରାୟ ୧୦ଟା ୪୦ ମିନିଟ୍ ସମୟରେ ଜଣେ ଯାତ୍ରୀଙ୍କ ବୁକିଂକୁ ନେଇ ଚିତ୍ତରଞ୍ଜନ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ଏହି ବିବାଦକୁ ନେଇ ଅଭିଯୁକ୍ତ ଓମ୍ ସାହୁ ଓ ଦୁଃଖୀଶ୍ୟାମ ବେହେରା ଓରଫ ବବୁଲ ଚିତ୍ତରଞ୍ଜନଙ୍କୁ ଛୁରୀରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏଥିରେ ତାଙ୍କ ମୁଣ୍ଡରେ ରକ୍ତାକ୍ତ ଆଘାତ ଲାଗିଥିଲା । ଏହି ଗଣ୍ଡଗୋଳ ସମୟରେ ଚିତ୍ତରଞ୍ଜନଙ୍କ ଟଙ୍କା ଓ ସୁନା ଚେନ୍ ଛିଣ୍ଡି ତଳେ ପଡ଼ି ଯାଇଥିଲା। ପରେ ସେ ଖୋଜିଥିଲେ ମଧ୍ୟ ଟଙ୍କା ଓ ଚେନ୍‌ର ସନ୍ଧାନ ପାଇନଥିଲେ । ଏନେଇ ଅଭିଯୋଗକାରୀ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ।

# ବାଙ୍କୀ ଥାନା ଅଞ୍ଚଳରେ ଗୋରୁ ବୋଝେଇ ଭ୍ୟାନ ଜବତ



ବାଙ୍କୀ(ନିପ୍ର): ବାଙ୍କୀ ଥାନା ଅଞ୍ଚଳର କରବର ରଣଶଙ୍ଖ ନିକଟରୁ ଗୋରୁ ବୋଝେଇ ଏକ ଇନୋଭା କାରକୁ ଜବତ କରାଯାଇଛି। କଳାପଥର ଅଞ୍ଚଳରୁ ଗୋରୁ ବୋଝେଇ କାରଟି କଟକ ଅଭିମୁଖେ ଯାଉଥିବାବେଳେ ଗୋ ସୁରକ୍ଷା କମିଟିର ସଦସ୍ୟମାନେ ଖବର ପାଇ କରବର ନିକଟରେ ଏହାକୁ ଅଟକାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ କାର ଭିତରୁ ୫ଟି ଗୋରୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଏହି ସମୟରେ କାର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବର ପାଇ ବାଙ୍କୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଗୋରୁଙ୍କୁ ଗୋଶାଳାରେ ଛାଡ଼ିବା ସହ ଦାମୀ ଭ୍ୟାନ କାର ନଂ ଓଡି ୧୧ବି ୧୫୪୪ଟିକୁ ଜବତ କରିଛି। କେସ ନଂ ୫୨୬/୨୬ ରୁଜୁ କାରାଯାଇ ଘଟଣାର ତଦନ୍ତ ଜାରି ରହିଛି।

# ୧୯.୫ ଲିଟର ବିଦେଶୀ ମଦ ଜବତ



ଭାପୁର(ନିପ୍ର): ଫତେଗଡ଼ ଗ୍ରାମର କେଶବ ଚରଣ ସାହୁଙ୍କ ପୁଅ ପ୍ରଶାନ୍ତ କୁମାର ସାହୁ (ଛବି) ଗତ ଫେବୃଆରୀ ମାସ ୨୭ ତାରିଖ ଦିନ ଚୋରାରେ ବିଦେଶୀ ମଦ ବିକ୍ରୟ କରୁଥିବା ଅଭିଯୋଗରେ ପୋଲିସ ଦୋକାନରେ ଚଢ଼ାଉ କରି ୭୩ ଲିଟର ବିଦେଶୀ ମଦ ଜବତ ସହିତ କୋର୍ଟ ଫରୱାର୍ଡ କରିଥିଲେ। ପୁଣିଥରେ ଜାମିନିରେ ଆସି ଚୋରା ମଦ ବିକ୍ରି କରୁଥିବା ନେଇ ଫତେଗଡ଼ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଏବଂ ରବିବାର ରାତ୍ରୀରେ ଏଏସଆଇ ଭାବଗ୍ରାହୀ ମଲ୍ଲିକ ସଦଳବଳେ ଦୋକାନ ଉପରେ ଚଢ଼ାଉ କରି ୧୯.୫ ଲିଟର ବିଦେଶୀ ମଦ ଜବତ କରିବା ସହିତ ମାମଲା ନଂ ୩୩୮/୨୬ରେ ସୋମବାର କୋର୍ଟ ଫରୱାର୍ଡ କରିଥିବା ଥାନା ଅଧିକାରୀ ଅଜୟ କୁମାର ସାହୁଙ୍କ ଠାରୁ ପ୍ରକାଶ।

# ଖଣି ବିଭାଗର ଚଢ଼ାଉ: ଖଣିଜ ବୋଝେଇ ଟ୍ରକ ଜବତ



ଯୋଡା(ନିପ୍ର): କେନ୍ଦୁଝର ଜିଲ୍ଲାରେ ଖଣି ଚୋରି ରୋକିବାର ନାଁ ନେଉନି। ଜିଲ୍ଲାରେ ଏବେ ଆନ୍ତଃରାଜ୍ୟ ଲୁଟେରା ସକ୍ରିୟ ହୋଇ ଉଠିଥିବା ବେଳେ, ଖଣି ଚୋରିର ଭିନ୍ନ ଏକ ଦିଗ ସାମ୍ନାକୁ ଆସିଛି। ଏବେ ଜିଲ୍ଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରୁ ଖଣିଜ ପଦାର୍ଥ ଚୋରା ଚାଲାଣ କରୁଛନ୍ତି ଆନ୍ତଃରାଜ୍ୟ ଲୁଟେରା । ଯୋଡ଼ା ଖଣି ମଣ୍ଡଳ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲରୁ ଖଣିଜ ପଦାର୍ଥ ଚୋରିକରି ଲୁଟ୍ କରୁଛନ୍ତି ଆନ୍ତଃରାଜ୍ୟ ଲୁଟେରା । ଏଥିସହିତ, ଲିଜ୍ ଥିବା କିଛି ଖଣିରେ କାମ ହେଉନଥିବାରୁ ସେସବୁ ଖଣିକୁ ମଧ୍ୟ ଟାର୍ଗେଟ୍ କରୁଛନ୍ତି ଏହି ଲୁଟେରା । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଯୋଡା ଖଣି ମଣ୍ଡଳରେ । ଯୋଡ଼ା ଖଣି ବିଭାଗ ଚଢ଼ାଉ କରି ୩୦ ମେଟ୍ରିକ୍ ଟନ୍ ଚୋରା ଖଣିଜ ପଦାର୍ଥ ବୋଝେଇ ଟ୍ରକ ଜବତ କରିଛି। କୌଣସି ସୂତ୍ରରୁ ଖବର ପାଇ ଭୋର୍ ୪ଟା ସମୟରେ ନାଳଦା ନିକଟରେ ଚଢ଼ାଉ କରିଥିଲା ଖଣି ବିଭାଗ । ଓଡ଼ିଶା ସୀମା ପାର୍ କରିବାକୁ ଚେଷ୍ଟା କରୁଥିବା ବେଳେ, ନାଳଦା ନିକଟରେ ଏହି ଟ୍ରକ୍ ଅଟକାଇଥିଲା ଖଣି ବିଭାଗର ଟିମ୍। ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ନାଳଦା ବଡବିଲଠାରେ ସୋମବାର ଭୋର ପ୍ରାୟ ୪ଟାରେ ଯୋଡା ଖଣି ସ୍କାଡ ଦ୍ୱାରା ପ୍ରାୟ ୩୦ ମେଟ୍ରିକ ଟନ୍ ଲୁହାପଥର ଗୁଣ୍ଡ ସହିତ ଲୋଡ୍ ହୋଇଥିବା ଏକ ହାଇୱା ଓଡି-୦୯ପି-୩୦୭୪କୁ ଜବତ କରାଯାଇଛି ଓ ଜବତ ଖଣିଜର ଆନୁମାନିକ ମୂଲ୍ୟ ଏକ ଲକ୍ଷ କୋଡିଏ ହଜାର ଟଙ୍କା ହେବ ବୋଲି ଜଣାପଡିଛି । ଯାହା ବିନା ଟିପିରେ ବେଆଇନ ଭାବେ ଖଣିଜ ପରିବହନରେ ହେଉଥିଲା। ଗାଡ଼ିଟି ନାଳଦା ଦେଇ ଝାଡ଼ଖଣ୍ଡ ଅଭିମୁଖେ ଯାଉଥିବା ବେଳେ ସ୍କାଡ୍ ଗାଡ଼ିଟିକୁ ଅଟକାଇଥିଲା। ପଚରା ଉଚରା ପରେ ଜେଏମଏଫସି ବଡ଼ବିଲ କୋର୍ଟ ସମ୍ମୁଖରେ ଉପସ୍ଥାପିତ କରାଯିବ ବୋଲି ଖଣି ବିଭାଗ ସୂତ୍ରରୁ ସୂଚନା ମିଳିଛି।

## ଛାତିଥରା ଡିଜେ ସାଉଣ୍ଡକୁ ନେଇ ବଢୁଛି ଟେନସନ୍

# କେବଳ ନିୟମ କରିଦେଇ ନିରବ ଦ୍ରଷ୍ଟା ସାଜିଛି ପୋଲିସ !

କଟକ(ନିପ୍ର): ବାହାଘର ଶୋଭାଯାତ୍ରା ହେଉ ବା ଭସାଣି ଉତ୍ସବ ହେଉ ଆଖି ଝଲସା ଆଲୁଅ, ହାଇ ଭଲ୍ୟୁମ୍ ସାଉଣ୍ଡ୍। ଭଳିକି ଭଳି ଡିସ୍କୋ ଲାଇଟ୍, ଛୋଟଠୁ ବଡ଼ ଡିଜେ ବକ୍ସ୍। କାନ ତାବଦା ହୋଇଯାଉଛି। ସର୍ବାଙ୍ଗ ଥରି ଉଠୁଛି। ମସ୍ତି ଭିତରେ ଛାତିକୁ ଦୋହଲାଇ ଦେଉଛି ମ୍ୟୁଜିକ୍ ମାଡ଼। ଡିଜେର ବିକଟାଳ ଶବ୍ଦ କେତେ ଯେ ଭୟଙ୍କର ଜଟଣୀ ଗଣେଶ ଭସାଣରେ ତାର ଚିତ୍ର ଦେଖିଛି ସାରା ଓଡ଼ିଶା। ଘରର ତାଜା ଫାଟି ଜଣଙ୍କର ମୃତ୍ୟୁ ଓ ଅନେକ ଆହତ ହେବା ପରେ ଡିଜେକୁ ନେଇ ବଢିଛି ଟେନସନ୍। ରାଜ୍ୟର କୋଣ ଅନୁକୋଣରୁ ତେଜିଛି ଡିଜେ ବ୍ୟାନ୍ ଦାବି। ସାଧାରଣ ଲୋକଙ୍କ ମତରେ ଡିଜେ ବାଜିବାବେଳେ ଆଉ ବାଡ଼ବତା ରହୁନି। ଶବ୍ଦ ନିୟନ୍ତ୍ରଣ ଧର୍ମକୁ ଆଖିଠାର ଭଳି। ଅତି ଭୟାନକ ସାଜୁଛି ଭାଇବ୍ରେଟର। ମନଇଚ୍ଛା ସାଉଣ୍ଡ ବଢ଼ାଇ ଜୀବନ ସହ ଖେଳ ଚାଲିଛି। ୬୫ ଡେସିବେଲରୁ ଅଧିକ ଶବ୍ଦରେ ଡିଜେ ନ ବଜାଇବାକୁ ନିୟମ ଥିଲେ ମଧ୍ୟ କେହି ମାନୁନାହାନ୍ତି। ଫଳରେ କାହାର କାନ ପରଦା ଫାଟୁଛି ତ କାହାକୁ ହାର୍ଟଆଟାକ୍ ଆସୁଥିବା ଅଭିଯୋଗ ଆସୁଛି। ଏଣୁ ଡିଜେ ବ୍ୟାନ୍ କିମ୍ବା କମ୍ ସାଉଣ୍ଡରେ ବଜାଇବା ପାଇଁ ସଚେତନ କରିବାକୁ ମତପ୍ରକାଶ ପାଇଛି। ସେପଟେ ଡିଜେ ମାଲିକଙ୍କ ଯୁକ୍ତି- ଅନେକ ସମୟରେ ଅଧିକ ସାଉଣ୍ଡ ପାଇଁ କମିଟି ଚାପ ପକାଉଛନ୍ତି। ଆଗକୁ ଦଶହରା, ପରେ ପରେ କାଳୀ ପୂଜା। ଜମାଣିଆ ଭସାଣ ଉତ୍ସବ ପାଇଁ ଡିମାଣ୍ଡରେ ଡିଜେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କଟକ ସହରରେ ଡିଜେକୁ ସମ୍ପୂର୍ଣ୍ଣ ବ୍ୟାନ୍ କରାଯାଇଥିଲେ ମଧ୍ୟ ତାହା କେବଳ କାଗଜ ପତ୍ରରେ ବା ରେକର୍ଡରେ । ପାର୍ବଣରେ ଡିଜେ ଉପରେ ପ୍ରଶାସନ କେତେ ଅଙ୍କୁଶ ଲଗାଇପାରିବ ସେ ନେଇ ପ୍ରଶ୍ନ ଉଠିଛି। କାରଣ ଜଟଣୀରେ ଖୋଦ୍ ପୋଲିସ୍ ଉପସ୍ଥିତ ଥାଇ ମଧ୍ୟ ଡିଜେ ବାଜୁଥିବାରୁ ଏଭଳି ଅଘଟଣ ଘଟିଲା । ଡିଜେ ପାଇଁ ନିୟମ ଥାଇ ମଧ୍ୟ ନଥିଲା ଭଳି। ନା କିଏ ମାନୁଛି ନା କିଏ କଡ଼ାକଡ଼ି ଯାଞ୍ଚ କରୁଛି। ପ୍ରଶ୍ନ ଉଠୁଛି- କାହିଁକି ବାରମ୍ବାର ଡିଜେ ନିୟମର ହେଉଛି ଉଲ୍ଲଂଘନ ? ପୋଲିସ ଉପସ୍ଥିତିରେ କେମିତି ନିୟମର ଉଡୁଛି ଧଜ୍ଜିଆ ? ପୋଲିସ-ଡିଜେ ମାଲିକଙ୍କ ଭିତରେ ରହୁଛି କି ସଲାସୁତୁରା ? ଏସବୁ ବିବାଦ ଭିତରେ ଆଗକୁ କଡ଼ା ଆଭିମୁଖ୍ୟ ଗ୍ରହଣ କରିବ କି ପୋଲିସ-ପ୍ରଶାସନ ? ସାଧାରଣ ନାଗରିକଟିଏ କେବେ ଏହି ଯନ୍ତ୍ରଣାରୁ ମୁକ୍ତି ପାଇବ ସେଥିପାଇଁ ଅପେକ୍ଷା କରିଛି ଯୁବ ପିଢ଼ିଙ୍କ ରାଜୁତି । ତାଙ୍କ ବରାଦ ଅନୁଯାୟୀ ଆୟୋଜିତ ହେଉଛି ଶୋଭାଯାତ୍ରା। ତେଣୁ ପ୍ରତିବାଦ କରି ବିପଦକୁ ଆମନ୍ତ୍ରଣ କରିବାକୁ ସାଧାରଣ ଲୋକଟିଏ ସାହସ ଜୁଟାଇ ପାରୁନି। ତେଣୁ ଦେଖାଯାଉ କେବେ ଏହା ବାସ୍ତବରେ କାର୍ଯ୍ୟକାରୀ ହେଉଛି।

# ଆସିକାରେ ବିଭିନ୍ନ ଦୋକାନରୁ ବିପୁଳ ପରିମାଣର ପଲିଥିନ ଜବତ



ଆସିକା(ନିପ୍ର): ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆସିକାର ବିଭିନ୍ନ ଦୋକାନରେ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରି ବିପୁଳ ପରିମାଣର ଏକକ ବ୍ୟବହୃତ ପଲିଥିନ ଜବତ ହୋଇଛି । ଆସିକା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ୩୦ କିଲୋ ୭୮୦ଗ୍ରାମ ପଲିଥିନ ଜବତ ହୋଇଥିଲା। ଜବତ ପଲିଥିନ ଆନୁମାନିକ ମୂଲ୍ୟ ୯୧୦୦ ଟଙ୍କା ହୋଇଥିବା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି। ଆଜିର ଏହି ଚଢ଼ାଉ ଆସିକା ଲକ୍ଷ୍ମୀବଜାର, ଅଶୋକା ସିନେମାହଲ ଛକ, ବିଜୁପଟ୍ଟନାୟକ ଛକ ଆସିକା ବସଷ୍ଟାଣ୍ଡର ବିଭିନ୍ନ ଦୋକାନରେ ଚଢ଼ାଉ ହୋଇଥିଲା। ଏହି ଚଢ଼ାଉରେ ଫିଲଡ଼ ଇନ୍ସପେକ୍ଟର ନିରଞ୍ଜନ ବାହିନୀପତି, ସାନିଟାରୀ ଇନ୍ସପେକ୍ଟର ଅଜିତ କୁମାର ପଟ୍ଟନାୟକ, ସାନିଟାରି ସୁପରଭାଇଜର ଦୀପ୍ତିମୟୀ ସାହୁ, ଅଫିସ ଆସିଷ୍ଟାଣ୍ଟ ଜଗନ୍ନାଥ ବେହେରା ପ୍ରମୁଖ ସାମିଲ ଥିଲେ। ଆଗାମୀ ଦିନରେ ଏହି ଚଢ଼ାଉ ଆହୁରି ଜୋରଦାର ହେବା ନେଇ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର କହିଛନ୍ତି।

# ଜାଭେଲିନରେ ଭାରତର ଡବଲ୍ ପଦକ, ଚମକିଲେ ଯଶବୀର-ରୋହିତ



ନୂଆଦିଲ୍ଲୀ, ୨୮/୯: ଏସୀୟ କ୍ରୀଡ଼ା ୨୦୨୬ରେ ପୁରୁଷ ଜାଭେଲିନ ଥ୍ରୋ ଇଭେଣ୍ଟରେ ଭାରତର ଡବଲ ପଦକ ଦେଖିବାକୁ ମିଳିଛି । ଯଶବୀର ସିଂ ଓ ରୋହିତ ଯାଦବ ଭାରତ ପାଇଁ ପଦକ ଜିତିଛନ୍ତି । ଯଶବୀର ୮୫.୭୨ ମିଟରର ବେଷ୍ଟ ଥ୍ରୋ କରିଥିବା ବେଳେ ରୋହିତ ୮୪.୩୫ ମିଟର ଦୂରତା ହାସଲ କରିଛନ୍ତି । ଯଶବୀରଙ୍କ ପାଇଁ ଏହି ପ୍ରଦର୍ଶନ ବିଶେଷ ଗୁରୁତ୍ୱ ବହନ କରୁଛି । ସେ ୮୫.୭୨ ମିଟର ଥ୍ରୋ ସହ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି । ଏସୀୟ କ୍ରୀଡ଼ା ଦଳରେ ତାଙ୍କୁ ନୀରଜ ଚୋପ୍ରାଙ୍କ ସ୍ଥାନରେ ସାମିଲ କରାଯାଇଥିଲା । ଆହତ କାରଣରୁ ନୀରଜ ଏସୀୟ କ୍ରୀଡ଼ାରୁ ବାଦ୍ ପଡ଼ିଥିଲେ । ନୀରଜଙ୍କ ସ୍ଥାନରେ ଦଳରେ ସାମିଲ ହୋଇ ଯଶବୀର ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବା ଉଲ୍ଲେଖନୀୟ । ଯଶବୀର ଇଭେଣ୍ଟ ଆରମ୍ଭରେ ୮୩.୫୬ ମିଟର ଥ୍ରୋ କରିଥିବା ବେଳେ ପରବର୍ତ୍ତୀ ପ୍ରୟାସରେ ଦୂରତା ବଢ଼ାଇଥିଲେ । ଶେଷ ଦିଗର ଥ୍ରୋରେ ୮୫.୭୨ ମିଟର ହାସଲ କରି ନିଜ ପର୍ସନାଲ ବେଷ୍ଟକୁ ଉନ୍ନତ କରିଥିବା ଜଣାପଡ଼ିଛି । ଅନ୍ୟପଟେ ରୋହିତ ଯାଦବ ମଧ୍ୟ ଭାରତୀୟ ଜାଭେଲିନ ପାଇଁ ଗୁରୁତ୍ୱପୂର୍ଣ୍ଣ ନାମ । ୨୦୨୬ରେ ସେ ୮୭.୦୫ ମିଟର ଥ୍ରୋ କରି ନିଜ ପର୍ସନାଲ ବେଷ୍ଟ ରେକର୍ଡ କରିଥିଲେ । ଏହି ପ୍ରଦର୍ଶନ ତାଙ୍କୁ ଏସୀୟ କ୍ରୀଡ଼ା ଦଳରେ ସ୍ଥାନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଥିଲା । ଇଭେଣ୍ଟରେ ଶ୍ରୀଲଙ୍କାର ରୁମେଶ ପଥିରାଗେ ୮୮.୫୪ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏହି ଫଳାଫଳ ଭାରତୀୟ ଜାଭେଲିନ ଦଳ ପାଇଁ ଦୁଇ ଖେଳାଳିଙ୍କ ପଦକ ସଫଳତା ସହ ଏହି ଇଭେଣ୍ଟକୁ ଭାରତ ପାଇଁ ଚର୍ଚ୍ଚିତ କରିଛି । ଏହି ସଫଳତା ସହ ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟା ମଧ୍ୟ ବଢ଼ିଛି ।

# ବନ୍ୟାରେ ବୁଡ଼ିଛି ରାସ୍ତା: ରିକ୍ସାରେ ବୁହା ହେଲେ ରୋଗୀ



ବାଲେଶ୍ୱର, ୨୮/୯(ନିପ୍ର): ବନ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ରାସ୍ତାଘାଟ ଜଳମଗ୍ନ ହୋଇଛି । ଯାତାୟାତର ସମସ୍ୟା ମଧ୍ୟରେ ଗାଁକୁ ଆମ୍ବୁଲାନ୍ସ ଆସି ନପାରିବାରୁ ଗୁରୁତର ଅସୁସ୍ଥ ରୋଗୀଙ୍କୁ ରିକ୍ସାରେ ବୋହି ହସ୍ପିଟାଲ ନେବାକୁ ପଡ଼ିଛି । ଜିଲ୍ଲାର ଭୋଗରାଇ ବ୍ଲକ ନହରା ପଞ୍ଚାୟତ ମୁଣ୍ଡମାରୀ ଗାଁରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି । ପୁରୁଷୋତ୍ତମପୁର ଗ୍ରାମର ଗୀତାଞ୍ଜଳି ଧଳ ପ୍ରାୟ ୭ ଦିନ ପୂର୍ବରୁ ମୁଣ୍ଡମାରୀ ଗାଁର ରାମହରି ସେଠୀଙ୍କ ବନ୍ଧୁ ଘରକୁ ଆସିଥିଲେ । ଏହାରି ମଧ୍ୟରେ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିବାରୁ ରାସ୍ତାଘାଟ ଜଳମଗ୍ନ ହୋଇପଡ଼ିଥିଲା । ଫଳରେ ସେ ନିଜ ଘରକୁ ଫେରିପାରିନଥିଲେ । ଆଜି ହଠାତ୍ ସେ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ । ତାଙ୍କୁ ହସ୍ପିଟାଲ ନେବାକୁ ପରିବାର ଓ ସ୍ଥାନୀୟ ଲୋକେ ଚିନ୍ତାରେ ପଡ଼ିଥିଲେ । ୪ ଥର ବନ୍ୟାରେ ପକ୍କା ରାସ୍ତା ଭାଙ୍ଗିଯିବା ସହ ରାସ୍ତା ଅତ୍ୟନ୍ତ ଖରାପ ହୋଇପଡ଼ିଛି । ଯେଉଁଥିପାଇଁ ଆମ୍ବୁଲାନ୍ସ ଯିବା ଆସିବା ପାଇଁ ସୁଗମ ନଥିଲା । ଶେଷରେ ବାଧ୍ୟ ହୋଇ ଅନ୍ୟ ଉପାୟ ନପାଇ ରୋଗୀଙ୍କୁ ରିକ୍ସା ଯୋଗେ ପାଣି ଭିତର ଦେଇ ପ୍ରାୟ ୪ କିଲୋ ମିଟର କମର୍ଦ୍ଦା ମେଡିକାଲକୁ ନିଆଯାଇଥିଲା । ସେଠାରେ ଗୀତାଞ୍ଜଳିଙ୍କ ଅବସ୍ଥା ନ ସୁଧୁରିବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ବାରମ୍ବାର ବନ୍ୟାରେ ରାସ୍ତା ଭାଙ୍ଗି ଯାଉଥିବାରୁ ଏମିତି ପରିସ୍ଥିତି ଦେଖିବାକୁ ମିଳିଛି ।

# ଏମଏମଡିଆର ପ୍ରସଙ୍ଗରେ ବିଜେଡିର ଶକ୍ତି ପ୍ରଦର୍ଶନ



ଭୁବନେଶ୍ୱର, ୨୮/୯: ଓଡ଼ିଶାର ଖଣି, ଓଡିଶାର ଜମି ଉପରେ ଓଡ଼ିଶାବାସୀ ହେଉଛନ୍ତି ମାଲିକ । କିନ୍ତୁ ବିନା ଆଲୋଚନାରେ ଏହି ଗୁରୁତ୍ୱପୂର୍ଣ୍ଣ ବିଲ ପାର୍ଲିଆମେଣ୍ଟରେ ପାସ୍ ହେଇଛି । ୨୦ ବିଜେପି ସାଂସଦ ଓ ଓଡ଼ିଶା ସରକାର ବି ଚୁପ୍ ରହିଲେ । ବିଜେପି ପାଇଁ ମାଟି ନୁହେଁ ପାର୍ଟି ବଡ଼ । ଓଡ଼ିଶାର ଅଧିକାର ପାଇଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୁଁ ଲଢ଼ିବି । ସମସ୍ତେ ଲଢ଼େଇରେ ସାମିଲ ହୋଇ ଏମଏମଡିଆର ସଂଶୋଧନ ବିଲକୁ ଓଡ଼ିଶାରେ କାର୍ଯ୍ୟକାରୀ କରାଇ ଦେବା ନାହିଁ । ବିଧାନସଭା ସମ୍ମୁଖରେ ବିଜେଡିର ବିଶାଳ ଗଣବିକ୍ଷୋଭରେ ଯୋଗଦେଇ ଏହା କହିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଜେଡିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ କିଛି ବରିଷ୍ଠ ନେତା ସାମିଲ ହୋଇନଥିବା ବେଳେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ନେତା ଓ କର୍ମୀ ଯୋଗ ଦେଇଛନ୍ତି । ବିଧାନସଭା ଘେରାଉ ବେଳେ ପୋଲିସ ଶତାଧିକ ବିଜେଡି ନେତାଙ୍କୁ ଗିରଫ କରିଛି । ବିଜେଡିର ଏହି ଗଣଆନ୍ଦୋଳନରୁ ପ୍ରଶାସିକାରୁ ରାଜନେତ୍ରୀ ହୋଇଥିବା ସୁଜାତା ପାଣ୍ଡିଆନଙ୍କର ରାଜନୈତିକ ଲଂଚି ହୋଇଛି । ଏମଏମଡିଆର ଆଇନ ସଂଶୋଧନ ବିରୋଧରେ ବିଜେଡିର ହାଲ୍ଲାବୋଲ । ବିଧାନସଭା ସମ୍ମୁଖରେ ଦଳ କରିଛି ବିଶାଳ ଗଣବିକ୍ଷୋଭ । ଏହି ବିଶାଳ ବିକ୍ଷୋଭରେ ଯୋଗ ଦେଇଛନ୍ତି ଦଳର ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ରାଜ୍ୟର ହିତ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୋଧୀ ସଂଶୋଧିତ ଖଣି ଆଇନ ପ୍ରତ୍ୟାହାର ଦାବିରେ ରାଜଧାନୀ ଭୁବନେଶ୍ୱରରେ ବିଜେଡିର ବିଶାଳ ଗଣବିକ୍ଷୋଭ କରିଛି । ଖଣି ଓ ଖଣିଜ ସାମଗ୍ରୀ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ଏମଏମଡିଆର ସଂଶୋଧନ ଆଇନରେ ରାଜ୍ୟର ଅଧିକାରକୁ କ୍ଷୁଣ୍ଣ ଓ ଟିକସକୁ ଖଣି ମାଲିକଙ୍କୁ ଉପହାର ଦେବା ପ୍ରତିବାଦରେ ବିଜେଡି ପକ୍ଷରୁ ଏହି ଆନ୍ଦୋଳନ କରାଯାଉଛି ।

### ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ତୃତୀୟ ଭାଷା ନୀତିରୁ ଛାଡ କର

# ସିବିଏସଇକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୨୮/୯: ସୁପ୍ରିମକୋର୍ଟ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡକୁ ସୋମବାର ଏକ ନିର୍ଦ୍ଦେଶ ଦେଇ କହିଛନ୍ତି, ବୋର୍ଡ ପକ୍ଷରୁ ନୂତନ ଭାବେ ପ୍ରଚଳିତ ତୃତୀୟ ଭାଷା ଯୋଜନା ଅଧୀନରେ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମିଳୁଥିବା ଛାଡ ଓ ସୁବିଧାଗୁଡିକ ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପ୍ରଦାନ କରାଯିବ । ଜୁନ ୨୯ରେ ସିବିଏସଇ ପକ୍ଷରୁ ଜାରି ଏକ ବିବୃତି ଅନୁଯାୟୀ, ବର୍ତ୍ତମାନ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଦଶମ ଶ୍ରେଣୀକୁ ଉନ୍ନୀତ ଦେବା ସମୟରେ ତୃତୀୟ ଭାଷା ପାଇଁ ବୋର୍ଡ ପରୀକ୍ଷା ଦେବାକୁ ପଡିବ ନାହିଁ । ଖଣ୍ଡପୀଠ କହିଛନ୍ତି, 'ଏହାକୁ ଦୃଷ୍ଟିରେ ରଖି ଆମେ ନିର୍ଦ୍ଦେଶ ଦେଉଛୁ ଯେ ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସେହି ସମାନ ଛାଡ଼ ପ୍ରଦାନ କରାଯାଉ ଯାହା ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଦିଆଯାଇଛି ।' ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟା ବାଗଚୀ ଏବଂ ଜଷ୍ଟିସ ଭି.ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ । ସରକାରୀ ଓକିଲଙ୍କ ତଥ୍ୟରୁ ଖଣ୍ଡପୀଠ ଜାଣିବାକୁ ପାଇଥିଲେ ଯେ, ୯୯ ପ୍ରତିଶତ ବିଦ୍ୟାଳୟରେ ତୃତୀୟ ଭାଷାନୀତି କାର୍ଯ୍ୟକାରୀ କରିବା ପାଇଁ ପର୍ଯ୍ୟାପ୍ତ ସୁବିଧା ଯୋଗାଇ ଦିଆଯାଇଛି । କେବଳ ୧.୨୫ ପ୍ରତିଶତ ବିଦ୍ୟାଳୟରେ ଏପରି ସୁବିଧା ଯୋଗାଇବାକୁ ବାକି ରହିଛି । ଖଣ୍ଡପୀଠ କହିଥିଲେ, 'ଏହାକୁ ଦୃଷ୍ଟିରେ ରଖି ଆମେ ନିର୍ଦ୍ଦେଶ ଦେଉଛୁ ଯେ, ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଯେପରି ତୃତୀୟ ଭାଷାରୁ ଛାଡ କରାଯାଇଛି, ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ସେହିପରି ଛାଡ କରାଯାଉ ।' ଖଣ୍ଡପୀଠ ଛଅ ସପ୍ତାହ ପରେ ଏହି ଆବଦନର ପରବର୍ତ୍ତୀ ଶୁଣାଣୀ ପାଇଁ ଦିନ ଧାର୍ଯ୍ୟ କରିଛନ୍ତି ।

# ମୁଖ କର୍କଟ ଗବେଷଣାରେ ବ୍ରହ୍ମପୁର ଆଇଜର ଓ ନିଟ୍ ରାଉରକେଲାକୁ ବଡ଼ ସଫଳତା

**ବ୍ରହ୍ମପୁର, ୨୮/୯(ନିପ୍ର):** ମୁଖ କର୍କଟ ଚିକିତ୍ସା କ୍ଷେତ୍ରରେ ନୂଆ ଆଶା ସଞ୍ଚାର କରିଛି ଓଡ଼ିଶାର ଦୁଇ ପ୍ରମୁଖ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ମିଳିତ ଗବେଷଣା । ପୋସ୍ତ ଗଛରୁ ମିଳୁଥିବା ନୋସ୍କାପିନ୍‌ରୁ ପ୍ରସ୍ତୁତ ଏକ ନୂତନ କୋଟାର୍ନିନ୍ ଡେରିଭେଟିଭ୍‌କୁ ଭାରତୀୟ ପେଟେଣ୍ଟ ମିଳିଛି । ବ୍ରହ୍ମପୁରସ୍ଥିତ ଆଇଜର ଏବଂ ରାଉରକେଲାସ୍ଥିତ ନିଟ୍‌ର ଗବେଷକମାନେ ମିଳିତ ଭାବେ ଏହି ଯୌଗିକ ଉପରେ ଗବେଷଣା କରିଛନ୍ତି । ଗବେଷଣାରେ ବିକଶିତ ଏସ-୨୭ କୋଟାର୍ନିନ୍ ଡେରିଭେଟିଭ୍‌କୁ ଓରାଲ୍ ସ୍କ୍ୱାମସ୍ ସେଲ୍ କାର୍ସିନୋମା ବିରୋଧରେ ସମ୍ଭାବ୍ୟ ଆଣ୍ଟି-କ୍ୟାନସର୍ ଯୌଗିକ ଭାବେ ଅଧ୍ୟୟନ କରାଯାଇଛି । ତେବେ ଏହା ଏବେ ମାନବ ବ୍ୟବହାର ପାଇଁ ଅନୁମୋଦିତ ଔଷଧ ନୁହେଁ । କ୍ଲିନିକାଲ୍ ଟ୍ରାଏଲ୍ ସମେତ ଆହୁରି ବ୍ୟାପକ ପରୀକ୍ଷଣ ପରେ ହିଁ ଏହାର ଔଷଧ ଭାବେ ବ୍ୟବହାର ସମ୍ଭବ ହେବ । ମୁଖ କର୍କଟ ରୋଗର ଚିକିତ୍ସା ରୋଗର ପର୍ଯ୍ୟାୟ, ଚିକିତ୍ସା ପଦ୍ଧତିର ଜଟିଳତା ଏବଂ ଚିକିତ୍ସା କେନ୍ଦ୍ର ଅନୁସାରେ ଖର୍ଚ୍ଚାନ୍ତ ହୋଇଥାଏ । ପ୍ରଦତ୍ତ ତଥ୍ୟ ଅନୁସାରେ ଭାରତରେ ମୁଖ କର୍କଟ ଚିକିତ୍ସା ପାଇଁ ପ୍ରାୟ ୨.୫ ଲକ୍ଷରୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରେ । ଏହି ଆର୍ଥିକ ଚାପ ଅନେକ ରୋଗୀ ଓ ପରିବାର ପାଇଁ ଚିକିତ୍ସାରେ ବିଳମ୍ବର କାରଣ ହୋଇପାରେ ।

# ଦୌଡ଼କୁଦ ଖେଳାଳି ବିଥୟା ରାମରାଜ, ଜିତିଲେ ଐତିହାସିକ ବ୍ରୋଞ୍ଜ




ନୂଆଦିଲ୍ଲୀ, ୨୮/୯: ଦୀର୍ଘ ୪୨ ବର୍ଷ ପରେ ଭାଙ୍ଗିଛି ଦୌଡ଼ ରାଣୀ ପିଟି ଉଷାଙ୍କ ରେକର୍ଡ । ଏସିଆନ ଗେମ୍ସ ୨୦୨୬ରେ ଏହି ରେକର୍ଡକୁ ଭାଙ୍ଗିଛନ୍ତି ଭାରତର ଷ୍ଟାର ଦୌଡ଼କୁଦ ଖେଳାଳି ବିଥୟା ରାମରାଜ । ସେ ମହିଳା ୪୦୦ ମିଟର ହର୍ଡଲ୍ସରେ ଦେଶ ପାଇଁ ଏସିଆନ ଗେମ୍ସରେ ଜିତିଛନ୍ତି ଐତିହାସିକ ବ୍ରୋଞ୍ଜ ପଦକ । ନିଜର ବ୍ୟକ୍ତିଗତ ସର୍ବଶ୍ରେଷ୍ଠ ପ୍ରଦର୍ଶନ ୫୪.୭୫ ସେକେଣ୍ଡ ସମୟରେ ଧାର୍ଯ୍ୟ ଦୂରତାକୁ ଅତିକ୍ରମ କରି ଏପରି ସଫଳତା ପାଇଛନ୍ତି । ଏହି ଟାଇମିଂ ସହ ସେ ୧୯୮୪ରୁ କାଏମ ରହିଥିବା ଜାତୀୟ ରେକର୍ଡକୁ ମଧ ଭାଙ୍ଗି ଦେଇଛନ୍ତି । ବିଥୟା ସୋମବାର ଅନୁଷ୍ଠିତ ଫାଇନାଲରେ ସମସ୍ତ ୧୦ଟି ଯାକ ହର୍ଡଲ୍ସକୁ ଅତିକ୍ରମ କରି ନିଜର ରେକର୍ଡ ବ୍ରେକିଂ ପ୍ରଦର୍ଶନ ଜାପାନରେ ସମସ୍ତଙ୍କୁ ଦେଖାଇଛନ୍ତି । ପୂର୍ବରୁ ଜାତୀୟ ରେକର୍ଡ ଷ୍ଟାର ଆଥଲେଟ୍ ପିଟି ଉଷାଙ୍କ ନାଁରେ ଥିଲା । ସେ ୧୯୮୪ ଲସ ଆଞ୍ଜେଲ୍ସ ଆଥଲେଟରେ ୫୫.୪୨ ସେକେଣ୍ଡରେ ଦୂରତା ଅତିକ୍ରମ କରିଥିଲେ । ସେ ସୃଷ୍ଟି କରିଥିବା ଜାତୀୟ ରେକର୍ଡ ଏଯାଏ କୌଣସି ଭାରତୀୟ ଅତିକ୍ରମ କରି ପାରି ନଥିଲେ । ୨୦୨୩ରେ ବିଥୟା ସମାନ ଟାଇମିଂ ସହ ଏସିଆନ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିଥିଲେ ।

# ସୁବର୍ଣ୍ଣରେଖାରେ ବନ୍ୟା: ଡଙ୍ଗାରେ ଆସିଲେ ବର

**ବାଲେଶ୍ୱର, ୨୮/୯(ନିପ୍ର):** ବରଗାଡିରେ ଆସିଥାନ୍ତେ ହେଲେ ଆସିଲେ ଡଙ୍ଗାରେ । ଡିଜେ ବଜାଇ ବାଣ ଫୁଟାଇ ଧୁମ ଧଡାକାରେ ବରଯାତ୍ରୀଙ୍କ ସହ ଶୋଭାଯାତ୍ରାରେ ଆସିଥାନ୍ତେ କନିଆ ଘର, ହେଲେ ବେଦୀକୁ ଆସିଲେ ଦେଶୀ ଡଙ୍ଗାରେ । ବନ୍ୟା ପାଇଁ ପୂର୍ବ ଯୋଜନା ଏବଂ ପ୍ରସ୍ତୁତି ଫେଲ ମାରିଥିଲେ ବି, ହାର ମାନି ନଥିଲେ ଯୁବକ । ବିବାହ ଦିନ ବର ବେଶରେ ମାତ୍ର କେଇ ଜଣ ଆତ୍ମୀୟଙ୍କ ସହ ବିବାହ ମଣ୍ଡପରେ ପହଞ୍ଚି ଚର୍ଚ୍ଚାକୁ ଆସିଛନ୍ତି ବାଲେଶ୍ୱର ଭୋଗରାଇର ଜନୈକ ଯୁବକ । ବନ୍ୟା ବିଭୀଷିକାରେ ଚାରିଆଡେ ଜଳ ପ୍ଳାବିତ ହୋଇଯାଇଛି । ରାସ୍ତା ଘାଟ ସବୁ ବୁଡି ଯାଇଛି । ନଦୀ କେଉଁଠି ରାସ୍ତା କେଉଁଠି ଜାଣିବା ମୁସ୍କିଲ ହୋଇପଡିଛି । ଏହି ସମୟରେ ବିବାହ ପାଇଁ ବନ୍ୟା ଜଳ ଛାତି ଚିରି କନିଆ ଘରେ ପହଞ୍ଚିଛନ୍ତି ହେମନ୍ତ ପାତ୍ର । ବାଲେଶ୍ୱର ଜିଲ୍ଲାରେ ବନ୍ୟା ବିଭୀଷିକା ଲାଗି ରହିଥିବା ବେଳେ ବିବାହ ପାଇଁ ବର ଡଙ୍ଗାରେ ଯାଇ କନ୍ୟାର ଘରେ ପହଞ୍ଚିଥିବା ଦେଖିବାକୁ ମିଳିଛି । ପୂର୍ବରୁ ବିବାହ ତାରିଖ ଧାର୍ଯ୍ୟ ହୋଇ ସାରିଥିଲା ।

## ବିଧାନସଭା ସମାଚାର

# ଦେଢ଼ ଲକ୍ଷ କୋଟି ଛୁଇଁବ ରାଜ୍ୟର ଋଣଭାର

**ଭୁବନେଶ୍ୱର, ୨୮/୯(ନିପ୍ର):** ଦେଢ଼ ଲକ୍ଷ କୋଟିକୁ ଛୁଇଁବ ରାଜ୍ୟର ଋଣଭାର । ମାର୍ଚ୍ଚ ୨୦୨୭ ସୁଦ୍ଧା ରାଜ୍ୟର ଋଣଭାର ୧ ଲକ୍ଷ ୪୮ ହଜାର କୋଟିରେ ପହଁଚିବ । ସେହିପରି ରାଜ୍ୟର ମୁଣ୍ଡ ପିଛା ଋଣ ଭାର ୩୧ ହଜାର ୩୪୪ ଟଙ୍କା ରେ ପହଁଚିବ ବୋଲି ବି ଆକଳନ କରିଛନ୍ତି ସରକାର । ତେବେ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଆର୍ଥିକ ବର୍ଷ ୨୦୦୫-୦୬ ଠାରୁ ପ୍ରତିବର୍ଷ ଆହରଣ କରାଯାଉଥିବା ଋଣ ସମ୍ପୂର୍ଣ ଭାବରେ ପୁଞ୍ଜି ଖର୍ଚ୍ଚରେ ବିନିଯୋଗ କରାଯାଉଛି ଓ ଏହି ଅର୍ଥରୁ କୌଣସି ଅର୍ଥ ରାଜସ୍ୱ ବ୍ୟୟ ପାଇଁ ଖର୍ଚ୍ଚ କରାଯାଉନାହିଁ । ବିଧାନସଭାରେ ଅର୍ଥ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏନେଇ ଲିଖିତ ଉତ୍ତର ରଖିଛନ୍ତି ।

# ପନିର ଓ ଛେନା ଅପମିଶ୍ରଣ ନେଇ ସାରା ରାଜ୍ୟରେ ହୋଇଥିଲା ୧୮ଟି ସ୍ୱତନ୍ତ୍ର ଡ୍ରାଇଭ

ଭୁବନେଶ୍ୱର: ପନିର ଓ ଛେନା ଅପମିଶ୍ରଣ ନେଇ ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଉତ୍ତର ରଖିଛନ୍ତି । ସାରା ରାଜ୍ୟରେ ୧୮ଟି ସ୍ୱତନ୍ତ୍ର ଡ୍ରାଇଭ ହୋଇଥିବା ସେ କହିଛନ୍ତି । ଚଢ଼ାଉ କରି କଟକରେ ୭୧ କ୍ୱିଣ୍ଟାଲ ପନିର ନଷ୍ଟ କରାଯାଇଛି । ସେହିପରି ନିଆଳିରେ ଚଢ଼ାଉ କରି ଅପମିଶ୍ରିତକାରୀଙ୍କ ଉପରେ ବିଏନଏସ ଧାରା ୨୭୫ ରେ ତାଙ୍କ ନାଁରେ ଏତଲା କରାଯାଇଛି । ଖାଦ୍ୟ ନିରାପତ୍ତା ଆଇନ ଅନୁସାରେ ଗତ ଦୁଇ ବର୍ଷ ରେ ୯୫ ଲକ୍ଷ ୯୧ ହଜାର ଟଙ୍କାର ଜୋରିମାନା ଆଦାୟ କରାଯାଉଛି । ମୋଟ ୪୧୩ ଟି ମାମଲା ରୁଜୁ କରାଯାଇଛି । କେବଳ ଭୁବନେଶ୍ୱରରେ ୨୮୧୦ ଟି ସାମ୍ପୁଲ ସଂଗ୍ରହ ହୋଇଥିଲା । ଯେଉଁଥିରୁ ୬୨୧ଟି ଲିଗାଲ ସାମ୍ପୁଲ ବୋଲି ସେ କହିଛନ୍ତି ।

# ଗୁଟଖା, ପାନମସଲା, ସିଗାରେଟ୍‌ରୁ ରାଜକୋଷକୁ ୭,୩୪୬ କୋଟି




ଭୁବନେଶ୍ୱର: ଗୁଟଖା, ପାନମସଲା, ସିଗାରେଟ୍ ଓ ବିଡ଼ିରୁ ରାଜକୋଷକୁ ମିଳିଛି ହଜାର ହଜାର କୋଟି ଟଙ୍କାର ଟିକସ । ଗତ ୧୦ ବର୍ଷରେ ଏସବୁ ତମାଖୁଜାତ ଦ୍ରବ୍ୟରୁ ୭ ହଜାର ୩୪୬ କୋଟି ୩୧ ଲକ୍ଷ ଟଙ୍କାର ଟିକସ ଆଦାୟ ହୋଇଛି । ଅନ୍ୟପଟେ ବିଭିନ୍ନ ରାଜ୍ୟରୁ ଓଡ଼ିଶାକୁ ଆସୁଛି ପାନମସଲା, ଗୁଟଖା ଓ ସିଗାରେଟ୍ । ଗତ ୧୦ ବର୍ଷରେ ୧୯ଟି ରାଜ୍ୟରୁ ୧୧ ହଜାର ୨୦୫ କୋଟି ୬୨ ଲକ୍ଷ ୨୯ ହଜାର ୫୬୫ ଟଙ୍କାର ଗୁଟଖା, ପାନମସଲା ଓ ସିଗାରେଟ୍ ଓଡ଼ିଶାକୁ ଆସିଛି । ସର୍ବାଧିକ ପଶ୍ଚିମବଙ୍ଗରୁ ୬୬୮ କୋଟି ଟଙ୍କାର ଗୁଟଖା ଓ ପାନମସଲା ଆସିଛି । ସେହିପରି ଦେଶ ବାହାରୁ ପ୍ରାୟ ୭ କୋଟି ଟଙ୍କାର ତମାଖୁ ଓଡ଼ିଶାକୁ ଆସିଥିବା ତଥ୍ୟ ଦିଆଯାଇଛି । ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତ୍ତରରୁ ଏହି ତଥ୍ୟ ମିଳିଛି ।

# ୨ ବର୍ଷରେ ଭିଜିଲାନ୍ସ ଜାଲରେ ୩୭୦ ସରକାରୀ ବାବୁ

**ଭୁବନେଶ୍ୱର, ୨୮/୯(ନିପ୍ର):** ୨ ବର୍ଷରେ ଭିଜିଲାନ୍ସ ଜାଲରେ ପଡି ୩୭୦ ଜଣ ସରକାରୀ ବାବୁ ଗିରଫ ହୋଇଛନ୍ତି । ସେମାନଙ୍କ ଠାରୁ ୩୦୬.୪୭ କୋଟିର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରାଯାଇଛି । ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅର୍ଥାତ ସୋମବାର ଗୃହରେ ଏହି ଉତ୍ତର ରଖିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି , ୨୦୨୪ ଜୁନ ୧୨ରୁ ଚଳିତ ବର୍ଷ ସେପ୍ଟେମ୍ବର ୨୦ ମଧ୍ୟରେ ୨୮୫ ଜଣ ସରକାରୀ ଅଧିକାରୀ ଓ କର୍ମଚାରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ମୋଟ ୬୮୫ଟି ମାମଲା କୋର୍ଟରେ ବିଚାରାଧୀନ ରହିଥିବା ମୁଖ୍ୟମନ୍ତ୍ରୀ ଉତ୍ତରରେ ଉଲ୍ଲେଖ କରିଛନ୍ତି । ତେବେ ଗିରଫ ହୋଇଥିବା ୩୭୦ ଜଣଙ୍କ ମଧ୍ୟରୁ ଲାଞ୍ଚ ନେଇ ୨୪୦ ଜଣ ଏବଂ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ସମ୍ପତ୍ତି ନେଇ ୧୩୦ ଜଣ ଗିରଫ ହୋଇଛନ୍ତି ।

# ବିଜେପି ମଣ୍ଡଳ ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ

**ଆସିକା, ୨୮/୯(ନିପ୍ର):** ଧରାକୋଟ ଥାନା ଅଧୀନ କମାଶାସନ ନିକଟ ଏକ ନିଛାଟିଆ ସ୍ଥାନରେ ହରିଡ଼ାପଦର ବିଜେପି ମଣ୍ଡଳ ସଭାପତି କାଳୁ ଚରଣ ନାହାକ ଓରଫ କାଳିଆଙ୍କୁ ଅଜଣା ଦୁର୍ବୃତ୍ତମାନେ ମରଣାତ୍ମକ ଆକ୍ରମଣ କରିଛନ୍ତି । ଗୁରୁତର ଆହତ କାଳିଆଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରୁ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ୭ଟାରେ ସେ ମୋଟରସାଇକେଲ୍‌ରେ ଗୌଡ଼ଗୋଠ ଯାଉଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ । ନିଛାଟିଆ ସ୍ଥାନ ହୋଇଥିବାରୁ ଦୀର୍ଘ ସମୟ ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ହସ୍ପିଟାଲ ନେଇଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ହୋଇଥିବା ପ୍ରାଥମିକ ଭାବେ ଜଣାପଡ଼ିଛି ।

# ହାତୀ ଆକ୍ରମଣରେ ଗଲା ଚାଷୀଙ୍କ ଜୀବନ

ଢେଙ୍କାନାଳ, ୨୮।୯: ଢେଙ୍କାନାଳରେ ପୁଣି ଏକ ଦୁଃଖଦ ଘଟଣା ଘଟିଛି । ହାତୀ ଆକ୍ରମଣରେ ପୁଣି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ଖବର ଆସିଛି । ହାତୀପଲ ବାରମ୍ବାର ଗାଁମୁହାଁ ହେଉଥିବାରୁ ସମ୍ପୂର୍ଣ୍ଣ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ହିନ୍ଦୋଳ ଫରେଷ୍ଟ ରେଞ୍ଜରେ ପୁଣି ଜଣେ ଚାଷୀଙ୍କୁ କଚାଡି ମାରିଲା ହାତୀ । ମିଳିଥିବା ସୂଚନା ଅନୁଯାୟୀ ଗତ ସନ୍ଧ୍ୟାରେ ନିଜ ଧାନ ଜମି ଦେଖିବାକୁ ଯାଇଥିଲେ ବାଲିମି ଥାନା ପାଟଲା ଗାଁର ବିଷ୍ଣୁ । ସେ ବହୁତ ସମୟ ଧରି ଘରକୁ ନଫେରିବାରୁ ଘର ଲୋକ ଖୋଜା ଖୋଜି ଆରମ୍ଭ କରିଥିଲେ । ହେଲେ ରାତି ହୋଇଯିବାରୁ ନିରାଶ ହୋଇ ଫେରିଆସିଥିଲେ । ସକାଳୁ ଏକ ମୃତ ଶରୀର ଧାନ ଜମିରୁ ଠାବ ହେବା ପାଟଲା ଗାଁର ବିଷ୍ଣୁ ନାଏକଙ୍କ ଘର ଲୋକଙ୍କୁ ଶବ ଚିହ୍ନଟ କରିବା ପାଇଁ ଡକାଯାଇଥିଲା । ତେବେ ଘରଲୋକ, ମୃତ ବ୍ୟକ୍ତି ଜଣକ ବିଷ୍ଣୁ ନାଏକ ବୋଲି ଚିହ୍ନଟ କରିଥିଲେ । ଏବେ ଗାଁ ପାଖରେ ଅଛନ୍ତି ଦଳେ ହାତୀ । ଗାଁ ଲୋକେ ଭୟଭୀତ ଥିବା ବେଳେ ବିଳମ୍ବରେ ବନ ବିଭାଗ କର୍ମଚାରୀ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି ।

# ବୁଡ଼ି ଯିବାରୁ ବର୍ତ୍ତିଲା ଜାହାଜ

ପାରାଦୀପ, ୨୮।୯: ଭାରତୀୟ ତଟରକ୍ଷୀ ବାହିନୀ ଏକ ବିଦେଶୀ ପତାକା ବହନ କରୁଥିବା ଜାହାଜର ମୁଖ୍ୟ ଇଞ୍ଜିନ ବିଫଳ ହେବା ଦ୍ରୁତ ଗତିରେ ପାଣିରେ ବୁଡ଼ିଯିବା ବେଳେ ତଟରକ୍ଷୀ ବାହିନୀ ତାହାକୁ ଉଦ୍ଧାର କରିଛି । ବେଲିଜ୍ ପତାକା ବହନ କରୁଥିବା ଏମଟି ସିଗଲ୍ ୯, ୯,୦୦୦ ମେଟ୍ରିକ୍ ଟନ୍ ପାମ୍ ତେଲ ଏବଂ ୨୩ ଜଣ କ୍ରୁ ସଦସ୍ୟଙ୍କୁ ନେଇ ସେପ୍ଟେମ୍ବର ୨୭ ତାରିଖ ସକାଳ ୭.୩୦ ସମୟରେ ଏକ ବିପଦ ଡାକରା ଦେଇଥିଲା ଯେତେବେଳେ ଇଞ୍ଜିନ ବିଫଳତା ଏବଂ ଦ୍ରୁତ ଜଳ ପ୍ରବେଶ ଯୋଗୁଁ ଜାହାଜଟି ବିପଜ୍ଜନକ ଭାବରେ ଗୋଟିଏ ପାର୍ଶ୍ୱକୁ ମୋଡ଼ି ଯାଇଥିଲା । ତଟରକ୍ଷୀ ବାହିନୀ ତୁରନ୍ତ ପାରାଦୀପର ପୂର୍ବ-ଦକ୍ଷିଣପୂର୍ବରେ ପ୍ରାୟ ୩୭ ନଟିକାଲ୍ ମାଇଲ୍ ଦୂରରେ ଅବସ୍ଥିତ ତଟରକ୍ଷୀ ବାହିନୀର ବିଶ୍ୱସ୍ତଟିମ୍‌ଙ୍କୁ ସେହି ସ୍ଥାନରେ ନିୟୋଜିତ କରିଥିଲା । ସୂତ୍ର ଅନୁସାରେ ଟିମ୍ ଲିକେଜ୍ ବନ୍ଦ କରିଥିଲା ।

# ସୁନାମି ପ୍ରସ୍ତୁତିରେ ଓଡ଼ିଶାର ବଡ଼ ସଫଳତା

ଭୁବନେଶ୍ୱର, ୨୮।୯ : ସମୁଦାୟ ଭିତ୍ତିକ ବିପର୍ଯ୍ୟୟ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରି ଓଡ଼ିଶା ହାସଲ କରିଛି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ୟୁନେସ୍କୋ-ଆଇଓସିର 'ସୁନାମି ରେଡି ରିକଗ୍ନିସନ୍ ପ୍ରୋଗ୍ରାମ୍' ଅଧୀନରେ ରାଜ୍ୟର ୧୦୦ଟି ଉପକୂଳବର୍ତ୍ତୀ ଗ୍ରାମକୁ 'ସୁନାମି ରେଡି' ଭାବେ ଘୋଷଣା କରାଯାଇଛି । ୨୦୨୪ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ସମସ୍ତ ସୁନାମି ପ୍ରବଣ ଉପକୂଳବର୍ତ୍ତୀ ଗ୍ରାମକୁ 'ସୁନାମି ରେଡି' କରିବା ନେଇ ଲକ୍ଷ୍ୟ ରଖିଥିଲେ । ଏହାକୁ ଆଧାର କରି ଓଏସ୍ଡିଏମ୍ଏ ପକ୍ଷରୁ ରାଜ୍ୟର ୬ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ରମ ଲାଗୁ କରାଯାଇଥିଲା । ୨୦୨୬ରେ ଆଉ ୭୫ଟି ଗ୍ରାମକୁ ସୁନାମି ରେଡି ସ୍ୱୀକୃତି ମିଳିବା ପରେ ମୋଟ ସଂଖ୍ୟା ୧୦୦ରେ ପହଞ୍ଚିଛି । ରାଜ୍ୟର ୬ଟି ଉପକୂଳବର୍ତ୍ତୀ ଜିଲ୍ଲାର ୩୮୧ଟି ସୁନାମି ପ୍ରବଣ ଗ୍ରାମ ଓ ଜନବସତିକୁ ପର୍ଯ୍ୟାୟକ୍ରମେ ସୁନାମି ପ୍ରସ୍ତୁତ କରିବା ଲକ୍ଷ୍ୟ ରହିଛି । ୨୬ ଓ ୨୭ ସେପ୍ଟେମ୍ବରରେ ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକର କ୍ଷେତ୍ର ଯାଞ୍ଚ ପରେ ଜାତୀୟ ସୁନାମି ରେଡି ବୋର୍ଡର ସଦସ୍ୟମାନେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେର ମନ୍ତ୍ରୀ ବୋର୍ଡର ପ୍ରୟାସ ଓ ଉପକୂଳବର୍ତ୍ତୀ ସମୁଦାୟର ପ୍ରସ୍ତୁତିକୁ ପ୍ରଶଂସା କରିବା ସହ ମାର୍ଗଦର୍ଶନ ପ୍ରଦାନ କରିଥିଲେ ।

# ରେଳପଥ ଦୋହରୀକରଣକୁ ୧୨୨ କୋଟି ମଞ୍ଜୁର

ଭୁବନେଶ୍ୱର, ୨୮।୯: ୬ କିମି ରେଳପଥର ହେବ ଦୋହରୀକରଣ । ୮.୯ ଏମଟିପିଏ ଅତିରିକ୍ତ ମାଲ ପରିବହନ କ୍ଷମତା, ଖଣିଜ କରିଡରକୁ ମିଳିବ ଗତି । ଲୁହାପଥର ପରିବହନକୁ ସମର୍ଥନ କରିବା ସହିତ ଖଣିଜ କରିଡରକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତର କ୍ଷମତା ଆବଶ୍ୟକତାକୁ ପୂରଣ କରିବା ପାଇଁ ଦ୍ୱିଗୁଣିତ କରିବ । ଯାହା ବଡ଼ବିଲ-ବଲାଣି ଖାଦନ ରେଳପଥ ଦୋହରୀକରଣକୁ ମିଳିଛି ୧୨୨କୋଟି ଆର୍ଥିକ ମଞ୍ଜୁରୀ । ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ଏହି ପ୍ରକଳ୍ପରେ ୮.୯ ଏମଟିପିଏ ଅତିରିକ୍ତ ମାଲ ପରିବହନ ସୁବିଧା ଯୋଗାଇବ । ଦୋହରୀକରଣ ଦ୍ୱାରା ମାଲବାହୀ ଟ୍ରେନଗୁଡ଼ିକର ବିଳମ୍ବ ହ୍ରାସ କରିବାରେ ମଧ୍ୟ ସହଯୋଗ ହେବ । ଭାରତୀୟ ରେଳବାଇର 'ଶକ୍ତି, ଖଣିଜ ଏବଂ ସିମେଣ୍ଟ କରିଡର' ଅଧୀନରେ ବାଡ଼ବିଲ-ବୋଲାଣି ଖାଦାନ ସେକ୍ସନକୁ ଚିହ୍ନଟ କରାଯାଇଛି ।

# ୫୦ ହଜାର ଟଙ୍କାର ଷ୍ଟାମ୍ପ ଡ୍ୟୁଟି ପ୍ରସ୍ତାବ

ଭୁବନେଶ୍ୱର, ୨୮।୯: ରାଜ୍ୟରେ ଆପାର୍ଟମେଣ୍ଟ ୟୁନିଟ୍‌ଗୁଡ଼ିକର ପଞ୍ଜୀକରଣ ଏବଂ ହସ୍ତାନ୍ତର ପ୍ରକ୍ରିୟାକୁ ସରଳ କରିବା ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାର ଆପାର୍ଟମେଣ୍ଟ ପ୍ରୋଜେକ୍ଟର ସାଧାରଣ ସ୍ଥାନ ଓ ସୁବିଧାଗୁଡ଼ିକୁ ପ୍ରମୋଟରଙ୍କ ଠାରୁ ଆବଣ୍ଟନ ଗ୍ରହୀତାଙ୍କ ସଂଘକୁ ହସ୍ତାନ୍ତର କରିବା ଉପରେ ୫୦,୦୦୦ ଟଙ୍କାର ଷ୍ଟାମ୍ପ ଡ୍ୟୁଟି ପ୍ରସ୍ତାବ ଦେଇଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ଓଡ଼ିଶା ବିଧାନସଭାରେ 'ଇଣ୍ଡିଆନ୍ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ) ବିଲ୍, ୨୦୨୬' ଉପସ୍ଥାପନ କରିଛନ୍ତି ।

# କୂଅରୁ ବାର୍‌ହା ଉଦ୍ଧାର, ଜଙ୍ଗଲରେ ଛାଡ଼ିବା ପରେ ମୃତ୍ୟୁ

**ନିରାକାରପୁର, ୨୮/୯(ନିପ୍ର):** ନିରାକାରପୁର ଥାନା ପଛପଟ ଅଞ୍ଚଳର ଜଣେ ଗ୍ରାମବାସୀଙ୍କ କୂଅରୁ ବନ ବିଭାଗ ଏକ ବାରହାକୁ ଉଦ୍ଧାର କରିଛି । ଗତକାଲି ରାତିରେ ଖାଦ୍ୟ ସନ୍ଧାନରେ ଆସି ବାରହାଟି କୂଅରେ ପଡ଼ିଯାଇଥିଲା । ସକାଳେ ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ । ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବାରହାକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ । ତେବେ ଦୀର୍ଘ ସମୟ ଧରି ପାଣିରେ ରହିବା ଓ ଅଣନିଶ୍ୱାସୀ ହୋଇପଡ଼ିବା କାରଣରୁ ଜଙ୍ଗଲରେ ବାରହାଟିର ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

# ଆଜି ଏମଏମଡିଆର ବିଲ୍ ବିରୋଧରେ ଆନ୍ଦୋଳନ କରିବ କଂଗ୍ରେସ

ଭୁବନେଶ୍ୱର, ୨୮/୯(ନିପ୍ର): ଆସନ୍ତାକାଲି କଂଗ୍ରେସ ଏମଏମଡିଆର ବିରୋଧରେ ଆନ୍ଦୋଳନ କରିବ । ରାଜ୍ୟରୁ ଯାଇଥିବା ୨୦ ସାଂସଦ ସାଂସଦରେ ପାଟି ଖୋଲିଲେ ନାହିଁ । ଏହାକୁ ପ୍ରତିବାଦ କରାଯିବ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି । ସେ କହିଛନ୍ତି ଯେ, ରାଜ୍ୟର ହକ୍ ପାଇଁ ଲଢେଇ ହେବ । ଆମେ ଏ ପ୍ରସଙ୍ଗ ପ୍ରଥମେ ବିଧାନସଭାରେ ଉଠାଇଲୁ । ପରେ ବିଜେଡି ଆମକୁ ସମର୍ଥନ କରିଛି ବୋଲି ସେ କହିଛନ୍ତି ।

# ପାଣି ଟାଙ୍କି ଥାଇ ମଧ ପାଣି ନାହିଁ, ପ୍ରଶାସନକୁ ଗୁହାରି କଲେ ମହିଳା



ନବରଙ୍ଗପୁର, ୨୮/୯(ନିପ୍ର): ଡାବୁଗାଁ ବ୍ଲକ ଅନ୍ତର୍ଗତ ଗିରଲିଗୁଡା ଗ୍ରାମ ନିକଟ ମହିମା ପଦରରେ ପାନୀୟ ଜଳ ସଙ୍କଟ ନେଇ ମହିଳାମାନେ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି । ସୂଚନା ଅନୁଯାୟୀ, ପ୍ରାୟ ୫ ବର୍ଷ ତଳେ ଏଠାରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା । ହେଲେ ଗତ କିଛି ମାସ ହେଲା ଟାଙ୍କିରୁ ପାଇପ୍ ଯୋଗେ ପାଣି ଯୋଗାଣ ବନ୍ଦ ହୋଇଯାଇଛି । ଫଳରେ ଗ୍ରାମବାସୀ ପାଣି ପାଇଁ ଡହଳ ବିକଳ ହେଉଛନ୍ତି । ଆଜି ଗ୍ରାମର ଶତାଧିକ ମହିଳା ପାଣି ଟାଙ୍କି ନିକଟରେ ଏକାଠି ହୋଇ ଏହାର ଶୀଘ୍ର ସମାଧାନ ପାଇଁ ଦାବି କରିଛନ୍ତି । ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ଟାଙ୍କି ଥାଇ ମଧ ଘରକୁ ପାଣି ଆସୁନାହିଁ । ବାଧ୍ୟ ହୋଇ ଦୂର ନଳକୂପ ଓ ଚୁଆ ଉପରେ ନିର୍ଭର କରିବାକୁ ପଡୁଛି । ତୁରନ୍ତ ପାଣି ଯୋଗାଣ ସ୍ୱାଭାବିକ କରିବା, ଟାଙ୍କି ପରିସର ସଫା ରଖିବା ଏବଂ ଗିରଲିଗୁଡା ଗ୍ରାମରେ ଆଉ ଏକ ବୋରୱେଲ ନିର୍ମାଣ କରିବା ପାଇଁ ମହିଳାମାନେ ବିଭାଗୀୟ ଅଧିକାରୀ ଓ ବ୍ଲକ ପ୍ରଶାସନକୁ ଅନୁରୋଧ କରିଛନ୍ତି । ଅପରପକ୍ଷେ ଏ ନେଇ ଡାବୁଗାଁ ଜଳ ଯୋଗାଣ ବିଭାଗ ଅଧିକାରୀ ଅବଗତ ନଥିବା ଜଣାପଡିଛି । ଟାଙ୍କି ଥିବା ସ୍ଥାନ ଅପରିଷ୍କାର ଅବସ୍ଥାରେ ପଡିରହିଛି । ଏପରି ଅନେକ ସ୍ଥାନରେ ସମସ୍ୟା ଥିବା ବେଳେ ଅଧିକାରୀ ଚୁପ୍ ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ବ୍ଲକ ଘେରାଉ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି ।

**AFFIDAVIT**

By virtue of an affidavit sworn before The Executive Magistrate, Chatrapur, Ganjam dtd.28.09.2026, I, Reetu Parna Mallik D/o-Babula Mallik, At-Bhaskar Rao, Peta Street Chatrapur, Po/Ps-Chatrapur, Dist-Ganjam, Pin-761020 do hereby declare that, I have changed my name from Rituparna Mallik to Reetu Parna Mallik. Henceforth I shall be known as Reetu Parna Mallik for all purposes.

Sd/-Reetu Parna Mallik

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ